'ବ୍ୟଙ୍ଗ ପ୍ରମାଦ'



ମଧ୍ୟ ପ୍ରାଚ୍ୟ ଯୁଦ୍ଧ ବନ୍ଦ ହେବ କି ?
ଆମେରିକା-ଇରାନ ହବ ଅବା ଶାନ୍ତି ଚୁକ୍ତି।।
ଅଶାନ୍ତ ବିଶ୍ୱ ଶାନ୍ତ ହୋଇବ
ଦୂର ହେବ ଭୟ ଭ୍ରାନ୍ତି।।
ରୋଷେଇ ଶାଳକୁ ଗ୍ୟାସ ଆସିବ
ଚିନ୍ତାରୁ ମିଳିବ ମୁକ୍ତି।।
ଯାନବାହାନକୁ ତେଲ ମିଳିଯିବ
ବଦଳିବ ଅର୍ଥନୀତି।।


# ଜନବାର୍ତ୍ତା

## ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)


ADVERTISEMENT TARIFF

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE COVER | RS. 80,000.00 |
| FULL PAGE INNER | RS. 80,000.00 |
| HALF PAGE FR/BK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |



PRGI NO-ORORI/26/A0341 ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ Weekly (ସାପ୍ତାହିକ) www.janabartta.com

VOL-1 | ISSUE-15 | BHUBANESWAR | 31 May to 06 Jun, 2026 | Rs–8/- | ବର୍ଷ–୧ | ସଂଖ୍ୟା–୧୫ | ଭୁବନେଶ୍ୱର | ୩୧ ମଇ ରୁ ୦୬ ଜୁନ୍, ୨୦୨୬ | ପୃଷ୍ଠା–୮ | ମୂଲ୍ୟ–୮ଟଙ୍କା


# ଓଡ଼ିଶା ମୁହାଁ ବାଲାଂଦେଶୀ



ଭୁବନେଶ୍ୱର, ୩୦/୦୫ (ପ୍ରମୋଦ ସାମନ୍ତରାୟ) : ନିକଟରେ ଅନୁଷ୍ଠିତ ନିର୍ବାଚନ ଫଳାଫଳ ପ୍ରକାଶ ପାଇଲା ପରେ ପଶ୍ଚିମବଙ୍ଗ ରାଜନୀତିରେ ନୂଆ ମୋଡ ଆସିଛି। ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଲା ପରେ ଅନୁପ୍ରବେଶକାରୀ ବାଲାଂଦେଶୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏସଆଇଆର ଚିହ୍ନଟ ପକ୍ରିୟାରେ ନବେ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ତାଲିକରୁ କଟିଛି। ସେମାନଙ୍କ ପରିବାର ମମତା ସରକାରଙ୍କ ସମୟରେ ନିର୍ଭୟରେ ଥିଲା ବେଳେ ଏବେ ପଶ୍ଚିମବଙ୍ଗ ଛାଡ଼ି କେତକ ବାଲାଂଦେଶ ସୀମାରେ ଭିଡ଼ ଜମାଇଥିବାର ଦେଖିବାକୁ ମିଳୁଛି। ଯେଉଁମାନେ ଦୋକାନ ବଜାର କରିଥିଲେ ସେମାନଙ୍କୁ ଉଚ୍ଛେଦ କଲା ପରେ ସେମାନେ ସମୁଦ୍ର ପଥ ଦେଇ ଓଡିଶାର କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଓ ରାଜନଗର ଅଞ୍ଚଳରେ ସେମାନଙ୍କ ଭାଷାଭାଷୀ ଲୋକଙ୍କ ସାହାର୍ଯ୍ୟରେ ସେଠାରେ ରହିବା ପାଇଁ ମସୁଧା ଚଳାଇଛନ୍ତି। ଯଦିବା ପଶ୍ଚିମବଙ୍ଗ ଓ ଓଡ଼ିଶାରେ ବିଜେପି ସରକାର ରହିଛି କିନ୍ତୁ ଶୁଭେନ୍ଦୁ ଅଧିକାରୀ ଆକ୍ସନ ମୋଡ଼ରେ ଥିଲାବେଳେ ମୋହନ ସରକାର ଏଥିରେ ଶିଥିଳତା ପଡ଼ିଥିବା ଦେଖିବାକୁ ମିଳୁଛି। ଏହା ପୂର୍ବରୁ ଓଡ଼ିଶାରେ ବାଲାଂଦେଶୀମାନେ ବେଆଇନ ଭାବେ ବସବାସ କରୁଥିବା ବେଳେ ସେମାନଙ୍କୁ ରାଜ୍ୟରୁ ହଟାଇବାରେ ମୋହନ ସରକାର ବିଫଳ ହୋଇଛନ୍ତି। ବିଧାନସଭା ତଥ୍ୟ ଅନୁଯାୟୀ, ୨୦୨୧ ମସିହା ସୁଦ୍ଧା ରାଜ୍ୟରେ ୩୭୪୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ବିଭିନ୍ନ ଜିଲ୍ଲାରେ ବସବାସ କରୁଛନ୍ତି । ଆଉ ଏକ ତଥ୍ୟରେ କୁହାଯାଇଛି, ୨୦୨୪ରୁ ୨୦୨୬ ମଧ୍ୟରେ ୭୭ ଜଣ ଅବୈଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି । ଅର୍ଥାତ ଅନେକ ବଂଲାଦେଶୀ ଅନୁପ୍ରବେଶକାରୀ ଏବେ ସାରା ରାଜ୍ୟରେ ବିଭିନ୍ନ ବେଉସା କରି ଏଠାରେ ଜୀବନ ବିତାଉଛନ୍ତି । ହେଲେ ସରକାର ସେମାନଙ୍କୁ ସଠିକ୍ ଭାବେ ଚିହ୍ନଟ କରିବାରେ ବିଫଳ ହୋଇଛନ୍ତି ।

ପାକିସ୍ତାନ ଠାରୁ ବାଲାଂଦେଶ ସ୍ୱାଧିନତା ପାଇବା ସମୟରେ ହଜାର ହଜାର ବାଲାଂଦେଶୀଙ୍କୁ ମାଲକାନାଗିରି ଓ ଉମରକୋଟରେ ଥଇଥାନ କରାଯାଇଥିଲା। ଆଦିବାସୀଙ୍କ ଭିଟାମାଟି ଓ ଜୀବନଜୀବିକା ଜଙ୍ଗଲରୁ ସେମାନଙ୍କୁ ଥଇଥାନ ପାଇଁ ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କ ଭାଇବନ୍ଧୁ ପରବର୍ତ୍ତୀ ସମୟରେ ଏହି ସବୁ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଘରୋଇ ବସ ମାଲିକ ସଂଘର ଚେତାବନୀ

ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ରାଜ୍ୟ ସରକାରଙ୍କୁ ୧୦ ଦିନର ଅଲଟିମେଟମ୍ ଦେଇଛି ଘରୋଇ ବସ୍ ମାଲିକ ସଂଘ। ଭଡ଼ା ବୃଦ୍ଧି ସମ୍ପର୍କିତ ଦାବି ପୂରଣ ନ ହେଲେ ବସ୍ ଚଳାଚଳ ବନ୍ଦ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଡିଜେଲ ମୂଲ୍ୟ ବୃଦ୍ଧି, ଯାନ ରକ୍ଷଣାବେକ୍ଷଣ ଖର୍ଚ୍ଚ ଓ ଅନ୍ୟାନ୍ୟ ବ୍ୟୟ ବଢ଼ିବାରୁ ବର୍ତ୍ତମାନର ଭଡ଼ା ହାରରେ ବସ୍ ଚଳାଇବା କଷ୍ଟସାଧ ହୋଇପଡ଼ିଛି। ଏହିପରି ପରିସ୍ଥିତିରେ ଭଡ଼ା ବୃଦ୍ଧି କରିବା ଦାବି ଦୀର୍ଘଦିନ ଧରି ଉଠାଯାଉଥିଲେ ମଧ୍ୟ ସରକାର ପକ୍ଷରୁ କୌଣସି ସ୍ପଷ୍ଟ ନିଷ୍ପତ୍ତି ନିଆଯାଉନାହିଁ। ସମ୍ପ୍ରତି ହୋଇଥିବା ବୈଠକ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## କର୍ଲାପାଟ ବକ୍ସାଇଟ୍ ସମେତ ୧୧ଟି ବୃହତ୍ ଖଣିର ନିଲାମ ଆରମ୍ଭ

ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ଚଳିତଥର ରାଜ୍ୟ ସରକାର କର୍ଲାପାଟ ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ଥିବା କର୍ଲାପାଟ ବକ୍ସାଇଟ୍ ଖଣି ବ୍ଲକକୁ ନିଲାମ ପାଇଁ ପଦକ୍ଷେପ ନେଇଛନ୍ତି। ଏହି ବକ୍ସାଇଟ୍ ଖଣି ପାଇଁ ରାଜ୍ୟ ସରକାର ଅଭୟାରଣ୍ୟର ପ୍ରାୟ ୪.୩୨ବର୍ଗ କିମି ଅଂଚଳକୁ ହ୍ରାସ କରିଦେଇଥିବା ଜଣାପଡ଼ିଛି। ରାଜ୍ୟ ସରକାର ବକ୍ସାଇଟ୍ , ଲୁହାପଥର, ମାଙ୍ଗାନିଜ, ଆଲୁମିନିୟମଯୁକ୍ତ ଲାଟେରାଇଟ୍ ଓ ଚୂନପଥର ଭଳି ଖଣିଜ ସମ୍ପଦ ଗଚ୍ଛିତ ଥିବା ୫ଟି ଜିଲ୍ଲାର ୧୧ଟି ବୃହତ୍ ଖଣିଜ ବ୍ଲକକୁ ନିଲାମ ପାଇଁ ଶୁକ୍ରବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। କଳାହାଣ୍ଡି, ରାୟଗଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ବରଗଡ଼ ଜିଲ୍ଲାରେ ଅବସ୍ଥିତ ଏହି ଖଣି ବ୍ଲକଗୁଡ଼ିକ ଅନଲାଇନ ବା ଇ-ନିଲାମ ପ୍ରକ୍ରିୟାରେ ହେବ। ଏଥିପାଇଁ ଆସନ୍ତା ଜୁଲାଇ ୧୩ତାରିଖ ସୁଦ୍ଧା ବିଡ୍ ଦାଖଲ କରିବାକୁ ସମୟସୀମା ଧାର୍ଯ୍ୟ ହୋଇଛି। ତେବେ ଚଳିତଥର ରାଜ୍ୟ ସରକାର ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଥର ଚଢ଼ାଇ ଯୁବକଙ୍କୁ ହତ୍ୟା : ୫ ଅଟକ

■ ତ୍ରିକୋଣୀୟ ପ୍ରେମରୁ ହତ୍ୟା : ଡିସିପି



ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥର ଚଢ଼ାଇ ହତ୍ୟା ଘଟଣାରେ ତ୍ରିକୋଣୀୟ ପ୍ରେମ ରହିଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇ କହିଛନ୍ତି। ପ୍ରାଥମିକ ତଦନ୍ତ ଅନୁସାରେ, ଏକ ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ସୃଷ୍ଟି ହୋଇଥିଲା। ଏହି ରାଗ ରଖି ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ ଥାର୍ ଗାଡି ଚଢ଼ାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି ।

ପୂର୍ବରୁ ଏହାକୁ ଏକ ସାଧାରଣ ଦୁର୍ଘଟଣା କୁହାଯାଉଥିବା ବେଳେ, ବର୍ତ୍ତମାନ ପୋଲିସ ଏହାକୁ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ଭାବେ ଗ୍ରହଣ କରି ତଦନ୍ତ କରୁଛି । ରିପୋର୍ଟ ଅନୁସାରେ, ଏହି ଘଟଣାରେ ଜଣେ ଯୁବତୀଙ୍କ ସମ୍ପୃକ୍ତି ଥାଇପାରେ ଏବଂ ପୋଲିସ ସମ୍ପୃକ୍ତ ଯୁବତୀଙ୍କୁ ମଧ୍ୟ ପଚରାଉଚରା କରୁଥିବା ଜଣାପଡିଛି । ମୃତ ଯୁବକଙ୍କ ପରିବାର ପକ୍ଷରୁ ମଧ୍ୟ ପ୍ରେମ ସମ୍ପର୍କ ଜନିତ ଶତ୍ରୁତା ଯୋଗୁଁ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଦାବି କରାଯାଉଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ଥାର୍ ଗାଡି ଚଢ଼ାଇ ଜଣେ ବାଇକ୍ ଆରୋହୀ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଏକ ଲସି ଦୋକାନରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହି ଶତ୍ରୁତା ରଖି ଅଭିଯୁକ୍ତମାନେ ପଛପଟୁ ଥାର୍ ଚଢ଼ାଇ ଦେଇଥିଲେ। ମୃତ ଯୁବକ ଜଣକ ଖୋର୍ଦ୍ଧା କାଇପଦର ଅଞ୍ଚଳର ବୋଲି ଜଣାପଡ଼ିଛି। ପରିବାର ଲୋକଙ୍କ ଅଭିଯୋଗ ପରେ ଚନ୍ଦ୍ରଶେଖରପୁର ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଏହି ଘଟଣାରେ ଏପର୍ଯ୍ୟନ୍ତ ୫ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଆନ୍ଧ୍ରକୁ ଚେକ୍ ଦେବାକୁ କୋଟିଆ ସୀମାନ୍ତରେ ପ୍ରତିଷ୍ଠା ହେବ ୩ ତନଖି ଫାଟକ




କୋରାପୁଟ, (ଶରତ ନାୟକ): ବାରମ୍ବାର କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ବ୍ଲକର କୋଟିଆ ଗ୍ରାମପୁଞ୍ଜରେ ଅନୁପ୍ରବେଶ କରୁଛି ଆନ୍ଧ୍ର। ଯେଉଁଥିପାଇଁ ଓଡିଶା ସରକାର କୋଟିଆ ପଞ୍ଚାୟତର ସୁରକ୍ଷା ପାଇଁ ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ୩ଟି ଚେକ୍‌ପୋଷ୍ଟ ପ୍ରତିଷ୍ଠା କରିବ ବୋଲି ଜଣାପଡିଛି। । ଏଥିପାଇଁ ଜିଲା ପ୍ରଶାସନ ସର୍ବେକ୍ଷଣ କରି ସ୍ଥାନ ନିର୍ଣ୍ଣୟ କରିଛି। ତିନୋଟି ଫାଟକ ମଧ୍ୟରେ ନେରେଡିବାଲସା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗୋଟିଏ, ଫଗୁଣ ସିନେରୀ ହରମାଣ୍ଡାଙ୍ଗି ଛକରେ ଗୋଟିଏ ଏବଂ ଦେଓମାଳି ପର୍ଯ୍ୟଟନସ୍ଥଳୀ ପାଦଦେଶରେ ଥିବା ମାଥାଲାମ୍ବ ଛକରେ ଗୋଟିଏ, ଫାଟକ ନିର୍ମାଣ କରାଯିବ। ପ୍ରତ୍ୟେକ ତନଖି ଫାଟକ ନିର୍ମାଣ ପାଇଁ ୧୦ ଡିସିମିଲ ଜମି ଯୋଗାଇ ଦିଆଯିବା ସହିତ ୧୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରସ୍ତାବିତ ଏହି ତନଖି ଫାଟକ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ପରିବାରବାଦ କବଳରେ ଓଡ଼ିଶା ରାଜନୀତି

# ବାପାଙ୍କ ପାଇଁ ପିଲାଙ୍କ ଭବିଷ୍ୟତ : କିଏ ଯୋଗ୍ୟ , କିଏ ଅଯୋଗ୍ୟ



ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ଭାରତୀୟ ରାଜନୀତିରେ ପରିବାରବାଦ ବା ବାପା-ପୁଅ-ଝିଅଙ୍କ ନିର୍ବାଚନ ଲଢ଼ିବା କିଛି ନୂଆ କଥା ନୁହେଁ। ସେହିଭଳି ଓଡ଼ିଶା ରାଜନୀତିରେ ପରିବାରବାଦକୁ ନେଇ ସବୁଠି ଚର୍ଚ୍ଚା । ପୁଅ କିମ୍ବା ଝିଅ ରାଜନୀତିକୁ ଆସିବା ପରେ ମଧ୍ୟ ବାପାମାନେ (ବରିଷ୍ଠ ନେତାମାନେ) କାହିଁକି ମଇଦାନ ଛାଡ଼ିବାକୁ ଚାହାଁନ୍ତି ନାହିଁ। ସତରେ କଣ ପିଲାମାନେ ଅଯୋଗ୍ୟ ? ନା ରାଜନୈତିକ ମୋହ ଯୋଗୁଁ ନିଜ ସିଟ୍ ବଂଚାଇବାକୁ ପ୍ରୟାସ କରିଥାନ୍ତି । ଦେଖାଯାଏ ଅନେକ ସମୟରେ ବାପାମାନେ ନିଜ ନିର୍ବାଚନ ମଣ୍ଡଳୀରେ ଥିବା ପ୍ରଭାବକୁ ହରାଇବାକୁ ଚାହାଁନ୍ତି ନାହିଁ। ପୁଅ ବା ଝିଅ ନିଜ ଗୋଡ଼େର ଠିଆ ହେବା ପର୍ଯ୍ୟନ୍ତ ସେମାନେ 'ମାର୍ଗଦର୍ଶକ' ଭାବେ ସକ୍ରିୟ ରହିବାକୁ ପସନ୍ଦ କରନ୍ତି, ଯାହାଦ୍ୱାରା ରାଜନୈତିକ ପତିଆରା ବଜାୟ ରହେ। ଦୀର୍ଘ ଦିନ ଧରି କ୍ଷମତାରେ ରହିବା ପରେ ତାହାକୁ ହଠାତ୍ ଛାଡ଼ିଦେବା ଅନେକଙ୍କ ପାଇଁ କଷ୍ଟକର ହୋଇଥାଏ। ରାଜନୀତିରେ ରହିଲେ ମିଳୁଥିବା ସମ୍ମାନ ଏବଂ ନିଷ୍ପତ୍ତି ନେବାର କ୍ଷମତା ସେମାନଙ୍କୁ ସକ୍ରିୟ ରଖିବାକୁ ବାଧ୍ୟ କରେ। ବହୁ ବର୍ଷର ପୁରୁଣା କର୍ମକର୍ତ୍ତା ଏବଂ ସମର୍ଥକମାନେ ନୂଆ ପିଢ଼ି ଅପେକ୍ଷା ପୁରୁଣା ନେତାଙ୍କୁ ଅଧିକ ଭରସା କରନ୍ତି। ସେମାନଙ୍କୁ ଏକଜୁଟ କରି ରଖିବା ପାଇଁ ବାପାମାନଙ୍କୁ ସକ୍ରିୟ ରହିବାକୁ ପଡ଼ିଥାଏ। ଅନେକ ସମୟରେ ବାପା ଯେତିକି ଲୋକପ୍ରିୟ ହୋଇଥାନ୍ତି, ପିଲାମାନେ ସେତିକି ଲୋକସମ୍ପର୍କ ରଖିପାରନ୍ତି ନାହିଁ। ଯଦି ବାପା ରାଜନୀତିରୁ ସମ୍ପୂର୍ଣ୍ଣ ହଟିଯାନ୍ତି, ତେବେ ଭୋଟରମାନେ ପୁଅ କିମ୍ବା ଝିଅକୁ ଆପଣେଇ ନପାରନ୍ତି। ତେଣୁ ନିଜର ଉତ୍ତରାଧିକାରକୁ ବଞ୍ଚାଇ ରଖିବା ପାଇଁ ବାପାଙ୍କୁ ମଇଦାନରେ ରହିବାକୁ ପଡ଼େ। ରାଜନୀତି ଏପରି ଏକ କ୍ଷେତ୍ର ଯେଉଁଠାରେ ଥରେ କ୍ଷମତା ପାଇଲେ ତାକୁ ଛାଡ଼ିବା କଷ୍ଟକର ହୋଇଥାଏ। ଅନେକ ବରିଷ୍ଠ ନେତା ଭାବନ୍ତି ଯେ ସେମାନେ ରାଜନୀତିରୁ ହଟିଗଲେ ସେମାନଙ୍କର ପ୍ରତିପତ୍ତି ଓ ଗୁରୁତ୍ୱ କମିଯିବ। ପିଲାମାନେ ବିଧାୟକ ହେଲେ ମଧ୍ୟ 'ରିମୋଟ୍ କଂଟ୍ରୋଲ୍' ବାପାଙ୍କ ହାତରେ ରଖିବାକୁ ସେମାନେ ପସନ୍ଦ କରନ୍ତି।

ପିଲାମାନେ ରାଜନୀତିରେ ନୂଆ ହୋଇଥିବାରୁ ସେମାନଙ୍କୁ ବିରୋଧୀଙ୍କ ଆକ୍ରମଣରୁ ରକ୍ଷା କରିବା ଏବଂ ଦଳ ଭିତରେ ସେମାନଙ୍କ ପାଇଁ ସ୍ଥାନ ପକ୍କା କରିବା ପାଇଁ ବାପାଙ୍କ ଉପସ୍ଥିତି ଜରୁରୀ ହୋଇଥାଏ। ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ବିଜୟ ମହାପାତ୍ରଙ୍କ ଭଳି ନେତାଙ୍କ କ୍ଷେତ୍ରରେ ଦେଖାଯାଏ ଯେ ପିଲାମାନେ ନିର୍ବାଚନ ଜିତି ନପାରିବା କାରଣରୁ ବାପାଙ୍କୁ ସକ୍ରିୟ ରହିବାକୁ ପଡୁଛି। କେତେକ କ୍ଷେତ୍ରରେ ଦଳ ପୁଅ ବା ଝିଅଙ୍କୁ ଟିକେଟ୍ ଦେବାକୁ ରାଜି ହୁଏ ନାହିଁ କାରଣ ସେମାନଙ୍କର ଜିତିବା କ୍ଷମତା କମ୍ ଥାଏ। ଏଭଳି ସ୍ଥିତିରେ ବାପାଙ୍କୁ ହିଁ ନିର୍ବାଚନ ଲଢ଼ିବାକୁ ପଡ଼େ। ରାଜନୈତିକ ଗୋଟି ଚାଳନାରେ ପୁଅ-ଝିଅମାନେ ବାପାଙ୍କ ଭଳି ଚତୁର ହୋଇନଥାନ୍ତି। ରାଜନୀତିରେ ଯୋଗ୍ୟତା ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ...

# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଆଜି ସବୁଠି ଗୋଟିଏ ଚର୍ଚ୍ଚା – ଅସରପା ଜନତା ଦଳ । ଏହା ଉପରେ ଚର୍ଚ୍ଚା ଆରମ୍ଭ କରିବା ପୂର୍ବରୁ ଏହାର ପୃଷ୍ଠଭୂମିକୁ ଯିବା ଉଚିତ ମନେ ହୁଏ । କିଛି ଦିନ ପୂର୍ବେ ସୁପ୍ରିମକୋର୍ଟର ମାନ୍ୟବର ପ୍ରଧାନ ବିଚାରପତି ଗୋଟିଏ କେସ୍‌ର ଶୁଣାଣି ସମୟରେ ମନ୍ତବ୍ୟ ଛଳରେ କହିଲେ, ବେକାର ଯୁବକମାନେ ଚାରିଆଡ଼େ ଅସରପା ଭଳି ବ୍ୟବହାର କରୁଛନ୍ତି, କିଏ ଗଣମାଧ୍ୟମ, କିଏ ସାମାଜିକ ଗଣମାଧ୍ୟମ ତ ? କିଏ ସୂଚନା ଅଧିକାରରେ ମାତିଛନ୍ତି ଓ ସମସ୍ତଙ୍କୁ ଆକ୍ରମଣ କରୁଛନ୍ତି। ସେମାନେ ସମାଜ ଉପରେ ଏକ ବୋଝ ପାଲଟି ଯାଇଛନ୍ତି । ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ତୀବ୍ର ହେବା ସ୍ୱାଭାବିକ। ତାହା ପରଦିନ ମାନ୍ୟବର ମୁଖ୍ୟ ନ୍ୟାୟାଧୀଶ ସ୍ପଷ୍ଟୀକରଣ ଦେଲେ ଯେ, ତାଙ୍କର ମନ୍ତବ୍ୟ ସବୁ ବେକାର ଯୁବକ-ଯୁବତୀମାନଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା । ସେ କେବଳ କେତେକ ମିଥ୍ୟା ଡିଗ୍ରୀଧାରୀ ଓକିଲଙ୍କ ଉପରେ ନିଜର ବିରକ୍ତି ପ୍ରକାଶ କରିଥିଲେ, ଯେଉଁମାନଙ୍କୁ କୌଣସି କାମ ମିଳୁ ନାହିଁ । କିଛି ମୁଷ୍ଟିମେୟ ଯୁବକମାନଙ୍କ ବିରୁଦ୍ଧରେ ହେଉ ବା ସମଗ୍ର ଯୁବ ସମାଜ ବିଷୟରେ ହେଉ, 'ଅସରପା' ଆକ୍ଷେପକୁ ଜେନ୍-ଜି ସହଜରେ ଗ୍ରହଣ କରି ପାରିଲେ ନାହିଁ । ପ୍ରତିକ୍ରିୟା ସ୍ୱରୂପ ଆମେରିକାର ବୋଷ୍ଟନ ବିଶ୍ୱବିଦ୍ୟାଳୟରେ ପଢୁଥିବା ଜଣେ ଛାତ୍ର, ଅଭିଜିତ ବାବୁ, ସାମାଜିକ ଗଣ ମାଧ୍ୟମରେ ଏକ ଦଳ ଗଠନ କଲେ ଯାହାର ନାମ ହେଲା 'ଅସରପା ଜନତା ପାର୍ଟି' ବା ସିଜେପି । କିଏ ତାହାର ସଭ୍ୟ ହୋଇପାରିବେ ସେଥିପାଇଁ ସେ ଗୋଟିଏ ଗୁଗଲ ଫର୍ମ ତିଆରି କଲେ ଯେଉଁଥିରେ କି ଚାରୋଟି 'ଗୁଣ'ର ଅବତାରଣା କରାଗଲା । ଯେଉଁ ବ୍ୟକ୍ତିମାନେ ଉକ୍ତ ଚାରୋଟି ଗୁଣର ଅଧିକାରୀ ହୋଇଥିବେ ସେ 'ଅସରପା ଜନତା ପାର୍ଟି'ର ସଭ୍ୟ ହୋଇପାରିବେ । ଏଇ ଚାରୋଟି 'ଗୁଣ' ହେଲା: ୧. ସେ ବେକାର ହୋଇଥିବେ । ୨. ସେ ଅଳସୁଆ ହୋଇଥିବେ । ୩. ସେ ସାମାଜିକ ଗଣ ମାଧ୍ୟମରେ ଘଣ୍ଟା ଘଣ୍ଟା ବିତାଉ ଥିବେ, ଏବଂ ୪. ସେ ସବୁଥିରେ ଅଭିଯୋଗ ଓ ଅସନ୍ତୋଷ ବ୍ୟକ୍ତ କରୁଥିବେ ।



ବିଜୟ କୁମାର ପଟ୍ଟନାୟକ

ଅଭିଜିତ ବାବୁ ବୋଧ ହୁଏ ଭାବିଥିଲେ ଯେ, ଏହା ଏକ ଲଘୁ ପ୍ରତିକ୍ରିୟା, କ୍ଷଣିକ ମନୋରଞ୍ଜନ ପାଇଁ ଏକ ବିଦ୍ରୁପ। କିନ୍ତୁ ଏକ ସପ୍ତାହ ମଧ୍ୟରେ ଉପଯୁକ୍ତ ଗୁଣଗୁଡ଼ିକର ଅଧିକାରୀ ଥିବା ଦୁଇ କୋଟିରୁ ଉର୍ଦ୍ଧ୍ୱ ଯୁବକ-ଯୁବତୀ ସିଜେପିର ସଭ୍ୟ ହୋଇଗଲେ। ବନାଗ୍ନି ପରି ଏହା ବ୍ୟାପିଗଲା । କାଳେ ସମାଜରେ ଅସ୍ଥିରତା ହେବ ସେଇ ଭୟରେ ସରକାର ତାଙ୍କର ଏକ୍ସ ଆକାଉଣ୍ଟକୁ ଅଚଳ କରିଦେଲେ ବୋଲି ଅଭିଜିତ ବାବୁ ପ୍ରଚାର କଲେ । କୁହାଯାଏ ଯେ, ଆଣବିକ ବୋମା ମଧ୍ୟ ଅସରପା ବଂଶକୁ ଧ୍ୱଂସ କରିପାରେ ନାହିଁ । ଅସରପା ଜନତା ପାର୍ଟି ମଧ୍ୟ ସେହିଭଳି ବ୍ୟାପିଗଲା । ଇଏ ହେଲା ସିଜେପିର ଘଟଣା କ୍ରମ ।

ଏହାର ପ୍ରଭାବ ଉପରେ ଅନେକ ଆଲୋଚନା ହୋଇ ସାରିଲାଣି, ହେବ ଉଚିତ ମଧ୍ୟ । ଏକଥା ସମସ୍ତେ ସ୍ୱୀକାର କରିବେ ଯେ, ଯୁବ ସମାଜ ବା ଜେନ୍-ଜି ପ୍ରଚଳିତ ବ୍ୟବସ୍ଥାରେ ଅତିଷ୍ଠ । ସବୁ ରାଜନୈତିକ ଦଳ ସେମାନଙ୍କୁ ନିର୍ବାଚନ କମାଣର ଗୁଳିଗୋଳା ଭାବରେ ବ୍ୟବହାର କରୁଛନ୍ତି । ରାଜନେତାଙ୍କ ପଛରେ ଜିନ୍ଦାବାଦ, ମୁର୍ଦ୍ଦାବାଦ କରିବା, ମୋଟର ସାଇକେଲ ରାଲିରେ ବୁଲିବା, ପୋଲିସ ଦ୍ୱାରା ଗିରଫ ହେବା, ଥାନା ଅଫିସ ଘେରାଓ କରିବା ଆଦି କାମ କରିବା ଆଜିକାଲି ସେମାନଙ୍କର ରାଜନୈତିକ ପରିଚୟ । ନିର୍ବାଚନ ପରେ ବା ରାଲି ପରେ ସେମାନଙ୍କର ଆଉ ଆବଶ୍ୟକତା ନ ଥାଏ ।

ଶିକ୍ଷିତ ପିଲାଙ୍କର ଦୁର୍ଦ୍ଦଶା କହିଲେ ନ ସରେ । ଆତ୍ମସମ୍ମାନର ସହ ବଞ୍ଚିବାର ସୁଯୋଗ ନାହିଁ । ସାଧାରଣ କନଷ୍ଟେବଲ ବା ଚପରାଶି ଚାକିରି ପାଇଁ ଲକ୍ଷାଧିକ ପରୀକ୍ଷାର୍ଥୀ, ପୁଣି ତାଙ୍କ ମଧ୍ୟରେ ଅଛନ୍ତି ପିଜି ଓ ପିଏଚ୍‌ଡି ଡିଗ୍ରୀଧାରୀ ଯୁବକ । ପରୀକ୍ଷାରେ ସ୍ୱଚ୍ଛତା ନାହିଁ । ଚାକିରି ପାଇଁ ଉତ୍କୋଚ । କୋଚିଂ ସେଣ୍ଟର ଓ ଦଲାଲମାନଙ୍କର ଦୌରାତ୍ମ୍ୟ । ବର୍ଷ ବର୍ଷର ପ୍ରସ୍ତୁତି ପରେ ପ୍ରଶ୍ନପତ୍ର ଲିକ୍ । ଏ ସମସ୍ତ ବାଧାବିଘ୍ନ ଭିତରେ ଯୌବନ ଅତିକ୍ରାନ୍ତ । ଚାଳିଶ ବର୍ଷ ବେଳକୁ ସେ କ୍ଳାନ୍ତ, ରୋଗଗ୍ରସ୍ତ, ନିରାଶ । ସେ ହିଁ ହେଉଛି ଅସରପା ।

ପଦସ୍ଥ ବ୍ୟକ୍ତିମାନେ ତା ଉପରେ ବିରକ୍ତ ହୋଇପାରନ୍ତି, ତାକୁ ବିଦ୍ରୁପ କରିପାରନ୍ତି, ତା ଠାରୁ ଦୂରେଇ ଯାଇପାରନ୍ତି । କିନ୍ତୁ ତା ସମସ୍ୟାର ସମାଧାନ ତାଙ୍କ ପାଖରେ ନାହିଁ । ବିନା ଅର୍ଥରେ, ବିନା ସାମର୍ଥ୍ୟରେ, ବିନା ନେତୃତ୍ୱରେ ସେ ରାଜରାସ୍ତାକୁ ମଧ୍ୟ ଓହ୍ଲାଇ ପାରିବ ନାହିଁ । ତାହାର ଏକମାତ୍ର ଅସ୍ତ୍ର ହେଉଛି ତା ହାତରେ ଥିବା ଖଣ୍ଡିଏ ମୋବାଇଲ ଫୋନ । ଏକମାତ୍ର ଆଶ୍ରୟ ସ୍ଥଳ ହେଉଛି 'ଅସରପା ଜନତା ପାର୍ଟି' । ସେ ଅସରପାଟି କିଏ ? ସେ ହେଉଛି ଆମର ପୁଅ-ଝିଅ, ବା ଆମର ପୁତୁରା-ଝିଆରୀ ବା ଆମର ଭାଇ-ଭଉଣୀ । ସେମାନଙ୍କ ପାଇଁ କେବଳ ସମବେଦନାର ଅଶ୍ରୁ ଢାଳିଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ । ସେମାନଙ୍କ ପାଇଁ କ'ଣ କରାଯିବା ଉଚିତ ?

ଆମର ପିଲାମାନଙ୍କୁ ଅସରପା ହେବାରୁ ରକ୍ଷା କରିବାକୁ ହେଲେ, ପ୍ରଥମେ ଆମର ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବାକୁ ହେବ । ସରକାରୀ ସ୍କୁଲରେ ବା କଲେଜ ତଥା ବିଶ୍ୱବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଯେଉଁ ପ୍ରକାରର ଶିକ୍ଷା ପାଉଛନ୍ତି ତାହା ମୁଖ୍ୟତଃ ପରୀକ୍ଷା ସର୍ବସ୍ୱ ହୋଇଯାଇଛି । ଗୋଟିଏ ପଟେ ଭିତ୍ତିଭୂମିର ଅଭାବ ଓ ଅନ୍ୟ ପଟେ ଶିକ୍ଷକମାନଙ୍କ ଅଭାବ ଯୋଗୁଁ କୌଣସି ନା କୌଣସି ଉପାୟରେ ସିଲାବସ୍ ଶେଷ କରି ପରୀକ୍ଷା କରିଦେଇ କର୍ତ୍ତୃପକ୍ଷ ନିଜର କର୍ତ୍ତବ୍ୟ ସାରି ଦେଉଛନ୍ତି । ସେଥିରେ ପୁଣି ପରୀକ୍ଷାର ଅନିଶ୍ଚିତତା, ଦୁର୍ନୀତି, ପ୍ରିୟାପ୍ରୀତିତୋଷଣ ଇତ୍ୟାଦି ଅନେକ ଅଭିଯୋଗ । ଭଲ ଶିକ୍ଷା ପାଇବାକୁ ହେଲେ ବେସରକାରୀ ସ୍କୁଲରେ ପଢ଼ିବାକୁ ହେବ । ତା ଉପରେ ଟ୍ୟୁସନ ଖର୍ଚ୍ଚ । ଭଲ ଅନୁଷ୍ଠାନରେ ପଢ଼ିବାକୁ ହେଲେ କୋଚିଂ ସେଣ୍ଟରରେ ପଢ଼ିବାକୁ ହେବ । ଶିକ୍ଷାଜନିତ ଖର୍ଚ୍ଚ ବଢ଼ି ବଢ଼ି ଚାଲିଛି । ସବୁ ବିକଶିତ ରାଷ୍ଟ୍ରରେ କଲେଜ ଶିକ୍ଷା ପର୍ଯ୍ୟନ୍ତ ଶିକ୍ଷା ସରକାରଙ୍କର ଦାୟିତ୍ୱ, ତାହା ପୁଣି ବିଶ୍ୱସ୍ତରୀୟ । ଭାରତରେ ନୁହେଁ । ପ୍ରତି ବର୍ଷ ତିନି ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଦେଶରେ ପଢ଼ିବା ପାଇଁ ଚାଲି ଯାଉଛନ୍ତି । ନାଳନ୍ଦା, ତକ୍ଷଶିଳାର ଦେଶ – ଯେଉଁଠି କି ଗବେଷଣା କରିବା ପାଇଁ ଲକ୍ଷ ଲକ୍ଷ ବିଦେଶୀ ଛାତ୍ର ଭାରତକୁ ଆସୁଥିଲେ- ସେହି ଦେଶର ଶିକ୍ଷା ବ୍ୟବସ୍ଥା ଆଜି ଅନ୍ତଃସାର ଶୂନ୍ୟ ହୋଇଯାଇଛି ।

ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ଆମର ଶିକ୍ଷା ବ୍ୟବସ୍ଥା ଆମର ଯୁବକ-ଯୁବତୀମାନଙ୍କୁ ନିଯୁକ୍ତିର ଗ୍ୟାରେଣ୍ଟି ଦେଉ ନାହିଁ । ବିଭିନ୍ନ ଗବେଷଣାରୁ ପ୍ରମାଣିତ ହୋଇଛି ଯେ, ଭାରତର ଶିକ୍ଷାନୁଷ୍ଠାନ ମାନଙ୍କରେ ପଢ଼ିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଅଧାରୁ କମ୍ ବ୍ୟକ୍ତି ଚାକିରି ପାଇଁ ଉପଯୁକ୍ତ । ଏହି ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ନୂତନ ଶିକ୍ଷା ନୀତିରେ ଅନେକ ଗୁଡ଼ିଏ ବିଷୟ ସ୍ଥାନ ପାଇଛି । କିନ୍ତୁ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଇ ନାହିଁ । ଶିକ୍ଷା ବ୍ୟବସ୍ଥାରେ ବୈଷୟିକ କୌଶଳ ଆହରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ । ଯିଏ କୌଶଳ ଆହରଣ କରିବାକୁ ଚାହିଁବ ତାକୁ ଆଇଟିଆଇ ବା ଡିପ୍ଲୋମା ଅନୁଷ୍ଠାନରେ ପଢ଼ିବାକୁ ହେବ । ଆଉ ଯିଏ ଆଇଟିଆଇ ବା ଡିପ୍ଲୋମା ଅନୁଷ୍ଠାନରେ ପଢ଼ିବ ସିଏ ହେବ ଦ୍ୱିତୀୟ ଶ୍ରେଣୀର ନାଗରିକ, ତାହାର ସାମାଜିକ ପ୍ରତିଷ୍ଠା ନାହିଁ ।

ଆଜିକାର ଯୁବ ସମାଜର ସବୁ ଠାରୁ ବଡ଼ ସମସ୍ୟା ହେଉଛି ନିଯୁକ୍ତି ସମସ୍ୟା। ସେଥିପାଇଁ କୌଣସି ରାଜନୈତିକ ଦଳର କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଥିବା ପରି ମନେ ହୁଏ ନାହିଁ । କାଳିଆ ହେଉ ବା ସୁଭଦ୍ରା – ଏହା ଯୁବକ ମାନଙ୍କ ପାଇଁ କୌଣସି ଆଶା ଦେଖାଏ ନାହିଁ । ତାମିଲନାଡୁରେ ସଦ୍ୟ ସମାପ୍ତ ନିର୍ବାଚନରେ ଟିଭିକେ ଦଳ ଯୁବଗୋଷ୍ଠୀର ବିପୁଳ ଉତ୍ସାହ ଭିତ୍ତିରେ ବିଜୟୀ ହୋଇଛି । କିନ୍ତୁ ତାହାର ନିର୍ବାଚନ ଇସ୍ତାହାରରେ ଯୁବକ ମାନଙ୍କ ପାଇଁ ଅଛି 'ବେକାରି ଭତ୍ତା' । ଆଜି ଯୁବଗୋଷ୍ଠୀ ଚାହେଁ ନାହିଁ ବେକାରି ଭତ୍ତା, ସେ ଚାହେଁ ନିଯୁକ୍ତି । ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାକୁ ସବୁ ଦଳ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦିଅନ୍ତି । କିନ୍ତୁ ତାହାକୁ କିଭଳି ସାକାର କରାଯିବ ସେ ସମ୍ପର୍କରେ ସମସ୍ତେ ନୀରବ । ଆସନ୍ତୁ ସେ ବିଷୟରେ କିଛିଟା ଆଲୋକପାତ କରିବା ।

ନିଯୁକ୍ତି ସୃଷ୍ଟି ପାଇଁ ବିଭିନ୍ନ ରାଷ୍ଟ୍ର ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି । ଦିନ ଥିଲା ସମଗ୍ର ବିଶ୍ୱର ଅର୍ଥନୀତି ଥିଲା କୃଷିଭିତ୍ତିକ । କ୍ରମେ ଶିଳ୍ପ ବିପ୍ଲବ ଇଂଲଣ୍ଡରୁ ଆରମ୍ଭ କରି ସମଗ୍ର ୟୁରୋପରେ ବ୍ୟାପି ଗଲା । କୃଷି କ୍ଷେତ୍ରରୁ ଶ୍ରମିକମାନେ ଯାଇ କାରଖାନାମାନଙ୍କରେ କାମ କଲେ । ଗ୍ରାମ୍ୟ ସଭ୍ୟତା କ୍ଷୟ ପାଇ ସହରୀ ସଭ୍ୟତା ଗଢି ଉଠିଲା। ଶିଳ୍ପ ସମୃଦ୍ଧ ୟୁରୋପୀୟ ଦେଶ ଗୁଡ଼ିକ ବଜାର ପାଇଁ ଓ କଞ୍ଚାମାଲ ପାଇଁ ଉପନିବେଶ ସୃଷ୍ଟି କଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଉପନିବେଶଗୁଡ଼ିକ ସ୍ୱାଧୀନ ହୋଇଗଲେ । ଶିଳ୍ପୋନ୍ନତ ଦେଶଗୁଡ଼ିକ ତାଙ୍କର ମୁଷ୍ଟିଗତ ବଜାର ହରାଇଲେ । କ୍ରମେ ଦେଖାଗଲା ଯେ, କଳ କାରଖାନା ଫଳରେ ପ୍ରଦୂଷଣ ବଢୁଛି । ୟୁରୋପୀୟ ଦେଶମାନେ କାରଖାନାରୁ ଓହରି ଯାଇ ପ୍ରଯୁକ୍ତି ବିଦ୍ୟା ଭଳି ସର୍ଭିସ ସେକ୍ଟରରେ ମନୋନିବେଶ କଲେ । ଦିନେ ଇଂଲଣ୍ଡ ବସ୍ତ୍ର ଓ ଇସ୍ପାତ ପାଇଁ ପୃଥିବୀ ପ୍ରସିଦ୍ଧ ଥିଲା । ଆଜି ତାହା ହେଉଛି ସମଗ୍ର ୟୁରୋପର ବିତ୍ତୀୟ ରାଜଧାନୀ । ଏହି ସମୟରେ ଚୀନ ଦେଶର ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଦେଖାଦେଲା । ସେଠାକାର ସରକାର ତାହାର କୋଟି କୋଟି ଜନତାଙ୍କୁ ନିଯୁକ୍ତି ଦେବା ପାଇଁ କଳକାରଖାନାକୁ ଆପଣେଇଲେ । କାରଖାନାରେ ପ୍ରସ୍ତୁତ ଦ୍ରବ୍ୟ ବିକ୍ରି କରିବା ପାଇଁ ଚୀନ ରପ୍ତାନିଭିତ୍ତିକ ଅର୍ଥନୀତି ପ୍ରଣୟନ କଲା । ଅତି ଅଳ୍ପ ସମୟ ମଧ୍ୟରେ ଚୀନ ଦେଶ ସମଗ୍ର ବିଶ୍ୱର 'କାରଖାନା'ରେ ପରିଣତ ହୋଇଗଲା । କିନ୍ତୁ ଆଜି ମଧ୍ୟ କେତେକ ବିକଶିତ ଦେଶ କୃଷିଭିତ୍ତିକ ଅର୍ଥନୀତିକୁ ଧରି ରଖିଛନ୍ତି । ଉଦାହରଣସ୍ୱରୂପ ନ୍ୟୁଜିଲାଣ୍ଡ ଓ ନେଦରଲାଣ୍ଡର ଫଳ ଓ ଦୁଗ୍ଧ ଭିତ୍ତିକ ସାମଗ୍ରୀ ସମଗ୍ର ବିଶ୍ୱ ବଜାରକୁ ଆଚ୍ଛାଦିତ କରି ରଖିଛି ଓ ସେଥିରେ ନିଜର ପ୍ରତିଷ୍ଠା ସୃଷ୍ଟି କରି ପାରିଛି ।

ଶ୍ରୀଲଙ୍କା ଓ ଅଷ୍ଟ୍ରେଲିୟା ଭଳି ଦେଶ ଗୁଡ଼ିକ ପର୍ଯ୍ୟଟନ ଭିତ୍ତିକ ଅର୍ଥନୀତିକୁ ଗ୍ରହଣ କରିଛନ୍ତି । ଇଟାଲୀ ଓ ଗ୍ରୀସ୍ ଭଳି ରାଷ୍ଟ୍ରମାନେ ଆଜି ଉତ୍ପାଦନ ଅପେକ୍ଷା ପର୍ଯ୍ୟଟନରୁ ଅଧିକ ଅର୍ଥ ଅର୍ଜନ କରୁଛନ୍ତି । ଏତେ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଇଟାଲୀ ଓ ଗ୍ରୀସ ଭ୍ରମଣରେ ଯାଉଛନ୍ତି ଯେ, ସେଠାକାର ସରକାରମାନେ ପ୍ରଦୂଷଣ ଦୃଷ୍ଟିରୁ ସେମାନଙ୍କ ସଂଖ୍ୟା ଉପରେ କଟକଣା ଲଗାଉଛନ୍ତି । ଏହିପରି ଭାବରେ ବିଭିନ୍ନ ଦେଶ ବିଭିନ୍ନ ଅର୍ଥନୈତିକ ପଂଥାରେ ନିଜର ଜନସାଧାରଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି ।

ଆମେ ଓଡ଼ିଶାରେ କେଉଁ ପନ୍ଥାକୁ ଅବଲମ୍ବନ କରିବା ଉଚିତ – କୃଷି ନା ଶିଳ୍ପ ନା ପର୍ଯ୍ୟଟନ ନା ପ୍ରଯୁକ୍ତିବିଦ୍ୟା ନା ଆଉକିଛି ? ଆସନ୍ତା ଦିନ ମାନଙ୍କରେ ଏ ବିଷୟରେ ଆଲୋଚନା ରଖିବା ।

**ପୂର୍ବତନ ମୁଖ୍ୟ ଶାସନ ସଚିବ**
**ଓଡ଼ିଶା ସରକାର, ଭୁବନେଶ୍ୱର**

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ପାଣ୍ଡିଆନଙ୍କୁ ପୁଣି ଟାର୍ଗେଟ୍ କଲେ ଶ୍ରୀମୟୀ
# ବିଜେଡିର 'ତାମିଲ ପ୍ରୀତି' ଅନ୍ୟ ଆଞ୍ଚଳିକ ଦଳରେ ବିରଳ






ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ବିଜେଡି ଭାରତର ବୋଧହୁଏ ଏକମାତ୍ର ଆଂଚଳିକ ଦଳ, ଯେଉଁଠି ଦଳର ସଭାପତିଙ୍କଠାରୁ ଆରମ୍ଭ କରି ଚାଟୁକାରଙ୍କ ପର୍ଯ୍ୟନ୍ତ ନିଜ ରାଜ୍ୟର ଲୋକଙ୍କୁ ପଛରେ ପକେଇ ଅନ୍ୟ ରାଜ୍ୟରୁ ଆମଦାନୀ ହୋଇଥିବା ବ୍ୟକ୍ତିଙ୍କୁ ସର୍ବେସର୍ବା ଭାବେ ଟେକି ଧରିଛନ୍ତି। ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କୁ ପ୍ରତ୍ୟକ୍ଷ ସକ୍ରିୟ ଭୂମିକାରେ ଫେରାଇ ଆଣିବା ପାଇଁ ଦଳରେ ଚାଲିଥିବା କ୍ୟାମ୍ପେନ୍ ମଧ୍ୟରେ ଆଜି ବିଜେଡିର ପୂର୍ବତନ ନେତ୍ରୀ ଶ୍ରୀମୟୀ ମିଶ୍ର କଡ଼ା ଭାଷାରେ ଟାର୍ଗେଟ୍ କରିଛନ୍ତି। ପାଣ୍ଡିଆନ ଫେରିବାକୁ ନେଇ ଚାଲିଥିବା କ୍ୟାମ୍ପେନ ଯୋଗୁ ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ ଉଭୟ ଦଳ ଓ ରାଜ୍ୟସଭାରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇସାରିଥିଲେ ମଧ୍ୟ ଦଳୀୟ ନେତାମାନଙ୍କ ଚେତା ପଶିନାହିଁ। ବିଜେଡିର ଗୋଟିଏ ଚାଟୁକାର ଗୋଷ୍ଠୀ ଗଣମାଧ୍ୟମରେ ପାଣ୍ଡିଆନଙ୍କ ସପକ୍ଷରେ ଜୋରସୋରରେ ପ୍ରଚାର ଚଳାଇଥିବାବେଳେ ଶ୍ରୀମୟୀ ଆଜି ଖୋଲାଖୋଲି ଭାବେ ପାଣ୍ଡିଆନ ଓ ତାଙ୍କ ସମର୍ଥକମାନଙ୍କୁ ତୀବ୍ର ସମାଲୋଚନା କରି ଓଡ଼ିଶାର ସ୍ୱାଭିମାନ, ବିଜେଡିର ଆଂଚଳିକ ପରିଚୟ ଓ ଯୁବପିଢ଼ିଙ୍କ ରୋଜଗାରକୁ ନେଇ ସମ୍ବେଦନଶୀଳ ପ୍ରଶ୍ନ ଉଠାଇଛନ୍ତି।

ଶ୍ରୀମୟୀ କହିଛନ୍ତି ଯେ, ବିଜେଡି ଭାରତର ବୋଧହୁଏ ଏକମାତ୍ର ଆଂଚଳିକ ଦଳ, ଯେଉଁଠି ଦଳର ସଭାପତିଙ୍କଠାରୁ ଆରମ୍ଭ କରି ଚାଟୁକାରଙ୍କ ପର୍ଯ୍ୟନ୍ତ ନିଜ ରାଜ୍ୟର ଲୋକଙ୍କୁ ପଛରେ ପକେଇ ଅନ୍ୟ ରାଜ୍ୟରୁ ଆମଦାନୀ ହୋଇଥିବା ବ୍ୟକ୍ତିଙ୍କୁ ସର୍ବେସର୍ବା ଭାବେ ଟେକି ଧରିଛନ୍ତି। ଏଭଳି ନଜିର ଆଉ କୌଣସି ଆଂଚଳିକ ଦଳ କିମ୍ବା ରାଜ୍ୟରେ ଦେଖିବାକୁ ମିଳେ ନାହିଁ। ଦେଶର ଅନ୍ୟ ପ୍ରମୁଖ ଆଂଚଳିକ ଦଳ ଯଥା ତାମିଲନାଡୁର ଡିଏମକେ, ମହାରାଷ୍ଟ୍ରର ଶିବସେନା, ପଶ୍ଚିମବଙ୍ଗର ଟିଏମସି, ବିହାରର ଆରଜେଡି, ଆନ୍ଧ୍ରପ୍ରଦେଶର ଟିଡିପି ଓ ନୂତନ ଭାବେ ଗଠିତ ତାମିଲନାଡୁର ଟିଭିକେ ଭଳି ଦଳଗୁଡ଼ିକର ସେ ଉଦାହରଣ ଦେଇଛନ୍ତି। ଯେଉଁ ଦଳଗୁଡ଼ିକ କି ନିଜ ରାଜ୍ୟର ସ୍ୱାର୍ଥ, ଭାଷା ଓ ସ୍ଥାନୀୟ ଲୋକଙ୍କ ନେତୃତ୍ୱକୁ ସବୁବେଳେ ପ୍ରାଥମିକତା ଦେଇ ଆସିଛନ୍ତି।

ଏହା ସହିତ ସେ ଓଡ଼ିଶାର ଯୁବପିଢ଼ିଙ୍କ ନିଯୁକ୍ତି ଓ ଆର୍ଥିକ ଶୋଷଣକୁ ନେଇ ବଡ଼ ଅଭିଯୋଗ ମଧ୍ୟ କରିଛନ୍ତି। ପାଣ୍ଡିଆନଙ୍କୁ ସିଧାସଳଖ ଆକ୍ଷେପ କରି କହିଛନ୍ତି ଯେ, ସେ ତ ଦଶନ୍ଧି ଧରି ଓଡ଼ିଶା ସରକାର(ବିଜେଡି ଶାସନକାଳ)ରେ ସର୍ବେସର୍ବା ଥିଲେ। ଏହି ଅବଧି ମଧ୍ୟରେ ସେ କେତେଜଣ ଓଡ଼ିଆ ଯୁବକଯୁବତୀଙ୍କୁ ନିଜ ଗୃହ ରାଜ୍ୟ ତାମିଲନାଡୁରେ ନିଯୁକ୍ତିର ସୁଯୋଗ ଦେଇଥିଲେ ?

ଓଲଟା ଓଡ଼ିଶାର ବିକାଶ କଥା କହି କୋଟିକୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଇ ନିଜ ରାଜ୍ୟରୁ ଠିକାଦାରଙ୍କୁ ଆଣି ଓଡ଼ିଆ ପେଟରେ ଲାତ ମାରୁଥିଲେ। ଏପଟେ ଆମ ଯୁବକ କାମଧନ୍ଦା ନପାଇ ଦାଦନ ଖଟିବାକୁ ଯାଉଥିଲେ, ଆଉ ସେପଟେ ତାମିଲନାଡୁ ଠିକାଦାରମାନେ ଆମ ରାଜ୍ୟକୁ ଆସି ମାଲେମାଲ୍ ହେଉଥିଲେ ବୋଲି ଶ୍ରୀମୟୀ ଅଭିଯୋଗ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ବିଜେଡି ଶାସନ କାଳରେ ଓଡ଼ିଶାର ପ୍ରମୁଖ ବିକାଶମୂଳକ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ବାହାର ରାଜ୍ୟ ବିଶେଷକରି ତାମିଲନାଡୁର ଠିକାଦାର କିମ୍ବା କମ୍ପାନୀଗୁଡ଼ିକୁ ଅହେତୁକ ପ୍ରାଥମିକତା ଦିଆଯାଉଥିବା ନେଇ ବିଭିନ୍ନ ମହଲରେ ବାରମ୍ବାର ଅଭିଯୋଗ ହୋଇଆସିଛି। ଏପରିକି ବିଗତ ସାଧାରଣ ନିର୍ବାଚନ ପ୍ରଚାରବେଳେ ବିଜେପିର କେନ୍ଦ୍ରୀୟ ନେତାମାନେ ମଧ୍ୟ ଖୋଲାଖୋଲି ଭାବେ ବିଜେଡି ସରକାରକୁ ଜଣେ ତାମିଲ ଅଫିସର ଓ ତାମିଲନାଡୁର କିଛି ନିର୍ଦ୍ଦିଷ୍ଟ ଠିକାଦାର ରିମୋଟ୍ କଂଟ୍ରୋଲ ମାଧ୍ୟମରେ ପରିଚାଳନା କରୁଥିବା ନେଇ ଅଭିଯୋଗ କରିଥିଲେ।

କେନ୍ଦ୍ର ସରକାରଙ୍କ ଦ୍ୱାରା ଜଳ ଜୀବନ ମିଶନ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନା ପାଇଁ ଆସୁଥିବା କୋଟିକୋଟି ଟଙ୍କାର ପାଣ୍ଠିକୁ ଓଡ଼ିଶାର ସ୍ଥାନୀୟ ଠିକାଦାରମାନଙ୍କୁ ବଂଚିତ କରି ଏହି ବାହାର ରାଜ୍ୟର ବ୍ୟକ୍ତିମାନଙ୍କ ସହାୟତାରେ ହରିଲୁଟ୍ କରାଯାଉଥିଲା, ଯାହାକି ଏକ ବଡ଼ ? ରାଜନୈତିକ ପ୍ରସଙ୍ଗ ପାଲଟିଥିଲା। ଏହି ତଥ୍ୟକୁ ମନେପକାଇ ଦେଇ ଶ୍ରୀମୟୀ ପୁଣିଥରେ ଓଡ଼ିଶାର ସ୍ଥାନୀୟ ବ୍ୟବସାୟୀ ଓ ଯୁବପିଢ଼ିଙ୍କ ଆର୍ଥିକ ଶୋଷଣର ସେହି ପୁରୁଣା ଦିନର ସ୍ମୃତିକୁ ପୁଣି ତାଜା କରିଦେଇଛନ୍ତି।

ପାଣ୍ଡିଆନଙ୍କ ଯୋଗୁ ରାଜ୍ୟ ଓ ଦଳର ବିପର୍ଯ୍ୟୟ ହେବାସତ୍ତ୍ୱେ ଏବେ ପୁଣିଥରେ ସୋସିଆଲ ମିଡିଆଠୁ ଆରମ୍ଭ କରି ବିଭିନ୍ନ ଫୋରମରେ ପ୍ରଚୁର ଅର୍ଥ ଖର୍ଚ୍ଚ କରି ବିଜେଡି ନେତାମାନେ 'ପାଣ୍ଡିଆନଙ୍କ ଫେରିବା ନିମନ୍ତେ ଆବଶ୍ୟକ ମାହୋଲ' ପ୍ରସ୍ତୁତ କରିବାରେ ଦିନରାତି ଲାଗି ପଡ଼ିଥିବା ଚର୍ଚ୍ଚା ହେଉଛି। ପାଣ୍ଡିଆନଙ୍କ ବିନା ଯେପରି ଓଡ଼ିଶାର ବିକାଶ ଆଦୌ ସମ୍ଭବପର ନୁହେଁ, ସେଭଳି ଏକ ମିଥ୍ୟା ଓ ଚାଟୁକାରିତାପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାକୁ ବିଜେଡିର କିଛି ନେତା ଓ କର୍ମୀ ଚେଷ୍ଟା କରୁଛନ୍ତି। ଓଡ଼ିଶାର ସ୍ୱାଭିମାନକୁ ବଳି ଦେଇ ଚାଲିଥିବା ଏହି ଅନ୍ଧ ଚାଟୁକାରିତାକୁ ଶ୍ରୀମୟୀ ଖୋଲାଖୋଲି ଭାବେ ଟାର୍ଗେଟ୍ କରି ବିଜେଡି ଭିତରେ ଥିବା ଅଣଓଡ଼ିଆ ବନାମ ଓଡ଼ିଆ ବିବାଦକୁ ପୁଣି ଥରେ ପଦାରେ ପକାଇ ଦେଇଛନ୍ତି।

## ଏସଆଇଆର ଦାୟିତ୍ୱରେ ଥିବା ଅଧିକାରୀଙ୍କ ବଦଳି ଉପରେ ଲାଗିଲା ରୋକ୍

ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ରାଜ୍ୟରେ ଆଗାମୀ ଜୁଲାଇ ୧ରୁ ଏସଆଇଆର ପ୍ରକ୍ରିୟା ଆରମ୍ଭ ହେବ। ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବା ଏସଆଇଆର ପାଇଁ ସମୟସୂଚୀ ଘୋଷଣା କରାଯାଇଛି।



ଜୁଲାଇ ୦୧ରୁ ଏହା ଆରମ୍ଭ ହେବାକୁ ତାରିଖ ଧାର୍ଯ୍ୟ କରାଯାଇଛି। ଜୁଲାଇ ୧ରୁ ଏସଆଇଆର ପ୍ରକ୍ରିୟା ଆରମ୍ଭ ପୂର୍ବରୁ ରାଜ୍ୟ ସରକାରଙ୍କ ବଡ ପଦକ୍ଷେପ। ଏସଆଇଆର ଦାୟିତ୍ୱରେ ଥିବା ଅଧିକାରୀଙ୍କ ବଦଳି ଉପରେ ଲଗାଇଲେ ରୋକ୍। ନିୟୋଜିତ ଇଆରଓ, ଜିଲ୍ଲାପାଳ, ଇଆରଓ, ଏଇଆରଓ, ବିଏଲଓଙ୍କ ବଦଳି ଉପରେ ରୋକ୍ । ଭାରତୀୟ ନିର୍ବାଚନ କମିଶନଙ୍କ ପୂର୍ବ ଅନୁମତି ବିନା କୌଣସି ଅଧିକାରୀଙ୍କ ବଦଳି କରାଯିବ ନାହିଁ। ଖାଲି ପଦ ତୁରନ୍ତ ପୂରଣ କରିବାକୁ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ନିର୍ଦ୍ଦେଶ । ଇଆରଓ, ଏଇଆରଓ, ବିଏଲଓ, ସୁପରଭାଇଜର୍ ଓ ବିଏଲଓ ପଦବୀ ଖାଲି ରଖାଯିବନି।ଜଣେ ଅଧିକାରୀଙ୍କୁ ଏକାଧିକ ଇଆରଓ କିମ୍ବା ଏଇଆରଓ ଦାୟିତ୍ୱ ନ ଦେବାକୁ ନିର୍ଦ୍ଦେଶ।ଏସଆଇଆର ପ୍ରକ୍ରିୟାକୁ ସୁଚାରୁ ଓ ସମୟସୀମା ମଧ୍ୟରେ ସାରିବାକୁ କଡ଼ା ପଦକ୍ଷେପ। ଜୁଲାଇ ୦୧ରୁ ଏହା ଆରମ୍ଭ ହେବାକୁ ତାରିଖ ଧାର୍ଯ୍ୟ କରାଯାଇଛି। ମେ ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରିଣ୍ଟିଂ, ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ ହେବ। ପରେ ୩୦ ତାରିଖରୁ ରୁ ଜୁନ ଶେଷ ଅର୍ଥାତ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବେ। ଜୁନ ୨୮ ସୁଦ୍ଧା ମତଦାନ କେନ୍ଦ୍ରର ପୁନର୍ବିନ୍ୟାସ ହେବ। ପରେ ଜୁଲାଇ ୦୫ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ଜୁଲାଇ ୫ରୁ ଅଗଷ୍ଟ ୪ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟହୋଇଥିବାବେଳେ ଜୁଲାଇ ୫ରୁ ସେପ୍ଟେମ୍ବର ୨ପର୍ଯ୍ୟନ୍ତ ଦାବି ଓ ଆପତ୍ତିର ସମାଧାନ ହେବ। ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ।

## ଓଣ୍ଡରଲା ପାର୍କକୁ ଏନଜିଟି ଛାଟ

ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ୱଣ୍ଡରଲା ହଲିଡେଜ୍ ଲିମିଟେଡ୍ ଦ୍ୱାରା ଖୋର୍ଦ୍ଧାରେ ପରିଚାଳିତ ୱଣ୍ଡରଲା ପାର୍କକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନଜିଟି)ଙ୍କ ନୋଟିସ୍। ଜଙ୍ଗଲ ଜମି ଜବରଦଖଲ ଓ ବେଆଇନ ନିର୍ମାଣ ଅଭିଯୋଗରେ ଏନଜିଟି ନୋଟିସ୍ ଜାରି କରିବା ସହ ଏହାର ତଦନ୍ତ ପାଇଁ ଏକ ଯୁଗ୍ମ କମିଟି ଗଠନ କରିଛନ୍ତି। ୪ସପ୍ତାହ ସୁଦ୍ଧା ବାସ୍ତବ ସ୍ଥିତି ଅନୁଧ୍ୟାନ ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ରିପୋର୍ଟ ଦେବାକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ଖୋର୍ଦ୍ଧାଠାରେ ପରିଚାଳିତ ଓ୍ୱଣ୍ଡରଲା ପାର୍କ ତାକୁ ଆବଣ୍ଟିତ ସରକାରୀ ଜମି ପାଖରେ ଥିବା ପ୍ରାୟ ୧.୮୬୦ଏକର ପରିମିତ ଜଙ୍ଗଲ ଜମିକୁ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ବେଆଇନ ଭାବେ ଦଖଲ କରି ରହିଥିବା ନେଇ ଆବେଦନକାରୀ ଦିଲ୍ଲୀପ କୁମାର ସାମନ୍ତରାୟ ଏନଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜସ୍ୱ କର୍ତ୍ତୃପକ୍ଷ ଓ ଜଙ୍ଗଲ ବିଭାଗର ଅଧିକାରୀଙ୍କ ରିପୋର୍ଟ ଆଧାରରେ ଆବେଦନକାରୀଙ୍କ ଓକିଲ ଅଖଣ୍ଡ ଯୁକ୍ତି ଦର୍ଶାଇଥିଲେ ଯେ, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ। ୨୦୨୬ ମଇ ୨୧ତାରିଖରେ ଏନଜିଟିଙ୍କ କୋଲକାତାସ୍ଥିତ ପୂର୍ବ ଜୋନ୍ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଜଷ୍ଟିସ ଶିବକୁମାର ସିଂ ଓ ବିଶେଷଜ୍ଞ ସଦସ୍ୟ ଇଶ୍ୱର ସିଂ ଏହି ଅଭିଯୋଗର ସତ୍ୟାସତ୍ୟ ପରଖିବା ପାଇଁ ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ), ଖୋର୍ଦ୍ଧା ଜିଲ୍ଲାପାଳ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଜଣେ ପ୍ରତିନିଧିଙ୍କୁ ନେଇ ଏକ ସ୍ୱତନ୍ତ୍ର ଯୁଗ୍ମ କମିଟି ଗଠନ କରିଛନ୍ତି। ଏହି କମିଟିକୁ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରି ୪ସପ୍ତାହ ମଧ୍ୟରେ ବାସ୍ତବ ସ୍ଥିତି ଅନୁଧ୍ୟାନ ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂକ୍ରାନ୍ତ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ତ କାର୍ଯ୍ୟ ପାଇଁ ସମନ୍ୱୟ ଓ ଆନୁସଙ୍ଗିକ ସହାୟତା ଯୋଗାଇ ଦେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ କୁହାଯାଇଛି। ଆବେଦନକାରୀ ଶ୍ରୀ ସାମନ୍ତରାୟଙ୍କୁ ମଧ୍ୟ ଏକ ସପ୍ତାହ ମଧ୍ୟରେ ଆବେଦନପତ୍ରର ନକଲ ଓ ଦସ୍ତାବିଜକୁ କମିଟି ଏବଂ ବିରୋଧୀ ପକ୍ଷଙ୍କୁ ପ୍ରଦାନ କରି ଏକ ସତ୍ୟପାଠ ଦାଖଲ ପାଇଁ କୁହାଯାଇଛି।

## ଖଣି ଖାଦାନ ଅଞ୍ଚଳରେ କାମ କରୁଥିବା ଶ୍ରମିକଙ୍କ ସ୍ୱାର୍ଥ ପାଇଁ କାମ କରିବ ନ୍ୟାସନାଲ କୋଲ୍ ଆଣ୍ଡ ମାଇନିଂ ଫେଡେରେସନ : ଅର୍ଣ୍ଣବ




ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ରାଜ୍ୟର କୋଇଲା ଖଣି ଓ ଅନ୍ୟାନ ଖଣି ଅଞ୍ଚଳରେ କାମ କରୁଥିବା ଶ୍ରମିକଙ୍କ ସ୍ୱାର୍ଥ ପାଇଁ ନ୍ୟାସିନାଲ କୋଲ ଆଣ୍ଡ ମାଇନିଂ ୱାର୍କର ଫେଡରେସନ ଓଡ଼ିଶାରେ ତାର ସଂଗଠନ ମାଧ୍ୟମରେ କାର୍ଯ୍ୟ କରିବ ବୋଲି ଜାତୀୟ ସଭାପତି ଅର୍ଣ୍ଣବ ଚାଟାର୍ଜି କହିଛନ୍ତି। ଭୁବନେଶ୍ୱରରେ କଳିଙ୍ଗନଗର ଠାରେ କୋଲ ଆଣ୍ଡ ମାଇନିଂ ୱାର୍କର ଫେଡରେସନ ରାଜ୍ୟ କାର୍ଯ୍ୟାଳୟ ଉଦଘାଟନ ଅବସରରେ ଶ୍ରୀ ଚାଟାର୍ଜି କହିଛନ୍ତି ଯେ, ରାଜ୍ୟର ଖଣି ଖାଦାନ ଅଞ୍ଚଳରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରାଯିବ। ଯେଉଁ କମ୍ପାନୀ ବା ଠିକାଦାର ଅଧିନରେ ଖଣି ଶ୍ରମିକମାନେ ସେମାନଙ୍କ ପ୍ରାପ୍ୟ ଓ ଅଧିକାର ପାଉଛନ୍ତି ନା ନାହିଁ ରାଜ୍ୟ ସଂଗଠନ ଏ ସବୁର ଖବର ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇବ। ସେମାନଙ୍କ ପାରିଶ୍ରମିକ ଏବଂ ଜିଏସଆଇ, ଇପିଏଫ ଓ ବୀମା ହେଉଛି କି ନାହିଁ ସେ ସମ୍ପର୍କରେ ଜିଲ୍ଲା ଶ୍ରମ ବିଭାଗ ଠାରୁ ଖବର ନେବା ସହ ଖଣି ଅଞ୍ଚଳକୁ ଯାଇ ତୃଣମୂଳ ସ୍ତରରୁ ଜିଲ୍ଲା ସଂଗଠନ ଦାୟିତ୍ୱ ନେବ ବୋଲି ଶ୍ରୀ ଚାଟାର୍ଜି କହିଛନ୍ତି। ନ୍ୟାସିନାଲ କୋଲ ଆଣ୍ଡ ମାଇନିଂ ୱାର୍କର ଫେଡରେସନର ରାଜ୍ୟ ଅଧ୍ୟକ୍ଷ ସୁଶାନ୍ତ ମହାନ୍ତି ଯୋଗଦେଇ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ସଂଗଠନର କର୍ମକର୍ତ୍ତା ନିୟୋଜିତ କରାଯିବ। ସଂଗଠନକୁ ଶ୍ରମିକମାନଙ୍କ ଏକ ଉତ୍ତରଦାୟୀ ବିଶ୍ୱାସ ଓ ଭରଷାଯୋଗ୍ୟ ସଂଗଠନ ଭାବେ ସୁଦୃଢ କରିବାକୁ ଜିଲ୍ଲା ସଂଗଠନ ଗୁଡ଼ିକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏକ ରାଜ୍ୟ କାର୍ଯ୍ୟକାରୀ କମିଟ ଗଠନ କରାଯାଇଥିବା ବେଳେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ନେଇ ଜାତୀୟ ଅଧ୍ୟକ୍ଷ ଶ୍ରୀ ଚାଟାର୍ଜି ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ରାଜ୍ୟ କୋଇଲା ଓ ଖଣି ମନ୍ତ୍ରୀଙ୍କୁ ଜାତୀୟ ଅଧ୍ୟକ୍ଷ ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ମହାନ୍ତି ଭେଟି ଆଲୋଚନା କରିଛନ୍ତି।

## ୫ ମାସ ପରେ ଜେଲ୍‌ରୁ ବାହାରିଲେ ଶ୍ରୀକ୍ଷେତ୍ର





ବାଲେଶ୍ୱର, ୩୦/୦୫ (ଜେଏନ୍ଏସ୍) : ଜେଲରୁ ବାହାରିଲେ ଶ୍ରୀକ୍ଷେତ୍ର । ହାଇକୋର୍ଟରୁ ଜାମିନ ପାଇ ଜେଲରୁ ବାହାରିଲେ ଶ୍ରୀକ୍ଷେତ୍ର। ପାଞ୍ଚ ମାସ ହେଲା ସେ ପୁରୀ ଜେଲରେ ଥିଲେ। ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡାଙ୍କ ଅଭିଯୋଗରେ ସେ ଗିରଫ ହୋଇଥିଲେ। କାଗଜୀ ପଲାଇ ଓରଫ ସୋନାଲି ପଣ୍ଡାଙ୍କ ବୟସ ହୋଇନଥିବା ବେଳେ ଶ୍ରୀକ୍ଷେତ୍ର ବିବାହ କରିଥିଲେ। ପକ୍ସୋ ଆକ୍ଟରେ ଗିରଫ କରିଥିଲା ପୋଲିସ। ସୂଚନାଯୋଗ୍ୟ ଯେ, ଯାତ୍ରା ହିରୋଇନ୍ ସୋନାଲି ପଣ୍ଡା କିଛି ବର୍ଷ ହେବ ଚର୍ଚ୍ଚାକୁ ଆସିଛନ୍ତି । ଉଭୟ ବ୍ୟକ୍ତିଗତ ଏବଂ ବୃତିଗତ ଜୀବନ ତାଙ୍କୁ ଚର୍ଚ୍ଚାକୁ ଆଣିଛି । ସୋନାଲି ନିଜ ଅତୀତ ବିଷୟରେ ଗଣମାଧ୍ୟମରେ କହି ବେଶ୍ ଭାବବିହ୍ୱଳ ହୋଇଥିଲେ । ସୋନାଲି ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାରଙ୍କୁ ବିବାହ କରିଥିଲେ । ସୋନାଲି ଏବଂ ଶ୍ରୀକ୍ଷେତ୍ରଙ୍କର ଏକ ୧୧ ବର୍ଷର ପୁଅ ମଧ୍ୟ ରହିଛି। ଶ୍ରୀକ୍ଷେତ୍ର ବିବାହ ପରେ ସୋନାଲିଙ୍କୁ ଅନେକ ନିର୍ଯ୍ୟାତନା ଦେଇଥିଲେ ବୋଲି ସୋନାଲି କହିଥିଲେ। ଯାତ୍ରା ଦୁନିଆରେ ପାଦ ଦେବା ପଛର କାରଣ ଶ୍ରୀକ୍ଷେତ୍ର ବୋଲି ସୋନାଲି କହିଥିଲେ। ସୋନାଲିଙ୍କୁ ତୁଳସୀ ଗଣନାଟ୍ୟ ଆଖଡାରେ ଛାଡିଦେଇ ଫେରାର ହୋଇଯାଇଥିଲେ ଶ୍ରୀକ୍ଷେତ୍ର ପ୍ରସାଦ। ପରେ ସୋନାଲି ଅନେକ ପରିଶ୍ରମ କରି ଯାତ୍ରା ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି।

## ଝୋଟ କ୍ଷେତରେ ବସ୍ତା ବସ୍ତା ଟଙ୍କା ପୋତିଥିଲେ ଟିଏମସି ନେତା

କଲିକତା, ୩୦/୦୫ : ଚଳିତ ସପ୍ତାହ ଆରମ୍ଭରେ ପଶ୍ଚିମବଙ୍ଗର ବାଦୁରିଆର ଲୋକମାନଙ୍କ ନଜରକୁ ଏମିତି ଗୋଟିଏ ଦୃଶ୍ୟ ସାମ୍ନାକୁ ଆସିଥିଲା, ଯାହାକୁ ଦେଖି ସେମାନେ ସନ୍ଦେହ କରିଥିଲେ। କାରଣ ଅନ୍ଧାର ରାତିରେ ବେଙ୍ଗଲରେ ପୂର୍ବରୁ ଶାସନ କରୁଥିବା ଟିଏମସିର ଗୋଟିଏ ଅଫିସରୁ କିଛି ଭ୍ୟାନ ବାହାରୁଛି। ସେଗୁଡ଼ିକରେ ଅନେକ ଜିନିଷ ସବୁ ଲଦା ଯାଇଛି। ବିଳମ୍ବିତ ରାତିରେ ଜିନିଷ ବୁହା ହେଉଥିବା ଲୋକମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ୍ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲା। ଟିଏମସି ଅଫିସ ଓ ସ୍ଥାନୀୟ ଅଞ୍ଚଳରେ ଥିବା ଫାର୍ମ ହାଉସରେ ରେଡ କରିଥିଲା। ଉକ୍ତ ଫାର୍ମ ହାଉସଟି ହେଉଛି ବାଦୁରିଆର ପୌର ପାଳିକା ଅଧ୍ୟକ୍ଷ ତଥା ଟିଏମସିର ନେତା ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କର। ଏହି ରେଡରେ ପୋଲିସକୁ ଏମିତି ଏକ ଝୋଟ କ୍ଷେତକୁ ନେଇଯାଇଥିଲା ଯେଉଁଠାରେ ପୋତା ଯାଇଥିଲା କୋଟି କୋଟି ଟଙ୍କା। ଜବତ ହୋଇଥିବା ଟଙ୍କାର ପରିମାଣ ବର୍ତ୍ତମାନ ସୁଦ୍ଧା ୨.୨୪ କୋଟି ଅତିକ୍ରମ କରି ଯାଇଛି। ଏବେ ବି ଜବତ ହୋଇଥିବା ଟଙ୍କାର ଗଣତି ଚାଲିଛି। ପୂରା ଡ୍ରାମା ମେ' ୨୪ ତାରିଖ ରାତିରେ ଆରମ୍ଭ ହୋଇଥିଲା। ସ୍ଥାନୀୟ ଲୋକମାନେ ବିଳମ୍ବିତ ରାତିରେ ଅସ୍ୱାଭାବିକ ଗତିବିଧି ଠାବ କରିଥିଲେ। ଏହାପରେ ପୋଲିସ୍ ଟିଏମସି ପାର୍ଟି ଅଫିସ ଓ ଫାର୍ମ ହାଉସରେ ରେଡ କରିଥିଲା। ପ୍ରଥମେ ସେଠାରୁ ସରକାରଙ୍କ ପକ୍ଷରୁ ରିଲିଫ ଆକାରରେ ଦିଆଯିବାକୁ ଥିବା ୪ ହଜାର ପାଲ ମିଳିଥିଲା। ଫାର୍ମ ହାଉସରୁ ଜବତ ହୋଇଥିଲା ନଗଦ ୮୦ ଲକ୍ଷ ଟଙ୍କା। ସେହିପରି ଆଂଶିକ ଜଳି ସାରିଥିବା ଦସ୍ତାବିଜକୁ ମଧ୍ୟ ଟିଏମସି ଅଫିସ ବାହାରୁ ଠାବ କରାଯାଇଥିଲା। ତେବେ ସେତେବେଳକୁ ଭଟ୍ଟାଚାର୍ଯ୍ୟ ଓ ତାଙ୍କ ସହଯୋଗୀମାନେ ସେଠାରୁ ଖସି ଚାଲି ଯାଇଥିଲା। ବେଙ୍ଗଲର କ୍ଷମତାସୀନ ବିଜେପି ସୋମବାର ଭଟ୍ଟାଚାର୍ଯ୍ୟଙ୍କ ବିରୋଧରେ ଅଭିଯୋଗ ଦାଖଲ କରିବାରୁ ବିସ୍ତୃତ ତଦନ୍ତ ଆରମ୍ଭ ହୋଇଥିଲା। ଦିନ ତମାମ ଭଟ୍ଟାଚାର୍ଯ୍ୟ ସମସ୍ତଙ୍କୁ ଚକମା ଦେଇ ଚାଲିଥିଲେ। ହେଲେ ମଙ୍ଗଳବାର ତାଙ୍କୁ ଗୋଟିଏ ହୋଟେଲରୁ ପୁଲିସ ଗିରଫ କରିଥିଲା। ଗିରଫ ପରେ ପୋଲିସ୍ ତାଙ୍କୁ କୋର୍ଟରେ ହାଜର କରି ରିମାଣ୍ଡରେ ନେଇଥିଲା। ଜେରା ବେଳେ ଭଟ୍ଟାଚାର୍ଯ୍ୟ ତାଙ୍କ ଘର ପଛ ପଟେ ଥିବା ଝୋଟ କ୍ଷେତରେ ପୁଳାପୁଳା ଟଙ୍କା ବସ୍ତାରେ ଭର୍ତ୍ତି ହୋଇ ପୋତା ହୋଇଥିବା ସୂଚନା ଦେଇଥିଲେ। ଖବର ମିଳିବା ମାତ୍ରେ ପୋଲିସ ଟିମ, ସନ୍ଧାନୀ କୁକୁର ଓ ଡ୍ରୋନ୍ କ୍ୟାମେରା ଦ୍ୱାରା ଯାଞ୍ଚ ହୋଇଥିଲା। ବେଶ କିଛି ଘଣ୍ଟାର ଖୋଳାଖୋଳି ପରେ ଯାହା ମିଳିଥିଲା, ତା'କୁ ଦେଖି ସମସ୍ତଙ୍କ ଆଖି ଲାଖି ଯାଇଥିଲା। କାରଣ ଭିଡ଼ା ଭିଡ଼ା ୫୦୦ ଟଙ୍କିଆ ନୋଟ ଓ ସୁନା ଅଳଙ୍କାର ଟ୍ରଲି ବ୍ୟାଗ ଓ ଜରି ଅଖାରେ ଭର୍ତ୍ତି ହୋଇ ମାଟି ତଳେ ପୋତା ହୋଇଥିଲା। ସେହି ଟଙ୍କା ଭର୍ତ୍ତି ବସ୍ତା ଓ ଟ୍ରଲି ବ୍ୟାଗକୁ ପୋଲିସ କାନ୍ଧରେ ରଖି ନେଉଥିବାର ଭିଡିଓ ସାମ୍ନାକୁ ଆସିଛି। ଏବେ ବି ଝୋଟ କ୍ଷେତରେ ଖୋଦେଇ କାମ ଜାରି ରହିଛି। ଏହାକୁ ଦେଖିବାକୁ ପ୍ରବଳ ଭିଡ଼ ମଧ୍ୟ ହୋଇଛି। ଏଯାଏ କ୍ଷେତରୁ ମିଳିଥିବା ଟଙ୍କାକୁ ଗଣିବା ପାଇଁ ମେସିନର ବ୍ୟବହାର କରାଯାଉଛି। ବୁଧବାର ରାତି ତମାମ ଗଣତି ପରେ ୨.୨୪ କୋଟିକୁ ଜବତ କରାଯାଇଛି। ଏବେ ବି ଆଉ କିଛି ବସ୍ତା ବାକି ଥିବାରୁ ଜବତ ପରିମାଣ ୫ କୋଟିରେ ପହଞ୍ଚି ପାରେ। ଭଟ୍ଟାଚାର୍ଯ୍ୟଙ୍କ ବାସଭବନ ନିକଟରେ ଥିବା ଗୋଟିଏ କମ୍ପ୍ୟୁଟର ଟ୍ରେନିଂ ସେଣ୍ଟରରୁ ମଧ୍ୟ କିଛି ବସ୍ତା ଟଙ୍କା ମିଳିଛି। ଏହାର ମାଲିକାନା ମଧ୍ୟ ଭଟ୍ଟାଚାର୍ଯ୍ୟଙ୍କ ପାଖରେ ରହିଛି। ଏବେ ଜଣେ ପୌର ପାଳିକା ଅଧ୍ୟକ୍ଷଙ୍କ ପାଖକୁ ଏତେ ଟଙ୍କା କେମିତି ଆସିଲା, ତା'ର ତଦନ୍ତ ପୋଲିସ୍ ଆରମ୍ଭ କରିଛି।

## ଓଡ଼ିଆରେ ପଢ଼ା ହେବ ଯୁକ୍ତ-୨ ବିଜ୍ଞାନ

ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତିକ୍ରମେ ଓଡ଼ିଶା ଅଧ୍ୟୟନ ଓ ଗବେଷଣା ସଂସ୍ଥା ଦ୍ୱାରା ପ୍ରସ୍ତୁତ ଯୁକ୍ତ-୨ (ଏକାଦଶ ଓ ଦ୍ୱାଦଶ ଶ୍ରେଣୀ) ବିଜ୍ଞାନ ପାଠ୍ୟପୁସ୍ତକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପଢ଼ିବା ପାଇଁ ଉତ୍ସାହ ସୃଷ୍ଟି କରିଛି। ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ୭୦୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଠାଗାରକୁ ଓଡ଼ିଆରେ ରଚିତ ବିଜ୍ଞାନ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି। ଏଥିସହ ଅଧକ୍ଷ ଓ ବିଜ୍ଞାନ ଶିକ୍ଷକଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଗବେଷକ ଓ ବରିଷ୍ଠ ଅଧିକାରୀମାନେ ପ୍ରତି ଜିଲାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଓଡ଼ିଆ ଭାଷାରେ ବିଜ୍ଞାନ ଶିକ୍ଷାର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରିଥିଲେ। ଓଡ଼ିଆରେ ଯୁକ୍ତ-୨ ବିଜ୍ଞାନ ଶିକ୍ଷାକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବାବେଳେ ନାମଲେଖା ଫର୍ମପୂରଣ ବେଳେ ଛାତ୍ରଛାତ୍ରୀ ବିଜ୍ଞାନ ବିଷୟକୁ ପ୍ରଥମ ପସନ୍ଦ ଭାବରେ ଗ୍ରହଣ କରିବାକୁ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ ପୃଷ୍ଟି ପରାମର୍ଶ ଦେଇଛନ୍ତି। ଶିକ୍ଷାବିତ୍ ତଥା ସଂସ୍ଥାର ଗବେଷଣା ବିଭାଗ ସଂଯୋଜକ ନୀରଦ ବରଣ ଖୁଣ୍ଟିଆ କହିଥିଲେ, ଦଶମ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସାରା ରାଜ୍ୟରେ ଓଡ଼ିଆ ସାଥୀମାନେ କାର୍ଯ୍ୟ କରୁଛନ୍ତି।

## ଗିର୍ ଜଙ୍ଗଲରେ ୭ ସିଂହ ମୃତ

ଅହମଦାବାଦ, ୩୦/୦୫ : ବିଗତ ଏକ ସପ୍ତାହ ମଧ୍ୟରେ ଗୁଜରାଟର ଗିର୍ ଜଙ୍ଗଲରେ ୭ଟି ସିଂହ ପ୍ରାଣ ହରାଇଥିବା ଜଣାପଡିଛି। ଏମାନଙ୍କ ମଧ୍ୟରେ ଚାରି ଶାବକ ସାମିଲ ଅଛନ୍ତି। ସଂକ୍ରମଣ କାରଣରୁ ଏମାନଙ୍କର ମୃତ୍ୟୁ ଘଟିଥିବା ଡାକ୍ତରୀ ଦଳ ରିପୋର୍ଟ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗିର୍ ଜଙ୍ଗଲରେ ଥିବା ୧୭ ସିଂହ/ସିଂହୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହା ବ୍ୟତୀତ ବନ ବିଭାଗ ପକ୍ଷରୁ ଆମରେଲି ଓ ଭାବନଗର ଜିଲାରେ ଥିବା ସିଂହଙ୍କ ଉପରେ ନଜର ରଖାଯାଇଛି। ବର୍ତ୍ତମାନ ଗୁଜରାଟରେ ମୋଟ ୮୯୧ ସିଂହ ଥିବାବେଳେ କେବଳ ଗିର୍ ଜଙ୍ଗଲରେ ୩୫୦ରୁ ଅଧିକ ସିଂହ ଅବସ୍ଥାନ କରୁଛନ୍ତି। ପ୍ରଚଣ୍ଡ ଗରମ ଯୋଗୁଁ ଅଧିକାଂଶ ସିଂହ ସିଡିଭି (କାନାଇନ ଡିସ୍ ଟେମ୍ପର ଭାଇରସ୍)ରେ ଆକ୍ରାନ୍ତ ହେଉଛନ୍ତି ବୋଲି ମୁଖ୍ୟ ବନ ସଂରକ୍ଷକ ଜୟପାଲ ସିଂହ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏହି ପ୍ରସଙ୍ଗରେ ଉଚ୍ଚସ୍ତରୀୟ ବୈଠକ ଡକାଇ ପରିସ୍ଥିତି ସମୀକ୍ଷା କରିଛନ୍ତି। ଆମରେଲି ଓ ଭାବନଗର ଜିଲାରେ ଥିବା ସବୁ ସିଂହ, ସିଂହୀ ଓ ଶାବକଙ୍କର ଦୈନନ୍ଦିନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବନ ବିଭାଗକୁ କଡା ନିର୍ଦ୍ଦେଶ ଦିଆଯାଇଛି।

## ଆଗକୁ ପରିବାର...

ଅପେକ୍ଷା 'ଅଭିଜ୍ଞତା'ର ମୂଲ୍ୟ ଅଧିକ। ଅନେକ ବରିଷ୍ଠ ନେତା ନିଜ ପିଲାଙ୍କୁ ଅପରିପକ୍ୱ ବୋଲି ମନେ କରନ୍ତି। ନୂଆ ପିଢ଼ି ରାଜନୀତିକୁ ଆସିଲେ ମଧ୍ୟ ସେମାନଙ୍କ ପାଖରେ କୂଟନୀତି ଏବଂ ସମସ୍ୟା ସମାଧାନର ସେତେଟା ଅଭିଜ୍ଞତା ନଥାଏ। ତେଣୁ ପଛରେ ରହି ନିର୍ଦ୍ଦେଶ ଦେବା ପରିବର୍ତ୍ତେ ସାମ୍ନାକୁ ଆସି ନେତୃତ୍ୱ ନେବାକୁ ସେମାନେ ଉଚିତ୍ ମନେ କରନ୍ତି। ଅନେକ ସମୟରେ ଦଳ ପରିବାରର ଜଣକୁ ହିଁ ଟିକେଟ୍ ଦେବାକୁ ଚାହେଁ, କିନ୍ତୁ ବାପାମାନେ ନିଜ ସିଟ୍ ଛାଡ଼ିବାକୁ ଚାହାଁନ୍ତି ନାହିଁ କାରଣ ସେମାନଙ୍କୁ ଲାଗେ ଯେ ସେମାନେ ହିଁ ବିଜୟୀ ହେବାର ସର୍ବୋତ୍ତମ ବିକଳ୍ପ। ଓଡ଼ିଶା ରାଜନୀତିରେ ପରିବାରବାଦର ଭବିଷ୍ୟତ କେବଳ ଗୋଟିଏ ଦିଗରେ ନାହିଁ। ବର୍ତ୍ତମାନର ସ୍ଥିତି ଅନୁଯାୟୀ ଏହା କମିପାରେ କିମ୍ବା ଏକ ନୂଆ ରୂପ ନେଇପାରେ। ୨୦୨୪ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ଜଣାପଡୁଛି ଯେ, ଓଡ଼ିଶାର ଭୋଟରମାନେ କେବଳ 'ପରିବାର' ଦେଖି ଭୋଟ ଦେଉନାହାଁନ୍ତି। ଯୋଗ୍ୟତା ଓ କାମକୁ ଅଧିକ ଗୁରୁତ୍ୱ ମିଳୁଛି। ବିଜେପି ସର୍ବଦା ପରିବାରବାଦ ବିରୋଧରେ ସ୍ୱର ଉତ୍ତୋଳନ କରିଆସିଛି। ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରେ ଅଣ-ରାଜନୈତିକ ପୃଷ୍ଠଭୂମିରୁ ଆସିଥିବା ତୃଣମୂଳ ସ୍ତରର ନେତା ମାନଙ୍କୁ ଅଧିକ ପ୍ରାଧାନ୍ୟ ମିଳୁଛି। ଅନେକ ବଡ଼ ନେତାଙ୍କ ପୁଅ-ଝିଅ ନିର୍ବାଚନରେ ପରାଜିତ ହେବା ପରେ ଏହି ଧାରଣା ବଢୁଛି ଯେ, 'ନେତାଙ୍କ ପୁଅ ନେତା' ହେବା ଏତେ ସହଜ ନୁହେଁ। ବରିଷ୍ଠ ନେତାମାନେ ନିଜ ଅଞ୍ଚଳରେ ଯେଉଁ ସଂଗଠନ ଗଢ଼ିଥାନ୍ତି, ତାହା ଅନ୍ୟ କାହା ଅପେକ୍ଷା ସେମାନଙ୍କ ପୁଅ କିମ୍ବା ଝିଅଙ୍କ ପାଇଁ ଅଧିକ ସହଜ ହୋଇଥାଏ। ବିଜେଡି ଭଳି ଆଞ୍ଚଳିକ ଦଳଗୁଡ଼ିକରେ ପ୍ରାୟତଃ ବରିଷ୍ଠ ନେତାଙ୍କ ପରିବାରକୁ ହିଁ ଟିକେଟ ଦିଆଯାଉଛି, କାରଣ ସେମାନଙ୍କର ଜିତିବା କ୍ଷମତା ଅଧିକ ଥାଏ। ଯଦିଓ ପୁରୁଣା ନେତାମାନେ ସଂଘର୍ଷ କରୁଛନ୍ତି, କିନ୍ତୁ କିଛି ନୂଆ ପିଢ଼ିର ନେତା (ଯଥା: ସୋଫିଆ ଫିରଦୋସ, ସୌଭିକ ବିଶ୍ୱାଳ) ନିଜ ଦକ୍ଷତାରେ ସଫଳ ହେଉଛନ୍ତି, ଯାହା ଏହି ପରମ୍ପରାକୁ ବଞ୍ଚାଇ ରଖିବ। ଆଗକୁ 'ଅନ୍ଧ ପରିବାରବାଦ' (କେବଳ ବାପାଙ୍କ ନାଁରେ ଜିତିବା) ନିଶ୍ଚିତ ଭାବେ କମିବ। କିନ୍ତୁ ଯେଉଁ ପୁଅ-ଝିଅମାନେ ରାଜନୈତିକ ପରିବାରରୁ ଆସି ମଧ୍ୟ ନିଜର ଦକ୍ଷତା ପ୍ରମାଣିତ କରିବେ, ସେମାନେ ହିଁ ତିଷ୍ଠି ରହିବେ। ଓଡ଼ିଶା ରାଜନୀତି ଏବେ 'ବଂଶବାଦ'ରୁ 'ଯୋଗ୍ୟତାବାଦ' ଆଡ଼କୁ ଗତି କରୁଛି।

ଓଡ଼ିଶା ରାଜନୀତିରେ ପରିବାରବାଦ ବା ବାପା-ପୁଅ-ଝିଅଙ୍କ ନିର୍ବାଚନ ଲଢ଼ିବା କିଛି ନୂଆ କଥା ନୁହେଁ। ଏଥିରେ କେତେକ ବହୁତ ସଫଳ ହୋଇଥିବା ବେଳେ କେତେକ ସଂଘର୍ଷ କରୁଛନ୍ତି। ଓଡ଼ିଶା ରାଜନୀତିର ସବୁଠାରୁ ସଫଳ ଯୋଡ଼ି ପିତା ବିଜୁ ପଟ୍ଟନାୟକଙ୍କ ପରେ ପୁଅ ନବୀନ ପଟ୍ଟନାୟକ ବିଜୁ ଜନତା ଦଳ ଗଠନ କରି ଦୀର୍ଘ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ରହି ଏକ ରେକର୍ଡ ସୃଷ୍ଟି କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପୁଅ ତଥାଗତ ଶତପଥୀ ମଧ୍ୟ ରାଜନୀତିରେ ବେଶ୍ ସଫଳ ହୋଇଥିଲେ ଏବଂ ଅନେକ ଥର ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପତ୍ନୀ ଜୟନ୍ତୀ ପଟ୍ଟନାୟକ ସଫଳ ଥିବାବେଳେ ତାଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ସେତେଟା ସଫଳ ହୋଇ ପାରିନାହାଁନ୍ତି। ଜଟଣୀର ବରିଷ୍ଠ ନେତା ସୁରେଶ ରାଉତରାୟଙ୍କ ପୁଅ ମନ୍ମଥ ରାଉତରାୟ ଓ ସିଦ୍ଧାର୍ଥ ରାଉତରାୟ ନିକଟରେ ରାଜନୀତିରେ ପ୍ରବେଶ କରି ଭୁବନେଶ୍ୱର ଲୋକସଭାରୁ ମନ୍ମଥ ରାଉତରାୟ, ନିମାପଡାରୁ ସିଦ୍ଧାର୍ଥ ରାଉତରାୟ ନିର୍ବାଚନ ଲଢ଼ି ହାରିଛନ୍ତି। ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିର୍ଦୋସ ୨୦୨୪ ନିର୍ବାଚନରେ ବାରବାଟୀ-କଟକ ଆସନରୁ ବିଧାୟିକା ଭାବେ ନିର୍ବାଚିତ ହୋଇ ଜଣେ ସଫଳ ନେତ୍ରୀ ଭାବେ ଉଭା ହୋଇଛନ୍ତି। କଂଗ୍ରେସ ନେତା ଅନନ୍ତ ସେଠୀଙ୍କ ଝିଅ ମଧୁସ୍ମିତା ମଧ୍ୟ ନିର୍ବାଚନ ଲଢ଼ିଛନ୍ତି। ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ ନିଜେ ନିର୍ବାଚନ ହାରିଥିବା ବେଳେ ପୁଅ ସାଗର ଦାସ ନିର୍ବାଚନ ଲଢ଼ି ବିଧାୟକ ହୋଇ ସଫଳ ହୋଇଛନ୍ତି। ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ବିଜେଡି ଟିକେଟରେ ନିର୍ବାଚନ ଲଢ଼ିଥିଲେ ହେଁ, ବାପା ବିଜୟ ମହାପାତ୍ରଙ୍କ ରାଜନୈତିକ ଅଭିଜ୍ଞତା ଓ ରଣନୀତି ପାଇଁ ବିଧାୟକ ଭାବେ ଜିତିବାର ସୌଭାଗ ପାଇଛନ୍ତି।

ସେହିଭଳି ଅନେକ ବରିଷ୍ଠ ନେତାଙ୍କ ପୁଅ-ଝିଅ ରାଜନୀତିରେ ପ୍ରୟାସ କରି ଆଶାନୁରୂପ ସଫଳତା ପାଇ ନାହାଁନ୍ତି। ଯେମିତିକି ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ ଏବଂ ନରସିଂହ ମିଶ୍ରଙ୍କ ପୁଅ ସମରେନ୍ଦ୍ର ମିଶ୍ର ନିର୍ବାଚନରେ ପରାଜୟର ସାମ୍ନା କରିଛନ୍ତି। କିଛି ବରିଷ୍ଠ ନେତା ନିଜ ପୁଅଙ୍କୁ ରାଜନୀତିକୁ ଆଣିଥିଲେ ବି ନିଜେ ରାଜନୈତିକ ମଇଦାନରୁ ସମ୍ପୂର୍ଣ୍ଣ ହଟିବାକୁ ଚାହିଁ ନାହାଁନ୍ତି ବା ପରୋକ୍ଷରେ ପ୍ରଭାବଶାଳୀ ରହିଛନ୍ତି । ଓଡିଶା ରାଜନୀତିରେ ରାଜନେତାଙ୍କ ପୁଅ-ଝିଅ ଭବିଷ୍ୟତ କଣ ହେବ, ତାହା ବର୍ତ୍ତମାନ ଏକ 'ପିଢ଼ି ପରିବର୍ତ୍ତନ'ର ସମୟ ଦେଖିବାକୁ ମିଳିଛି। ଅନେକ ବରିଷ୍ଠ ନେତାଙ୍କ ପୁଅ-ଝିଅ ମଇଦାନକୁ ଓହ୍ଲାଇଥିବା ବେଳେ ସେମାନଙ୍କ ଭବିଷ୍ୟତକୁ ନେଇ ଭିନ୍ନ ଭିନ୍ନ ସମ୍ଭାବନା ରହିଛି । ଓଡ଼ିଶା ରାଜନୀତିରେ ଏମିତି ଅନେକ ଘଟଣା ଅଛି ଯେଉଁଠି ବାପାମାନେ ରାଜନୀତିରେ ପ୍ରଭାବଶାଳୀ ଥିବା ବେଳେ କିମ୍ବା ସକ୍ରିୟ ଥାଇ ମଧ୍ୟ ସେମାନଙ୍କ ପୁଅ ବା ଝିଅ ନିର୍ବାଚନରେ ପରାଜୟର ସାମ୍ନା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ବେଗୁନିଆ ଆସନରୁ ନିଜର ପ୍ରଥମ ନିର୍ବାଚନରେ ପରାଜିତ ହୋଇ ତୃତୀୟ ସ୍ଥାନରେ ରହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମିତା ବିଶ୍ୱାଳ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଆସନରୁ ନିର୍ବାଚନ ଲଢ଼ି ପରାଜିତ ହୋଇଛନ୍ତି। ପାରଳା ମହାରାଜା ତଥା ପୂର୍ବତନ ସାଂସଦ ଗୋପୀନାଥ ଗଜପତିଙ୍କ ଝିଅ କଲ୍ୟାଣୀ ଗଜପତି ୨୦୧୯ ନିର୍ବାଚନରେ ପରାଜିତ ହୋଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପୁଅ ଶିଶିର ଗମାଙ୍ଗ ଗୁଣୁପୁର ଆସନରୁ ବିଜେପି ଟିକେଟରେ ଲଢ଼ି ପରାଜୟର ବରଣ କରିଛନ୍ତି। ବରିଷ୍ଠ ନେତା ଅନଙ୍ଗ ଉଦୟ ସିଂହଦେଓ ଦଳରେ ପ୍ରଭାବଶାଳୀ ଥିବା ସତ୍ତ୍ୱେ କାଳିକେଶ ବଲାଙ୍ଗୀର ଲୋକସଭା ଆସନରୁ ପରାଜିତ ହୋଇଥିଲେ। ଅନଙ୍ଗ ଉଦୟ ସିଂହଦେଓଙ୍କ ସାନ ପୁଅ ଅର୍କେଶ ନାରାୟଣ ସିଂହଦେଓ ମଧ୍ୟ ବଲାଙ୍ଗୀର ବିଧାନସଭା ଆସନରୁ ଜିତିଛନ୍ତି। ପ୍ରଭାବଶାଳୀ ନେତା କଳ୍ପତରୁ ଦାସଙ୍କ ପୁଅ ପ୍ରଣବ ବଳବନ୍ତରାୟ ଧର୍ମଶାଳା ଆସନରୁ ଗତ ନିର୍ବାଚନରେ ପରାଜିତ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ପୁଅ ପ୍ରୀତି ରଞ୍ଜନ ଘଡ଼ାଇ ସୁକିନ୍ଦା ଆସନରୁ ପରାଜୟ ହୋଇଛନ୍ତି। ବରିଷ୍ଠ ନେତା ଜର୍ଜ ତିର୍କୀଙ୍କ ପୁଅ ରୋହିତ ଜୋସେଫ ତିର୍କୀ ମଧ୍ୟ ବୀରମିତ୍ରପୁର ଆସନରୁ ପରାଜିତ ହୋଇଥିଲେ। ସେହିପରି ବରିଷ୍ଠ ରାଜନେତା ପ୍ରଭାତ ତ୍ରିପାଠୀଙ୍କ ପୁଅ ଦେବୀରଂଜନ ତ୍ରିପାଠୀ ବିଧାୟକ ଭାବେ ସଫଳ ହୋଇଥିବା ବେଳେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୁଅ ନିର୍ବାଚନ ଲଢ଼ି ବିଫଳ ହୋଇଛନ୍ତି । ଏହି ପରିସଂଖ୍ୟାନ ଦର୍ଶାଏ ଯେ, ରାଜନୈତିକ ପରିବାରର ଉତ୍ତରାଧିକାରୀ ହେବା ସତ୍ତ୍ୱେ ଭୋଟରମାନେ ବ୍ୟକ୍ତିଗତ ପ୍ରଦର୍ଶନ ଓ ଆଞ୍ଚଳିକ ସମସ୍ୟାକୁ ଅଧିକ ଗୁରୁତ୍ୱ ଦିଅନ୍ତି। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଝିଅ ଦିପାଳୀ ଦାସ ଝାରସୁଗୁଡାରୁ ଉପ ନିର୍ବାଚନ ଜିତିଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନରେ ହାରିଛନ୍ତି।

ଓଡ଼ିଶା ରାଜନୀତିରେ ସେହିଭଳି ଅନେକ ଦିବଂଗତ ନେତାଙ୍କ ପୁଅ ଓ ଝିଅମାନେ ସକ୍ରିୟ ରହି ନିଜ ବାପାମାନଙ୍କ ରାଜନୈତିକ ଉତ୍ତରାଧିକାରକୁ ଆଗକୁ ନେଉଛନ୍ତି। ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନିଲ ମହାନ୍ତି ବର୍ତ୍ତମାନ ବିଜେଡି ଟିକେଟରେ ନିର୍ବାଚନ ଲଢ଼ି ବିଧାୟକ ଅଛନ୍ତି ।

## ଦେଶର ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅପମାନ ଭଳି ଶବ୍ଦ ଶୁଣିବା ଖୁବ୍ ହାସ୍ୟାସ୍ପଦ : ରୁପାଲୀ ଗାଙ୍ଗୁଲୀ

ନୂଆଦିଲ୍ଲୀ, ୩୦/୦୫ : ନିକଟରେ ୟୁଟ୍ୟୁବର ଧ୍ରୁବ ରାଠୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନେଇ ଏକ ଟ୍ୱିଟ୍ କରିଥିଲେ । ଟ୍ୱିଟରେ ପିଏମ ମୋଦୀଙ୍କ ନରଓ୍ୱେ ଗସ୍ତକୁ ନେଇ ପୋଷ୍ଟ ସେୟାର କରାଯାଇଥିଲା । ୟୁଟ୍ୟୁବର କହିଥିଲେ, 'ପିଏମ୍ ମୋଦୀଙ୍କୁ ସବୁଠି ଅପମାନିତ କରାଯିବା ଦରକାର ।' ଧ୍ରୁବ ରାଠୀଙ୍କ ଏହି ପୋଷ୍ଟକୁ ସୋସିଆଲ ମିଡିଆ ୟୁଜର୍ସଙ୍କ ସମେତ ଅନେକ ସେଲିବ୍ରିଟି ବିରୋଧ କରିଛନ୍ତି। ଏହି କ୍ରମରେ ଅନୁପମା ଆକ୍ଟ୍ରେସ ରୁପାଲ ଗାଙ୍ଗୁଲୀ ମଧ୍ୟ ପୋଷ୍ଟ ସେୟାର କରି ଧ୍ରୁବ୍ର ରାଠୀଙ୍କ ଏହି ପୋଷ୍ଟର କଡ଼ା ଜବାବ ଦେଇଛନ୍ତି। ରୁପାଲୀ ଗାଙ୍ଗୁଲୀ ଲେଖିଛନ୍ତି ଦେଶର ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅପମାନ ଭଳି ଶବ୍ଦ ଶୁଣିବା ଖୁବ୍ ହାସ୍ୟାସ୍ପଦ। ଦୁନିଆରେ ଅନେକ ଦେଶ ପିଏମ ମୋଦୀଙ୍କୁ ନିଜ ଦେଶର ସବୁଠୁ ବଡ଼ ନାଗରିକ ସମ୍ମାନରେ ସମ୍ମାନିତ କରୁଛନ୍ତି। ଦେଶର ପିଏମ ଦୁନିଆର ସବୁଠୁ ଅଧିକ ସମ୍ମାନିତ ନେତାଙ୍କ ମଧ୍ୟରୁ ଜଣେ। ଦୀର୍ଘ ୨୫ ବର୍ଷ ଧରି ଲୋକେ ତାଙ୍କୁ ହିଁ ନିଜ ନେତା ବାଛୁଛନ୍ତି। ଲକ୍ଷ ଲକ୍ଷ ଲୋକ ତାଙ୍କୁ ପସନ୍ଦ କରୁଛନ୍ତି ଏବଂ ତାଙ୍କର ପ୍ରଶଂସା କରୁଛନ୍ତି। ତାଙ୍କ ଉପରେ ଭରସା ମଧ୍ୟ କରୁଛନ୍ତି, ଯାହାକୁ ଶବ୍ଦରେ ବର୍ଣ୍ଣନା କରିହେବ ନାହିଁ। ରୁପାଲୀ ଆହୁରି ମଧ୍ୟ ଧ୍ରୁବ୍ର ରାଠୀଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ଭାରତର ବିକାଶ ଆମ ଉପରେ ଛାଡ଼ି ଦିଅନ୍ତୁ। ବିଦେଶରେ ବସି ଭାରତର ବାସ୍ତବିକତା ବିଷୟରେ ଅନଭିଜ୍ଞ ଥିବା କୌଣସି ୟୁଟ୍ୟୁବରର ଆବଶ୍ୟକତା ନାହିଁ। ସୂଚନାଥାଉକି, ଧ୍ରୁବ୍ର ରାଠୀଙ୍କ ଟ୍ୱିଟ ପିଏମ ମୋଦୀଙ୍କ ନରଓ୍ୱେ ଗସ୍ତ ସମୟରେ ଏକ ଗଣମାଧ୍ୟମ ସମ୍ମିଳନୀ ସହ ଜଡ଼ିତ ଥିଲା। ପ୍ରକୃତରେ, ଏହି ସମୟରେ ଜଣେ ବିଦେଶୀ ସାମ୍ବାଦିକା ପିଏମ ମୋଦୀଙ୍କୁ ପ୍ରଶ୍ନ ପଚାରିଥିଲେ। ହେଲେ ପିଏମ ମୋଦୀ ଏହାର ଜବାବ ନଦେଇ ସେଠାରୁ ଚାଲିଯାଇଥିଲେ। ଏହା ପରେ ଧ୍ରୁବ୍ର ରାଠୀ ଟ୍ୱିଟରେ ପିଏମ ମୋଦୀଙ୍କୁ ସମାଲୋଚନା କରିଥିଲେ।ଦ

## ଶପଥ ନେବେ ଶିବକୁମାର

ନୂଆଦିଲ୍ଲୀ, ୩୦/୦୫ : କର୍ଣ୍ଣାଟକର ଶାସକ ଦଳ କଂଗ୍ରେସରେ ଲାଗି ରହିଥିବା କ୍ଷମତା ବିବାଦ ପରିପ୍ରେକ୍ଷୀରେ ମଙ୍ଗଳବାର ଦଳର ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ନୂଆଦିଲ୍ଲୀର ଇନ୍ଦିରା ଭବନରେ ଅନୁଷ୍ଠିତ ବୈଠକରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ବରିଷ୍ଠ ନେତା ରାହୁଲ ଗାନ୍ଧୀ, କେସି ବେଣୁଗୋପାଳ, କର୍ଣ୍ଣାଟକ ରାଜ୍ୟ ପ୍ରଭାରୀ ରଣଦୀପ ସୂର୍ଯ୍ୟେଓ୍ୱାଲା, ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଓ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ପ୍ରମୁଖ ଯୋଗ ଦେଇଥିଲେ।



ରିପୋର୍ଟ ଅନୁଯାୟୀ ବୈଠକରେ ସିଦ୍ଧରମେୟାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡିବାକୁ ହାଇକମାଣ୍ଡଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଏପରି କି ଗୁରୁବାର ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ସୂଚନା ମିଳିଛି। ସିଦ୍ଧରମେୟା ମୁଖ୍ୟମନ୍ତ୍ରୀ ପଦ ଛାଡିବା ପରେ ତାଙ୍କୁ ରାଜ୍ୟସଭାକୁ ପଠାଯିବ। ପରେ ତାଙ୍କୁ କଂଗ୍ରେସର ଜାତୀୟ ସଂଗଠନ ସ୍ତରରେ ବଡ ଦାୟିତ୍ୱ ଦିଆଯିବ। ସିଦ୍ଧରମୈୟାଙ୍କ ସ୍ଥାନରେ ଡିକେ ଶିବକୁମାର କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ହେବେ। ମୁଖ୍ୟମନ୍ତ୍ରୀ ପଦ ଲାଗି ଶିବକୁମାର ଓ ତାଙ୍କ ସମର୍ଥକମାନେ ଦୀର୍ଘ ଦିନ ହେଲା ହାଇକମାଣ୍ଡଙ୍କ ନିକଟରେ ଦାବି କରିଆସୁଥିଲେ। ୨୦୨୩ ବିଧାନସଭା ନିର୍ବାଚନ ପରେ ଶିବକୁମାର ମୁଖ୍ୟମନ୍ତ୍ରୀ ପାଇଁ ବଡ ଦାବିଦାର ଥିଲେ। ତେବେ ଏହି କ୍ଷମତା ପରିବର୍ତ୍ତନ ସମ୍ପର୍କରେ କଂଗ୍ରେସ ଦଳ କିମ୍ବା ସିଦ୍ଧରମେୟା ଓ ଶିବକୁମାରଙ୍କ ପକ୍ଷରୁ କିଛି କୁହାଯାଇ ନାହିଁ। ବୈଠକ ପରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ବେଣୁଗୋପାଳ କହିଛନ୍ତି ଯେ ଆଗକୁ ହେବାକୁ ଯାଉଥିବା ରାଜ୍ୟସଭା ନିର୍ବାଚନ ଓ କର୍ଣ୍ଣାଟକ ବିଧାନ ପରିଷଦ (ଏମଏଲସି) ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯାଇଛି। ତେଣୁ ଏହି ବୈଠକକୁ ନେଇ କୌଣସି ପ୍ରକାର ଆକଳନ ନ କରିବାକୁ ସେ ସାମ୍ବାଦିକଙ୍କୁ କହିଛନ୍ତି। ସିଦ୍ଧରମେୟା ଓ ଶିବକୁମାର ମଧ୍ୟ ରାଜ୍ୟ ସରକାରରେ ନେତୃତ୍ୱ ପରିବର୍ତ୍ତନ ସମ୍ପର୍କରେ କିଛି କହିବାକୁ ମନା କରିଛନ୍ତି। ହାଇକମାଣ୍ଡଙ୍କ ସହ ହେବାକୁ ଥିବା ବୈଠକରେ ଯୋଗ ଦେବା ଲାଗି ଉଭୟ ଶିବକୁମାର ଓ ସିଦ୍ଧରମେୟା ସୋମବାର ଠାରୁ ନୂଆଦିଲ୍ଲୀ ଆସି କର୍ଣ୍ଣାଟକ ଭବନରେ ଅବସ୍ଥାନ କରିଥିଲେ।

## ୫ ଟଙ୍କାରେ ମିଳିବ ମାଛ-ଭାତ ଘୋଷଣା କଲେ ଶୁଭେନ୍ଦୁ

କଲିକତା, ୩୦/୦୫ : ଏଣିକି ୫ ଟଙ୍କାରେ ମିଳିବ ଭାତ ଓ ମାଛ ମିଲ୍ । ସରକାରଙ୍କ ଦ୍ୱାରା ପରିଚାଳିତ କ୍ୟାଣ୍ଟିନରେ ଲୋକଙ୍କୁ ଏହି ସବୁ ସୁବିଧା ମିଳିବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ କହିଛନ୍ତି ଯେ "ସବସିଡି ଯୁକ୍ତ ଖାଦ୍ୟ ପଶ୍ଚିମବଙ୍ଗର ୪୦୦ଟି କ୍ୟାଣ୍ଟିନରେ ଉପଲବ୍ଧ ହେବ। ଲୋକମାନେ ସେଠାରେ ମାତ୍ର ୫ ଟଙ୍କା ଦେଇ ମାଛ ଭାତ ମିଲ ଖାଇପାରିବେ।"



ଭାତ-ମାଛ ନିର୍ବାଚନ ପ୍ରଚାର ବେଳେ ବିଜେପି ଓ ଟିଏମସି ମଧ୍ୟରେ ପ୍ରମୁଖ ପ୍ରସଙ୍ଗ ରହିଥିଲା। ବିଜେପି କ୍ଷମତାକୁ ଆସିଲେ ବେଙ୍ଗଲର ପରିଚୟ ମାଛ ଖାଇବା ବନ୍ଦ କରି ଦେବ ବୋଲି ଏପ୍ରିଲ ମାସରେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଦାବି କରିଥିଲେ। ହେଲେ ସେତେବେଳେ ବିଜେପି ସେମିତି କିଛି କରିବ ନାହିଁ ବୋଲି କହିଥିଲା। ଦଳୀୟ ନେତାମାନେ ବିଭିନ୍ନ ରାଲିରେ ମାଛ ଭାତ ମଧ୍ୟ ଖାଇଥିଲେ। ଏବେ ଶୁଭେନ୍ଦୁ ଅଧିକାରୀ ଲୋକଙ୍କୁ ୫ ଟଙ୍କାରେ ଭାତ-ମାଛ ମିଲ ମିଳିବ ବୋଲି କହିଛନ୍ତି। ବେଙ୍ଗଲରେ ସବସିଡ କ୍ୟାଣ୍ଟିନ ମିଲ ବେଶ ପରିଚିତ। ୨୦୨୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲୋକଙ୍କୁ ୫ ଟଙ୍କାରେ ମିଲ ଯୋଗାଇବା ଯୋଜନା ଲଞ୍ଚ କରିଥିଲେ। ମା' କ୍ୟାଣ୍ଟିନରେ ଦିନ ୧୨.୩୦ରୁ ଦିନ ୩ଟା ଯାଏ ଲୋକଙ୍କୁ ଭାତ, ଡାଲି, ଭଜା ଓ ଅଣ୍ଡା ତରକାରୀ ଯୋଗାଇ ଦିଆଯାଉଛି। ୨୦୨୧ରେ ଏଥିପାଇଁ ରାଜ୍ୟ ସରକାର ୧୦୦ କୋଟିର ବ୍ୟୟବରାଦ କରିଥିଲେ। ଏବେ ସେହି କ୍ୟାଣ୍ଟିନ ଗୁଡ଼ିକରେ ଲୋକଙ୍କୁ ୫ ଟଙ୍କାରେ ଭାତ ମାଛ ବି ମିଳିବ। ସେହିପରି ଅନ୍ନପୂର୍ଣ୍ଣା ଯୋଜନା ପାଇଁ ମେ' ୨୭ ଅର୍ଥାତ ଆସନ୍ତାକାଲି ଠାରୁ ଫର୍ମ ବଣ୍ଟନ କରାଯିବ। ଏହି ଯୋଜନାରେ ଯୋଗ୍ୟ ମହିଳାମାନେ ମାସିକ ୩ ହଜାର ଟଙ୍କା ଲେଖାଏ ସହାୟତା ପାଇବେ। ଶୁଭେନ୍ଦୁ ଅଧିକାରୀ କହିଛନ୍ତି, "ଆସନ୍ତାକାଲି ଠାରୁ ରାଜ୍ୟ ସଚିବାଳୟରେ ଅନ୍ନପୂର୍ଣ୍ଣା ଯୋଜନାର ଫର୍ମ ଉପଲବ୍ଧ ହେବ। ସମସ୍ତ ଭାରତୀୟ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଯୋଗ୍ୟ।" ମୁଖ୍ୟମନ୍ତ୍ରୀ ଆହୁରି ଘୋଷଣା କରିଛନ୍ତି ଯେ ରାଜ୍ୟର ସମସ୍ତ ସ୍କୁଲ, କଲେଜ ଓ ମନ୍ଦିରର ୧ କିମି ପରିଧି ମଧ୍ୟରେ ମଦ ଦୋକାନ ଖୋଲିବାକୁ କୌଣସି ପ୍ରକାରର ଅନୁମତି ମିଳିପାରିବ ନାହିଁ। ସାମ୍ବାଦିକମାନଙ୍କୁ ସୂଚନା ଦେଇ ଅଧିକାରୀ କହିଛନ୍ତି ଯେ "ପଶ୍ଚିମବଙ୍ଗରେ ଗୋଟିଏ ନୂଆ ବ୍ୟବସ୍ଥା ପ୍ରତିଷ୍ଠା ହୋଇଛି। ଏଠାରେ ଆଉ ଶାସକର ନିୟମ ନୁହେଁ, ବରଂ ଆଇନର ଶାସନ ଚାଲିବ। ପୂର୍ବରୁ ଆମେ ଦୁର୍ଗାପୁରରେ ବାଙ୍କୁରା, ପୂର୍ବ ବର୍ଦ୍ଧମାନ ଓ ପଶ୍ଚିମ ବର୍ଦ୍ଧମାନ ସମ୍ପର୍କରେ ବୈଠକ କରିଥିଲୁ। ଆଜିର ବୈଠକରେ ନଦିଆ, ଉତ୍ତର ୨୪ ପ୍ରଗଣା ଓ ହୁଗଲୀ ଉପରେ ଫୋକସ ରହିଥିଲା। ସମାନ ପ୍ରକାରର ବୈଠକ ମାଲଦାରେ ମୁର୍ଶିଦାବାଦ, ଉତ୍ତର ଦିନାଜପୁର, ଦକ୍ଷିଣ ଦିନାଜପୁର ପାଇଁ ହେବ। କୋଲାଘାଟରେ ପୂର୍ବ ମେଦିନପୁର, ପଶ୍ଚିମ ମେଦିନପୁର, ଝାଡ଼ଗ୍ରାମ ଓ ହାଓ୍ୱଡା ପାଇଁ ମଧ୍ୟ ବୈଠକ ଅନୁଷ୍ଠିତ କରାଯିବ। ବିଧାୟକ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଏହି ବୈଠକ ହେଉଛି।"

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ତାମିଲନାଡୁ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୩୦/୦୫ : ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସି. ଯୋଶେଫ ବିଜୟ ପ୍ରଥମ ଥର ପାଇଁ ନୂଆଦିଲ୍ଲୀ ଗସ୍ତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ପ୍ରାୟ ୧୨ ବର୍ଷ ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ସାକ୍ଷାତ୍କାର ଯାହାକୁ ନେଇ ଦେଶ ତଥା ତାମିଲନାଡୁ ରାଜନୀତିରେ ନୂଆ ସମୀକରଣ ଓ ମେଣ୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ 'ସେବା ତୀର୍ଥ'ରେ ପ୍ରାୟ ୨୫ ମିନିଟ୍ ଧରି ଚାଲିଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ବିଜୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏକ ଦାବିପତ୍ର ହସ୍ତାନ୍ତର କରିଛନ୍ତି ଏବଂ ତାମିଲନାଡୁର କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ବିଶେଷକରି ସରକାରୀ କାର୍ଯ୍ୟକ୍ରମ ଆରମ୍ଭରେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାନ ବାଧ୍ୟତାମୂଳକ କରାଯିବାକୁ ନେଇ ମୁଖ୍ୟମନ୍ତ୍ରୀ ବିଜୟ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଆପତ୍ତି ଉଠାଇଛନ୍ତି। ବିଜୟ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତାମିଲନାଡୁର ରାଜ୍ୟ ସଙ୍ଗୀତକୁ 'ବନ୍ଦେ ମାତରମ୍' ପୂର୍ବରୁ ଗାନ କରିବା ପାଇଁ ଅନୁମତି ଦେଉ, ଯଦ୍ଦ୍ୱାରା ଆଞ୍ଚଳିକ ସାଂସ୍କୃତିକ ପରିଚୟ ବଜାୟ ରହିବ। କର୍ଣ୍ଣାଟକ ସରକାରଙ୍କ ଦ୍ୱାରା କାବେରୀ ନଦୀ ଉପରେ ପ୍ରସ୍ତାବିତ 'ମେକେଦାତୁ ପ୍ରକଳ୍ପ'କୁ ନେଇ ବିଜୟ ଦୃଢ଼ ଆପତ୍ତି ଉଠାଇଛନ୍ତି। ସମ୍ପୃକ୍ତ ରାଜ୍ୟର ସହମତି ବିନା ଏହି ପ୍ରକଳ୍ପକୁ ଅନୁମତି ନଦେବା ପାଇଁ ସେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି। ତାମିଲନାଡୁରେ ପ୍ରତିରକ୍ଷା ଏବଂ ମହିଳା ମହାକାଶ ଶିଳ୍ପକୁ ମଜଭୁତ କରିବା, ଶ୍ରୀଲଙ୍କା ନୌସେନା ଦ୍ୱାରା ଗିରଫ ତାମିଲନାଡୁର ମତ୍ସ୍ୟଜୀବୀଙ୍କୁ ମୁକ୍ତ କରିବା ଆଦି ବିଭିନ୍ନ ପ୍ରସଙ୍ଗରେ ସେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ବ୍ୟତୀତ ବିଜୟ ଦିଲ୍ଲୀ ଗସ୍ତ ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ଼େଗଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି।



## ରାମ ରହିମଙ୍କୁ ପୁଣି ୩୦ ଦିନିଆ ପାରୋଲ

ଚଣ୍ଡିଗଡ, ୩୦/୦୫ : ବଳାତ୍କାର ଘଟଣାରେ ଜେଲ ଦଣ୍ଡାଦେଶ ଭୋଗୁଥିବା ଡେରା ସଚ୍ଚା ସୌଦା ସଂଗଠନର ମୁଖ୍ୟ ଗୁରମିତ ରାମ ରହିମ ସିଂହଙ୍କୁ ପୁଣି ୩୦ ଦିନିଆ ପାରୋଲରେ ଯିବାକୁ ସୁଯୋଗ ମିଳିଛି। ବିଗତ ଛଅ ବର୍ଷ ମଧ୍ୟରେ ଏହାକୁ ମିଶାଇ ରାମ ରହିମ ମୋଟ ୧୬ ଥର ଏହି ସୁଯୋଗ ହାସଲ କରିଛନ୍ତି। ପାରୋଲରେ ଥିବାବେଳେ ରାମ ରହିମ ହରିୟାଣାର ସିର୍ସାସ୍ଥିତ ଡେରା ସଂଗଠନର ମୁଖ୍ୟାଳୟରେ ଅବସ୍ଥାନ କରିବେ ବୋଲି ତାଙ୍କ ଓକିଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଆଶ୍ରମର ଦୁଇଜଣ ଅନ୍ତେବାସୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହେବା ପରେ ୨୦୧୭ରେ ରାମ ରହିମଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ପ୍ରଦାନ କରାଯାଇଥିଲା। ୨୦୨୦ ଅକ୍ଟୋବରରେ ତାଙ୍କୁ ପ୍ରଥମ ଥର ପାରୋଲରେ ଯିବାକୁ ଅନୁମତି ମିଳିଥିଲା। ରାମ ରହିମ ବର୍ତ୍ତମାନ ରୋହତକ୍ର ସୁନାରିଆ ଜେଲରେ କଏଦୀ ଜୀବନ ବିତାଉଛନ୍ତି।

## ବେଙ୍ଗାଲୁରୁରେ ଇବୋଲା ଲକ୍ଷଣ ! ହସ୍ପିଟାଲରେ ଭର୍ତ୍ତି ହେଲେ ମହିଳା



ନୂଆଦିଲ୍ଲୀ, ୩୦/୦୫ : ଚିନ୍ତା ବଢାଇଲା ଇବୋଲା ଭାଇରସ୍। ବେଙ୍ଗାଲୁରୁରେ ଜଣେ ମହିଳା ନିକଟରେ ଇବୋଲା ଭଳି ଲକ୍ଷଣ ଦେଖାଯିବା ପରେ ଏବେ ହଇଚଇ ସୃଷ୍ଟି ହୋଇଛି। ଭାରତରେ ଇବୋଲା ଭାଇରସ ସମ୍ପର୍କରେ ସରକାର ସତର୍କ ହୋଇଯାଇଛନ୍ତି। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି। ସଦ୍ୟତମ ସୂଚନା ଅନୁଯାୟୀ, ଉଗାଣ୍ଡାର ଜଣେ ମହିଳାଙ୍କୁ କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁର ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କଠାରେ ଇବୋଲା ଭଳି ଭାଇରସର ଲକ୍ଷଣ ଥିବା ଜଣାପଡ଼ିଛି। ଭାରତରେ ଏପର୍ଯ୍ୟନ୍ତ ଇବୋଲା ଭାଇରସର କୌଣସି ମାମଲା ରିପୋର୍ଟ ହୋଇନାହିଁ।

ବେଙ୍ଗାଲୁରୁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ କହିଛନ୍ତି ଯେ ଉଗାଣ୍ଡାର ଜଣେ ୨୮ ବର୍ଷୀୟା ମହିଳାଙ୍କୁ ଭାଇରସର ଲକ୍ଷଣ ଦେଖାଯିବା ପରେ ମଙ୍ଗଳବାର ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁଯାୟୀ, ଇବୋଲା ପ୍ରଭାବିତ ଅଞ୍ଚଳରୁ ଆସିଥିବା ମହିଳାଙ୍କୁ ଶରୀର ଯନ୍ତ୍ରଣା ଭଳି ହାଲୁକା ଲକ୍ଷଣ ଅନୁଭବ କରିବା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ତାଙ୍କ ହୋଟେଲରୁ ହସ୍ପିଟାଲକୁ ଅଣାଯାଇଥିଲା। ସେମାନେ କହିଛନ୍ତି ଯେ ତାଙ୍କ ନମୁନାଗୁଡ଼ିକୁ ପରୀକ୍ଷା ପାଇଁ ପୁଣେର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରଲୋଜିକୁ ପଠାଯାଇଛି ଏବଂ ରିପୋର୍ଟ ଅପେକ୍ଷା କରାଯାଇଛି। ପ୍ରୋଟୋକଲ୍ ଅନୁଯାୟୀ, ପୁନରାବୃତ୍ତି ପରୀକ୍ଷା ମଧ୍ୟ କରାଯିବ। ମହିଳାଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଅଛି।

ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ ଏହା ମଧ୍ୟ କହିଛନ୍ତି ଯେ ସେ ସମ୍ପ୍ରତି ଏକ ଇବୋଲା ପ୍ରଭାବିତ ଅଞ୍ଚଳରୁ ଫେରିଥିବାରୁ ତାଙ୍କ ଅବସ୍ଥା ଉପରେ କଡ଼ା ନଜର ରଖାଯାଇଛି। ୧୭ ମଇରେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ (ଡିଆରସି) ଏବଂ ଉଗାଣ୍ଡାରେ ଚାଲିଥିବା ଇବୋଲା ରୋଗ (ଇଡି) ପ୍ରକୋପକୁ ଏକ ଆନ୍ତର୍ଜାତୀୟ ଚିନ୍ତାର ଜନସ୍ୱାସ୍ଥ୍ୟ ଜରୁରୀକାଳୀନ ଘୋଷଣା କରିଥିଲା। ଅନେକ ଆଫ୍ରିକୀୟ ଦେଶରେ ଇବୋଲା ବ୍ୟାପିବା ସହିତ କର୍ଣ୍ଣାଟକ ସ୍ୱାସ୍ଥ୍ୟ ବିଭାଗ ଶୁକ୍ରବାର ଦିନ ପ୍ରଭାବିତ ଦେଶଗୁଡ଼ିକୁ ଯାତ୍ରା କରିଥିବା ଲୋକମାନଙ୍କୁ ଫେରିବା ପରେ ୨୧ ଦିନ ପାଇଁ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ ଏବଂ ଆତ୍ମ-ପର୍ଯ୍ୟବେକ୍ଷଣ କରିବାକୁ ପରାମର୍ଶ ଦେଇଥିଲା।

ବିଭାଗ କହିଛି ଯେ ଯେଉଁମାନଙ୍କ ଲକ୍ଷଣ ଦେଖାଯାଏ ସେମାନେ ତୁରନ୍ତ ନିକଟତମ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରିପୋର୍ଟ କରିବା ଉଚିତ, ଯେତେବେଳେ ରାପିଡ୍ ରେସପନ୍ସ ଟିମ୍ ନିରୀକ୍ଷଣ କରିବେ। ବେଙ୍ଗାଲୁରୁରେ, ରାଜୀବ ଗାନ୍ଧୀ ଛାତି ରୋଗ ପ୍ରତିଷ୍ଠାନକୁ ପୃଥକୀକରଣ କେନ୍ଦ୍ର ଭାବରେ ଚୟନ କରାଯାଇଛି, ଯେତେବେଳେ ମହାମାରୀ ରୋଗ ହସ୍ପିଟାଲକୁ ପୃଥକୀକରଣ ଏବଂ ଚିକିତ୍ସା କେନ୍ଦ୍ର ଭାବରେ ଚୟନ କରାଯାଇଛି। ମାଙ୍ଗାଲୁରୁରେ, ନୂତନ ମାଙ୍ଗାଲୁରୁ ବନ୍ଦର କର୍ତ୍ତୃପକ୍ଷ ଅଧୀନରେ ଶ୍ରୀନିବାସ ବନ୍ଦର ହସ୍ପିଟାଲକୁ ପୃଥକୀକରଣ କେନ୍ଦ୍ର କରାଯାଇଛି, ଯେତେବେଳେ ଓ୍ୱେନଲକ୍ ଜିଲ୍ଲା ହସ୍ପିଟାଲକୁ ପୃଥକୀକରଣ ଏବଂ ଚିକିତ୍ସା କେନ୍ଦ୍ର କରାଯାଇଛି।

## ଏଆଇଏଡିଏମକେରେ ରାଜନୈତିକ ସଙ୍କଟ : ଚତୁର୍ଥ ବିଧାୟକଙ୍କ ଇସ୍ତଫା ଗ୍ରହଣ କଲେ ବାଚସ୍ପତି, ଦଳର ସଦସ୍ୟ ସଂଖ୍ୟା ୪୩କୁ ହ୍ରାସ





ଚେନ୍ନାଇ, ୩୦/୦୫ : ତାମିଲନାଡୁର ପ୍ରମୁଖ ବିରୋଧୀ ଦଳ ଏଆଇଏଡିଏମକେକୁ ଆଉ ଏକ ବଡ଼ ଝଟକା ଲାଗିଛି । ତାମିଲନାଡୁ ବିଧାନସଭା ବାଚସ୍ପତି ଜେ.ସି.ଡି. ପ୍ରଭାକର ମଙ୍ଗଳବାର ଅମ୍ବାସମୁଦ୍ରମ ଆସନରୁ ଏଆଇଏଡିଏମକେ ବିଧାୟକ ଇସାକ୍କି ସୁବୈୟାଙ୍କ ଇସ୍ତଫା ଗ୍ରହଣ କରିଛନ୍ତି । ଏହି ଚତୁର୍ଥ ଇସ୍ତଫା ପରେ ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ଦଳର ସଦସ୍ୟ ସଂଖ୍ୟା ହ୍ରାସ ପାଇ ୪୩ରେ ପହଞ୍ଚିଛି । ପ୍ରଥମେ ସୁବୈୟା ଏକ ଟାଇପ୍ କରାଯାଇଥିବା ଇସ୍ତଫା ପତ୍ର ପଠାଇଥିଲେ, ଯାହାକୁ ବାଚସ୍ପତି ପ୍ରତ୍ୟାଖ୍ୟାନ କରିଦେଇଥିଲେ । ନିୟମ ଅନୁଯାୟୀ, ତାଙ୍କୁ ନିଜ ହାତଲେଖା କପି ଦେବାକୁ କୁହାଯାଇଥିଲା । ଏହାପରେ ମଙ୍ଗଳବାର ସକାଳେ ସୁବୈୟା ବାଚସ୍ପତିଙ୍କ କାର୍ଯ୍ୟାଳୟରେ ହାଜର ହୋଇ ନିଜ ହାତରେ ଲେଖାଯାଇଥିବା ଏକ ଇସ୍ତଫା ପତ୍ର ଦାଖଲ କରିଥିଲେ, ଯାହାକୁ ବାଚସ୍ପତି ତୁରନ୍ତ ଗ୍ରହଣ କରିଥିଲେ । ଏହା ପୂର୍ବରୁ ସୋମବାର ଏଆଇଏଡିଏମକେର ତିନିଜଣ ବିଧାୟକ, ମରଗଥମ କୁମାରଭେଲ, ପି.ସତ୍ୟଭାମା ଏବଂ ଏସ୍. ଜୟକୁମାର ବିଧାନସଭାରୁ ଇସ୍ତଫା ଦେଇଥିଲେ । ଏହି ତିନିଜଣ ଇସ୍ତଫା ଦେବା ପରେ ମୁଖ୍ୟମନ୍ତ୍ରୀ ସି.ଜୋସେଫ ବିଜୟଙ୍କ ନେତୃତ୍ୱାଧୀନ ଶାସକ ଦଳ ଟିଭିକେରେ ସାମିଲ ହୋଇଥିଲେ । ଇସାକ୍କି ସୁବୈୟା ମଧ୍ୟ ଖୁବଶୀଘ୍ର ଟିଭିକେରେ ଯୋଗ ଦେବେ ବୋଲି ଆଶା କରାଯାଉଛି । ସୂତ୍ର ଅନୁସାରେ, ଏଆଇଏଡିଏମକେର ବର୍ତ୍ତମାନର ବିଧାୟକମାନଙ୍କ ମଧ୍ୟରେ ତୀବ୍ର ମତଭେଦ ଦେଖାଦେଇଛି । ବାକି ଥିବା ବିଧାୟକଙ୍କ ମଧ୍ୟରୁ ୨୭ ଜଣ ବିଧାୟକ ଦଳର ସାଧାରଣ ସମ୍ପାଦକ କେ. ପାଲାନିସ୍ୱାମୀଙ୍କ ସମର୍ଥନରେ ଅଛନ୍ତି । ଅନ୍ୟ ୧୬ ଜଣ ବିଧାୟକ ବିଦ୍ରୋହୀ ଗୋଷ୍ଠୀର ଦୁଇ ବରିଷ୍ଠ ନେତା ଏସ୍.ପି.ଭେଲୁମଣି ଏବଂ ସି.ଭି.ସନମୁର୍ଗନଙ୍କ ଶିବିରରେ ଅଛନ୍ତି । ଇସାକ୍କି ସୁବୈୟା ଏହି ବିଦ୍ରୋହୀ ଗୋଷ୍ଠୀର ସଦସ୍ୟ ଥିଲେ ଏବଂ ମେ ୧୩ରେ ବିଧାନସଭାରେ ହୋଇଥିବା ଆସ୍ଥା ଭୋଟ୍ ସମୟରେ ସେ ଶାସକ ଦଳ ଟିଭିକେ ସରକାର ସପକ୍ଷରେ ଭୋଟ୍ ଦେଇଥିଲେ । ବିଦ୍ରୋହୀ ଶିବିରରେ ଥିବା ବାକି ୧୬ ଜଣ ବିଧାୟକ ମଧ୍ୟ ଆଗାମୀ ଦିନରେ ବିଧାନସଭାରୁ ଇସ୍ତଫା ଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । ଯଦି ଏହି ୧୬ ଜଣ ବିଧାୟକ ଇସ୍ତଫା ଦିଅନ୍ତି, ତେବେ ଏଆଇଏଡିଏମକେର ସଦସ୍ୟ ସଂଖ୍ୟା ଆହୁରି ହ୍ରାସ ପାଇ ୨୭ରେ ପହଞ୍ଚିବ । ବିଧାନସଭାରେ ବିରୋଧୀ ଦଳର ମାନ୍ୟତା ବଜାୟ ରଖିବା ପାଇଁ ଏଆଇଏଡିଏମକେକୁ ଅତି କମରେ ୨୪ ଜଣ ବିଧାୟକଙ୍କ ଆବଶ୍ୟକତା ରହିଛି । ଯଦି ପାଲାନିସ୍ୱାମୀଙ୍କ ଗୋଷ୍ଠୀରୁ ଆଉ କିଛି ବିଧାୟକ ଦଳ ଛାଡନ୍ତି, ତେବେ ଏଆଇଏଡିଏମକେ ହାତରୁ ମୁଖ୍ୟ ବିରୋଧୀ ଦଳର ମାନ୍ୟତା ଚାଲିଯିବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି ।

# ଟିଏମସିରୁ ୧୦୦ କାଉନସିଲରଙ୍କ ଇସ୍ତଫା

କଲିକତା, ୩୦/୦୫ : ଟିଏମସି ନିୟନ୍ତ୍ରଣ ଥିବା ନଗର ନିଗମଗୁଡ଼ିକରେ ଅସ୍ଥିରତା ବି ଦେଖା ଦେଲାଣି। ଗତ କିଛି ଦିନରେ ପ୍ରାୟ ୧୦୦ ଜଣ କାଉନସିଲର ଇସ୍ତଫା ଦେବା ଟିଏମସି ସୁପ୍ରିମୋ ମମତାଙ୍କ ଚିନ୍ତା ବଢ଼ାଇ ଦେଇଛି। ପୂର୍ବରୁ ଦୃଢ଼ ଓ ପ୍ରଭାବଶାଳୀ ଥିବା ଟିଏମସି ଏବେ ସଙ୍କଟର ସମ୍ମୁଖୀନ ହେବାରେ ଲାଗିଛି। ମମତା ବାନାର୍ଜୀଙ୍କ ଟିଏମସି ପଶ୍ଚିମବଙ୍ଗରେ ବଡ଼ ପରାଜୟର ସାମ୍ନା କରିବା ପରେ ଏବେ ଦୁର୍ବଳ ହେଉଛି। ବରିଷ୍ଠ ନେତାମାନେ ଖୋଲାଖୋଲି ଅସନ୍ତୋଷ ଝାଡୁଛନ୍ତି। ଲୋକସଭା ସାଂସଦ କାକୋଳି ଘୋଷ ଦସ୍ତିଦାର ଓ ଆଉ କିଛି ବିଧାୟକ ଟିଏମସି ଠାରୁ ଦୂରତା ଅବଲମ୍ବନ କରୁଛନ୍ତି। ଏଥିସହ ଟିଏମସି ନିୟନ୍ତ୍ରଣ ଥିବା ନଗର ନିଗମଗୁଡ଼ିକରେ ଅସ୍ଥିରତା ବି ଦେଖା ଦେଲାଣି। ଗତ କିଛି ଦିନରେ ପ୍ରାୟ ୧୦୦ ଜଣ କାଉନସିଲର ଇସ୍ତଫା ଦେବା ଟିଏମସି ସୁପ୍ରିମୋ ମମତାଙ୍କ ଚିନ୍ତା ବଢ଼ାଇ ଦେଇଛି। ଟିଏମସିରେ ଦେଖା ଯାଇଥିବା ଅସ୍ଥିରତା ବିଜେପି ପାଇଁ ସୁଯୋଗ ସୃଷ୍ଟି କରିଛି। ଦଳ ରାଜ୍ୟରେ କ୍ଷମତା ପୂର୍ବରୁ ଦଖଲ କରି ସାରିଥିବା ବେଳେ ଏବେ ଟିଏମସି ନିୟନ୍ତ୍ରିତ ନଗର ନିଗମଗୁଡ଼ିକରେ ନିଜ ପ୍ରଭାବ ବୃଦ୍ଧି କରିବାକୁ ସମ୍ଭାବନା ସୃଷ୍ଟି ହୋଇଛି। ଟିଏମସିରେ ସଙ୍କଟ ଏତେ ଗୁରୁତର ହୋଇ ଯାଇଛି ଯେ ଆସନ୍ତାବର୍ଷର ନଗର ନିଗମ ନିର୍ବାଚନ ପୂର୍ବରୁ କିଛି ବୋର୍ଡ ଭାଙ୍ଗି ଯିବାର ଆଶଙ୍କା ପ୍ରକାଶ ପାଇଛି। କୋଲକାତା ମେୟର ଫିରହଦ ହକିମ ନିଜର ପଦ ଛାଡ଼ିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରିଥିବା ସୂଚନା ମିଳିଛି। ହକିମ ହେଉଛନ୍ତି ମମତାଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ। ମମତା କାଉନସିଲମାନଙ୍କୁ ପଳାୟନ ନ କରିବାକୁ ଅନୁରୋଧ କରିଥିଲେ। ତଥାପି ସେମାନେ ଦଳ ସହ ସମ୍ପର୍କଚ୍ଛିନ୍ନ କରିବାରେ ଲାଗିଛନ୍ତି। ଏହାର ଅର୍ଥ ୧୯୯୮ରେ କଂଗ୍ରେସରୁ ଅଲଗା ହୋଇ ଦଳ ଗଠନ କରିଥିବା ମମତାଙ୍କ ଟିଏମସି ନିଜ ଇତିହାସର ସବୁଠାରୁ ବଡ଼ ସଙ୍କଟର ସାମ୍ନା ଏବେ କରୁଛି। ଇସ୍ତଫା ପରମ୍ପରା ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାର ଘୋଷଣା କରିଥିଲେ ଯେ ନଗର ନିଗମଗୁଡ଼ିକର ସମସ୍ତ ପୁରୁଣା କାର୍ଯ୍ୟକଳାପର ତଦନ୍ତ କରାଯିବ। ଏହା ଶୁଣିବା ପରେ କିଛି ପୌରପାଳିକାର କାଉନସିଲରମାନେ ଅଫିସ ଯିବା ବନ୍ଦ କରି ଦେଇଛନ୍ତି। ସେଭଳି ନଗର ନିଗମରେ ସରକାର ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତ କରୁଛନ୍ତି। ସେହିପରି ଦୁର୍ନୀତି ଓ ଅତ୍ୟାଚାର ଅଭିଯୋଗରେ କିଛି କାଉନସିଲର ଗିରଫ ହେବା ଅନ୍ୟମାନଙ୍କ ମନରେ ଛନକାକୁ ଆହୁରି ବଢ଼ାଇ ଦେଇଛି। ଦକ୍ଷିଣ ଦମଦର ପ୍ରଭାବଶାଳୀ କାଉନସିଲର ସଞ୍ଜୟ ଦାସଙ୍କ ରହସ୍ୟମୟ ମୃତ୍ୟୁ ମଧ୍ୟ ପରିସ୍ଥିତିକୁ ଆହୁରି ଜଟିଳ କରିଛି। ମେ' ୨୩ରେ ରହସ୍ୟଜନକ ଭାବେ ପ୍ରାଣ ହରାଇଥିବା ସଞ୍ଜୟ ହେଉଛନ୍ତି ଟିଏମସି ନେତା ଦେବରାଜ ଚକ୍ରବର୍ତ୍ତୀଙ୍କ ଘନିଷ୍ଠ ସହଯୋଗୀ। ସଞ୍ଜୟଙ୍କ ବିରୋଧରେ ଦୁର୍ନୀତି ଓ ଧମକାଇବା ଭଳି ଅଭିଯୋଗ ରହିଥିଲା। ହେଲେ ମେ' ୨୩ରେ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଉତ୍ତର ୨୪ ପ୍ରଗଣାର ଏକାଧିକ ପୌରପାଳିକାରେ ସ୍ଥିତି ସବୁଠାରୁ ଅଧିକ ଜଟିଳ ରହିଛି। ଭାଟପରାରେ ୩୫ରୁ ୩୦ ଜଣ କାଉନସିଲର ଇସ୍ତଫା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତ ଅଧକ୍ଷ ରେବା ରାହା। ନିକଟସ୍ଥ ହାଲିସହରରେ ୨୩ରୁ ୧୬ ଜଣ ଓ କାଞ୍ଚନପରାର ୧୪ ଜଣ କାଉନସିଲର ନିଜର ପଦ ଛାଡ଼ି ଦେଇଛନ୍ତି। ଟିଏମସି ନିୟନ୍ତ୍ରିତ କୋଲକାତା ନଗର ନିଗମ ବା କେଏମସିରେ ମଧ୍ୟ ସ୍ଥିତି ଜଟିଳ। ଅଭିଷେକ ବାନାର୍ଜୀଙ୍କ ସହ ଜଡିତ ୧୭ଟି ସମ୍ପତ୍ତିକୁ ଭାଙ୍ଗିବା ପାଇଁ କେଏମସି ନୋଟିସ ହୋଇଛି। ନୋଟିସ ଦିଆଯିବା ପରେ ସଙ୍କଟ ଆହୁରି ଗଭୀର ହୋଇଛି। ମେୟର ଫିରହାଦ ହକିମ ଓ ଅଭିଷେକଙ୍କ ମଧ୍ୟରେ ମତଭେଦ ଥିବା କଥା ସ୍ପଷ୍ଟ ହୋଇଛି। ତେଣୁ ହକିମ ମେୟର ପଦରୁ ଇସ୍ତଫା ଦେବାକୁ ବିଚାର କରୁଥିବା କୁହାଯାଉଛି।



# ସମ୍ପାଦକୀୟ

## ନକଲି ଆଇନଜୀବୀ

ଦେଶରେ ଥିବା ଆଇନଜୀବୀଙ୍କ ଶିକ୍ଷାଗତ ଯୋଗ୍ୟତା ଯାଞ୍ଚ ଲାଗି ବାର କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ପକ୍ଷରୁ ୨୦୨୫ ଜାନୁଆରୀରେ ଏକ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟ ବାର୍ କାଉନ୍‌ସିଲକୁ ଆଇନଜୀବୀଙ୍କ ଯୋଗ୍ୟତାକୁ ସିଦ୍ଧ କରୁଥିବା ଏକ ଫର୍ମ ବିସିଆଇ ପଠାଇଥିଲା। ସବୁଆଡୁ ତଥ୍ୟ ସଂଗ୍ରହ ପରେ ଜଣାପଡ଼ିଥିଲା ଯେ, ପ୍ରାୟ ୪୦ ପ୍ରତିଶତ ଆଇନଜୀବୀ ସେମାନଙ୍କ ଯାଞ୍ଚ ଫର୍ମ ପୂରଣ କରି ନ ଥିଲେ। ଏଥିସହିତ ଉତ୍ତରପ୍ରଦେଶ ମିରଟ୍‌ର ଚୌଧୁରୀ ଚରଣ ସିଂ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ୧୩ ଜଣ ନକଲି ଆଇନ ଡିଗ୍ରୀ ନେଇଥିବା ବିଷୟ ପଦାକୁ ଆସିବା ପରେ ବିସିଆଇ ଆକଳନକୁ ଦୃଢ଼ୀଭୂତ କରିଥିଲା। ଦେଶରେ ଥିବା ନକଲି ଆଇନଜୀବୀଙ୍କ ବିଷୟରେ ବିସିଆଇ ସୁପ୍ରିମକୋର୍ଟଙ୍କୁ ମଧ୍ୟ ଅବଗତ କରିଥିଲା। ନିକଟରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଆଇନ କ୍ଷେତ୍ରରେ ନକଲି ଯୁବ ଡିଗ୍ରୀଧାରୀ, ବେକାରିମାନେ ଅସରପା ଭଳି ବ୍ୟବସ୍ଥାକୁ ନଷ୍ଟ କରିଦେଉଛନ୍ତି ବୋଲି ମନ୍ତବ୍ୟ ଦେଇଥିଲେ। ଅସରପା ବିଷୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଯାଇଥିଲା। ଏପରିକି ଦେଶର ପ୍ରଧାନ ବିଚାରପତିଙ୍କୁ ଅନେକ ଲୋକ ଖୋଲାଖୋଲି ସମାଲୋଚନା ଓ ଥଟ୍ଟା କରିଚାଲିଛନ୍ତି। ଅସରପା ପ୍ରସଙ୍ଗ ପରିପ୍ରେକ୍ଷୀରେ ବିସିଆଇ ଅଧ୍ୟକ୍ଷ ମନନ କୁମାର ମିଶ୍ର କହିଛନ୍ତି, ଭାରତୀୟ ଅଦାଲତଗୁଡ଼ିକରେ ଆଇନ ବ୍ୟବସାୟ କରୁଥିବା ଓକିଲଙ୍କ ଭିତରୁ ପ୍ରାୟ ୩୦ରୁ ୪୦ ପ୍ରତିଶତଙ୍କର ଶିକ୍ଷାଗତ ଯୋଗ୍ୟତା ନକଲି ଥିବା ଜଣାପଡ଼ିଛି। ଏଠାରେ କୁହାଯାଇପାରେ ଯେ, ଏପରି ଅଭିଯୋଗ ବାହାରୁ କରାଯାଇ ନାହିଁ, ବରଂ ଆଭ୍ୟନ୍ତରୀଣ ବ୍ୟବସ୍ଥାଗତ ବିଫଳତାକୁ ଦର୍ଶାଉଛି। ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଅଗଷ୍ଟ ୨୦୨୩ରେ ରାଜ୍ୟ ସଭାରେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ, ଭାରତରେ ୨୦ ଲକ୍ଷରୁ ଅଧିକ ପଞ୍ଜୀକୃତ ଆଇନଜୀବୀ ଅଛନ୍ତି। ଅବଶ୍ୟ ଏମାନଙ୍କ ମଧ୍ୟରୁ କେତେକ ବୃତ୍ତି ବାହାରେ ଥାଇପାରନ୍ତି। ତେବେ ୨୦ ଲକ୍ଷର ୪୦ ପ୍ରତିଶତ ହିସାବକୁ ନିଆଗଲେ, ପ୍ରାୟ ୮ ଲକ୍ଷ ଓକିଲ ଯଦି ନକଲି ଥିବେ ତାହା ହେଲେ ଅଦାଲତି ବ୍ୟବସ୍ଥା କେଉଁ ସ୍ତରରେ ରହିଛି ସହଜେ ଅନୁମେୟ।

ଆଜିକାଲି ସମୟରେ ନକଲି ଶିକ୍ଷକ, ନକଲି ଡାକ୍ତର, ନକଲି ପୋଲିସ ଅଧିକାରୀ, ନକଲି ଉଡ଼ାଜାହାଜ ପାଇଲଟ ଅନେକ ସମୟରେ ଧରାପଡୁଥିବା ବିଷୟ ଗଣମାଧ୍ୟମରୁ ଜାଣିବାକୁ ମିଳିଥାଏ। ଏମାନଙ୍କ ଯୋଗ୍ୟତା ବିଷୟ ପଦାରେ ପଡ଼ିବା ପରେ ସେମାନେ ଗିରଫ ହୋଇଥାଆନ୍ତି। ତେବେ ଓକିଲମାନେ ନକଲି ହୋଇଗଲେ କୋର୍ଟ କାର୍ଯ୍ୟ କଳୁଷିତ ହେବା ସ୍ୱାଭାବିକ। କାରଣ କେତେକ ଓକିଲ ପରବର୍ତ୍ତୀ ସମୟରେ ବିଚାରପତି ଭାବେ ଅବସ୍ଥାପିତ ହୋଇଥାଆନ୍ତି। ଓଡ଼ିଶାରେ ମଧ୍ୟ କେତେକ ବିଚାରପତି ଏହିଭଳି ଭାବେ ପଦ ହାସଲ କରିଛନ୍ତି। ଏପରି ସ୍ଥଳେ ବିଚାରପତିମାନଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ କରାଯାଇ ନକଲି ନ୍ୟାୟାଧୀଶଙ୍କୁ ଠାବ କରାଯିବା ଦରକାର। ସାଧାରଣତଃ ଆଇନ ପାଠ କ୍ଲିଷ୍ଟ ଥାଏ। କିନ୍ତୁ ଆମେ ଦେଖିଛେ କିଛିବର୍ଷ ପୂର୍ବେ ଆଇନ ପଢୁଥିବା କେତେକ ବିଦ୍ୟାର୍ଥୀ ଲ'ର ମାନେ 'ଲୁକ୍ ଆଣ୍ଡ୍ ରାଇଟ୍' ଭିତରେ ରଖିଦେଉଥିଲେ। ଅର୍ଥାତ୍ କପି କରି ଏହି ପାଠ ନ ପଢ଼ିଲେ ଉତ୍ତୀର୍ଣ୍ଣ ହେବା କଷ୍ଟକର ବୋଲି କୁହାଯାଉଥିଲା। ଓଡ଼ିଶା ସମେତ ଦେଶର ଅନେକ ପ୍ରାନ୍ତରେ ଏଭଳି ଚିତ୍ର ଦେଖିବାକୁ ମିଳୁଥିଲା। କିନ୍ତୁ ଧୀରେ ଧୀରେ ଏହି ବୃତ୍ତି କେବଳ ଅଦାଲତ ଭିତରେ ସୀମିତ ନ ରହି ଅନେକ ସରକାରୀ ବିଭାଗ ଓ କର୍ପୋରେଟ କ୍ଷେତ୍ରରେ ଚାହିଦା ବଢ଼ିବା ପରେ ଯୋଗ୍ୟ ପ୍ରାର୍ଥୀଙ୍କ ଲୋଡ଼ା ପଡ଼ିଲା। ଫଳରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ଦେଇ ନିଯୁକ୍ତି ଅଭିଳାଷୀମାନେ ଲ'କୁ ଭଲ ଭାବେ ପଢ଼ି ସାର୍ଟିଫିକେଟ ଅର୍ଜନ କରିବାକୁ ଚାହୁଁଥିବା ଦେଖାଯାଉଛି। ତେବେ ବିସିଆଇ ଅଧ୍ୟକ୍ଷଙ୍କ ଅଭିଯୋଗକୁ ଆଲୋଚନା ପରିସରକୁ ଅଣାଯାଇ ତର୍ଜମା କରାଗଲେ ଯଦି ଭାରତୀୟ କୋର୍ଟଗୁଡ଼ିକରେ ୪୦ ପ୍ରତିଶତ ଓକିଲ ନକଲି ଥିବେ, ତାହା ହେଲେ ଅଦାଲତ ଦକ୍ଷତା କମିଯିବା ଥୟ। ଏମିତି ମଧ୍ୟ ହୋଇପାରେ ଯେ, ଯେତେବେଳେ କୋର୍ଟଗୁଡ଼ିକରେ ନକଲିଙ୍କ ସଂଖ୍ୟା ହାଉଯାଉ ହେଉଥିବ ସେମାନେ ଅନୈତିକ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବେ ବୋଲି ଅନୁମାନ କରାଯାଇପାରେ। ଯେତେବେଳେ ବାର୍‌ରେ ଦୁର୍ନୀତି ପଶିଯିବ, ବେଞ୍ଚ୍ ବା ଖଣ୍ଡପୀଠ ଉପରେ ସାଧାରଣ ବିଶ୍ୱାସ ରହିବ ନାହିଁ। ଏପରି ଦେଖିଲେ ଭାରତରେ କେତେକ ବିଚାରପତିଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ରହିଆସିଛି। ଶିଳ୍ପପତି, ରାଜନେତା ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଇଁ ଆଇନର ଦିଗ ବଦଳିଯିବା ସହିତ ରାତିଅଧିଆ ଶୁଣାଣି କରିବା ସେମାନଙ୍କର ଟ୍ରେଡ୍‌ମାର୍କ ଭାବେ ଜଣାଶୁଣା।

ଭାରତରେ ଶିକ୍ଷା ବ୍ୟବସ୍ଥା ବିଶେଷକରି ଉଚ୍ଚଶିକ୍ଷା ସ୍ତରରେ କେଉଁ ପ୍ରକାର କେଳେଙ୍କାରୀ ହେଉଛି ତାହାର ସଦ୍ୟ ନମୁନା ଏନ୍‌ଇଇଟି-ୟୁଜି ପରୀକ୍ଷାରେ ହୋଇଥିବା ଦୁର୍ନୀତିରୁ ଜଣାପଡୁଛି। ତେଣୁ ଆଇନ ପାଠ୍ୟକ୍ରମ କଥା ଦେଖିଲେ ଅଣ-ସ୍ୱୀକୃତିପ୍ରାପ୍ତ ବା ଦୁର୍ବଳ ନିୟନ୍ତ୍ରଣ ମଧ୍ୟରେ ଚାଲୁଥିବା ଆଇନ କଲେଜଗୁଡ଼ିକର ଦ୍ରୁତ ବଢୁଥିବା ସଂଖ୍ୟା ଦର୍ଶାଉଛି ଯେ, କେତେକ ଶିକ୍ଷାନୁଷ୍ଠାନ 'ଡିଗ୍ରୀ ଦୋକାନ' ଭାବେ କାର୍ଯ୍ୟ କରୁଛନ୍ତି। ଏମାନେ ଛାତ୍ରମାନଙ୍କ ଉପସ୍ଥିତି ବିନା ଟଙ୍କା ନେଇ ଜାଲ୍ ବା ମିଥ୍ୟା ସାର୍ଟିଫିକେଟ ବାଣ୍ଟିବାରେ ବ୍ୟସ୍ତ। ଦେଶର ଆଇନ ବ୍ୟବସ୍ଥା ସ୍ୱଚ୍ଛ ରହିଲେ ଅନ୍ୟାନ୍ୟ ଅଙ୍ଗ ସମାଜ ଆଗରେ ଉତ୍ତରଦାୟୀ ହେବାକୁ ବାଧ୍ୟ ହୁଅନ୍ତେ। ତେଣୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଯଦି ଅଣ-ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନକୁ ଚିହ୍ନଟ କରିପାରନ୍ତା, ତାହା ହେଲେ 'ମୂଳୁ ମାଇଲେ ଯିବ ସରି, ଦେବଙ୍କ ସହ କିମ୍ବା କଳି' ନ୍ୟାୟରେ ନକଲି ସଂଖ୍ୟାଧାରୀଙ୍କ ଉପସ୍ଥିତି ରହନ୍ତା ନାହିଁ। ଆଇନର ରକ୍ଷକମାନଙ୍କ ମଧ୍ୟରୁ ପ୍ରାୟ ଅଧା ନିଜେ ଲାଞ୍ଚ ଦେଇ ଆସିଥିବା ଆଇନ ଭଙ୍ଗକାରୀ ହୋଇଯାଇଥିବାରୁ ସମଗ୍ର ସାମ୍ବିଧାନିକ ବ୍ୟବସ୍ଥା ନିଜର ଭ୍ରଷ୍ଟ ସ୍ଥିତି ଯୋଗୁ ଭୁଶୁଡ଼ି ପଡ଼ିସାରିଲାଣି। ତାହା ଆମେ ସମସ୍ତେ ଅପାଠୁଆଙ୍କ ଦ୍ୱାରା ଘେରି ହୋଇ ଅନୁଭବ କରିବା ଆରମ୍ଭ କଲୁଣି।

## ପତ୍ନୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀଙ୍କୁ କାରାଦଣ୍ଡ

ସମ୍ବଲପୁର, ୩୦/୦୫ (ଜେଏନ୍‌ଏସ୍) : ସମ୍ବଲପୁର ଜିଲା ଧମା ଥାନାଞ୍ଚଳର ନିବାସୀ ଜଣେ ମହିଳାଙ୍କୁ ଶ୍ୱଶୁର ଘରେ ନିର୍ଯ୍ୟାତନା ଦିଆଯାଉଥିବା ଅଭିଯୋଗ ଗତ ଜାନୁଆରୀ ୨୦୨୧ ମସିହାରେ ମହିଳା ଥାନାରେ ହୋଇଥିଲା। ପିଡିତା ଅଭିଯୋଗ କରିଥିଲେ ଯେ, ଗତ ଫେବୃଆରୀ ୧୯୯୭ ମସିହାରେ ବୈଦିକ ରିତିରେ ତାଙ୍କର ସ୍ୱାମୀ ହୃଦାନନ୍ଦ ତ୍ରିପାଠୀଙ୍କ ସହିତ ବିବାହ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ସ୍ୱାମୀ ହୃଦାନନ୍ଦ ତ୍ରିପାଠୀ, ଦିଅର ଭୀମସେନ ତ୍ରିପାଠୀ ଏବଂ ଦେରାଣୀ ଆନନ୍ଦିନୀ ତ୍ରିପାଠୀ ତାଙ୍କୁ ବାରମ୍ବାର ମାନସିକ, ଶାରୀରିକ ନିର୍ଯ୍ୟାତନା ବର୍ଷ ବର୍ଷ ଧରି ଦେଇ ଆସୁଥିଲେ। ଏଣୁ ମହିଳା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରିଥିଲା। ଏହି ମାମଲାର ଶୁଣାଣି ସମ୍ବଲପୁରର ପ୍ରଥମ ଶ୍ରେଣୀର ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ୨୦୨୧ ମସିହାରୁ ଶୁଣାଣି ଚାଲିଥିବା ବେଳେ ଶୁକ୍ରବାର ଦିନ ଏହାର ଫଇସଲା ହୋଇଛି। ମାନ୍ୟବର ବିଚାରପତି ବ୍ରଜେଶ ମିଶ୍ରଙ୍କ ଦ୍ୱାରା ସମସ୍ତ ପକ୍ଷ ଓ କାଗଜପତ୍ର ଆଦି ଯାଞ୍ଚ ପରେ ଦେଇଥିବା ଫଇସଲା ଅନୁଯାୟୀ, ଏହି ମାମଲାରେ ପିଡିତାଙ୍କ ସ୍ୱାମୀ ହୃଦାନନ୍ଦ ତ୍ରିପାଠୀ, ଦିଅର ଭୀମସେନ ତ୍ରିପାଠୀ ଏବଂ ଦେରାଣୀ ଆନନ୍ଦିନୀ ତ୍ରିପାଠୀଙ୍କୁ ଦୋଷୀ ରୂପେ ସାବ୍ୟସ୍ତ କରାଯାଇଛି। ସମସ୍ତ ଦୋଷୀ ୧ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଭୋଗିବେ ଏବଂ ୧ ହଜାର ଟଙ୍କା ଲେଖାଏଁ ଜୋରିମାନା ଦେବେ। ଜୋରିମାନା ଅନାଦେୟ ହେଲେ ଅତିରିକ୍ତ ୧ ମାସ ଲେଖାଏଁ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ମାନ୍ୟବର ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି

## ନାମ ଓ ମାଳା ଜପ : ହିନ୍ଦୁ-ଇସଲାମ-ବୁଦ୍ଧ-ଖ୍ରୀଷ୍ଟିୟାନ ଧର୍ମରେ ଏକ ମଧୁର ସାମ୍ୟତା


ଅଭିଷେକ ଯୋଶୀ

ମନୁଷ୍ୟ ସଭ୍ୟତାର ଇତିହାସ ଯେତେ ପୁରାତନ, ତେତେଇ ପୁରାତନ ତାହାର ଈଶ୍ୱରଚେତନାର ସନ୍ଧାନ। ଯୁଗେ ଯୁଗେ ମନୁଷ୍ୟ ଭିନ୍ନ ଭିନ୍ନ ଭାଷା, ପରମ୍ପରା, ଆଚାର ଓ ଉପାସନାପଦ୍ଧତିରେ ଭଗବତ୍ସନ୍ଧାନ କରିଛି। କିନ୍ତୁ ଏହି ବହୁବର୍ଣ୍ଣିକ ପରମ୍ପରାମାନଙ୍କ ମଧ୍ୟରେ ଗୋଟିଏ ଅଦୃଶ୍ୟ, କିନ୍ତୁ ଅତ୍ୟନ୍ତ ମୂଲ୍ୟବାନ ସୂତ୍ର ସବୁଠାରେ ବିଦ୍ୟମାନ — ଦିବ୍ୟନାମର ସ୍ମରଣ, ମଣିମାଳାରେ ତାହାର ଗଣନା, ଓ ଭଗବାନଙ୍କ ପ୍ରତି ହୃଦୟର ନିରନ୍ତର ଅର୍ପଣ।

ଏହି ସୂତ୍ରଟି ହିନ୍ଦୁଧର୍ମରେ ମାଳାଜପ, ଇସଲାମରେ ତସବିହ, ଖ୍ରୀଷ୍ଟାନ୍ୟଧର୍ମରେ ରୋଜାରୀ, ଏବଂ ବୁଦ୍ଧଧର୍ମରେ ମାଳାସାଧନା ରୂପେ ପ୍ରକାଶ ପାଇଛି। ନାମ ଭିନ୍ନ, ରୀତି ଭିନ୍ନ, ଭାଷା ଭିନ୍ନ; ତଥାପି ଆଧ୍ୟାତ୍ମିକ ଭୂମିକାରେ ସେମାନେ ଏକାଇ ଧରଣର ଦୀପଶିଖା ପ୍ରଜ୍ୱଳିତ କରନ୍ତି — ଅନ୍ତର୍ଜଗତକୁ ଆଲୋକିତ କରିବାର ଦୀପଶିଖା।

ନାମସ୍ମରଣ କେବଳ ଶବ୍ଦର ପୁନରାବୃତ୍ତି ନୁହେଁ; ଏହା ଆତ୍ମାର ଗଭୀରତମ ତୃଷ୍ଣାର ଉତ୍ତର। ଯେତେବେଳେ ମନୁଷ୍ୟ ଜୀବନର ରାତ୍ରିରେ ଭ୍ରମଣ କରୁଥାଏ, ଅନିଶ୍ଚୟ, ଆଶଙ୍କା, ଲୋଭ, କ୍ରୋଧ ଓ ମୋହର ଘନ ଅନ୍ଧକାର ମଧ୍ୟରେ, ସେତେବେଳେ ଭଗବତ୍ନାମର ଏକଟିମାତ୍ର ସ୍ମରଣ ତାହାକୁ ପଥଦର୍ଶନ ଦେଇପାରେ। ନାମ ହେଉଛି ନିର୍ମଳ ଆହ୍ୱାନ, ହୃଦୟର ନିରବ ଡାକ, ଓ ଆତ୍ମାର ଶାଶ୍ୱତ ଆକର୍ଷଣ।

ସେହିପରି ମାଳା ହେଉଛି ସେଇ ସ୍ମରଣର ସହଚର। ତାହାର ପ୍ରତ୍ୟେକ ମଣିକା ଗୋଟିଏ ଗୋଟିଏ ଶ୍ୱାସର, ଗୋଟିଏ ଗୋଟିଏ ଆବେଗର, ଗୋଟିଏ ଗୋଟିଏ ଆଶାର ସାକ୍ଷୀ। ହାତର ଆଙ୍ଗୁଳି ଯେତେବେଳେ ମଣିକାଗୁଡ଼ିକୁ ସ୍ପର୍ଶ କରେ, ମନ ଧୀରେ ଧୀରେ ବାହ୍ୟ ଜଗତରୁ ଭିତର ଜଗତକୁ ଫେରିଆସେ। ସେଠି ଯେଉଁଠି କଳ୍ପନା ନୁହେଁ, ବାସ୍ତବ ଶାନ୍ତି ବସବାସ କରେ; ସେଠି ଯେଉଁଠି ଶବ୍ଦ ନୁହେଁ, ନିରବତାରେ ପ୍ରବାହିତ ହୁଏ ଦିବ୍ୟତା।

ହିନ୍ଦୁଧର୍ମର ସାଧନାମୟ ପରମ୍ପରାରେ ଜପ ହେଉଛି ଭକ୍ତିର ମହାନ ମାର୍ଗମାନଙ୍କ ମଧ୍ୟରୁ ଗୋଟିଏ। "ଜପ" ମାନେ ହେଉଛି ଈଶ୍ୱରଙ୍କ ନାମକୁ ପୁନରାବୃତ୍ତି କରିବା, ଏବଂ "ମାଳା" ସେହି ଅବିରତ ସ୍ମରଣର ପ୍ରତୀକ। ପୁରାତନ ଋଷିମୁନିଙ୍କ ମତରେ ନାମ ସାଧାରଣ ଶବ୍ଦ ନୁହେଁ; ଏହା ହେଉଛି ଶକ୍ତିର ସ୍ୱରୂପ, ଚେତନାର ସ୍ପନ୍ଦନ।

ରାମନାମ, କୃଷ୍ଣନାମ, ଶିବନାମ, ଦେବୀନାମ — ଏସବୁ ଭକ୍ତିର ଭିନ୍ନ ରୂପ ନୁହେଁ, ବରଂ ଏକେଇ ପରମ ସତ୍ୟର ଭିନ୍ନ ଆହ୍ୱାନ। ସନ୍ତମାନେ କହିଛନ୍ତି, "ନାମେଇ ସବୁକିଛି।" ନାମରେ ଆସ୍ଥା ରଖିଲେ ହୃଦୟ ଧୀରେ ଧୀରେ ପବିତ୍ର ହୁଏ, ମନର କଳୁଷତା କମେ, ଓ ଚେତନା ଭିତରୁ ଏକ ଅଦୃଶ୍ୟ ପ୍ରଭା ପ୍ରକାଶିତ ହୁଏ।

ଇସଲାମରେ ଏହାକୁ ତସବିହ କୁହାଯାଏ। ଇସଲାମୀୟ ଆଧ୍ୟାତ୍ମିକତାର ମୂଳ କଥା ହେଉଛି ଆଲ୍ଲାହଙ୍କ ସ୍ମରଣ। ଭଗବାନଙ୍କୁ ମନେ ରଖିବା, ନିରବ ଓ ସଚେତନ ମନରେ ତାଙ୍କର ଉପସ୍ଥିତିକୁ ଅନୁଭବ କରିବା। ତସବିହ ହେଉଛି ସେଇ ସ୍ମରଣର ପ୍ରାଚୀନ ଓ ସୁନିଯୋଜିତ ସାଧନ। ମଣିମାଳାର ସହାୟତାରେ ଯେତେବେଳେ ଭକ୍ତ ଆଲ୍ଲାହଙ୍କ ନାମକୁ ପୁନରାବୃତ୍ତି କରେ, ସେ କେବଳ ଶବ୍ଦ ଉଚ୍ଚାରଣ କରୁନାହାନ୍ତି; ସେ ନିଜ ସ୍ୱର୍ଗତମ୍ୟ ଜନ୍ମସିଦ୍ଧ ଆତ୍ମୀୟତାକୁ ସ୍ମରଣ କରୁଛନ୍ତି।

ତସବିହ ଆତ୍ମାରେ ନମ୍ରତା ଜାଗ୍ରତ କରେ। ଏହା ମନୁଷ୍ୟକୁ ତା'ର ସୀମିତତା ସ୍ମରଣ କରାଏ ଓ ପରମ ସତ୍ତାର ଅସୀମତା ସମ୍ମୁଖରେ ମଥା ନମାଇବାକୁ ଶିଖାଏ। ଏହି ସ୍ମରଣ ଦ୍ୱାରା ଭକ୍ତ ଶାନ୍ତ ହୁଏ, ସୁଦୃଢ଼ ହୁଏ, ଏବଂ ଅନ୍ତରେ ଭରସାର ଏକ ଅଭିନବ ଆଲୋକ ଜାଗେ।

ଖ୍ରୀଷ୍ଟାନ୍ୟଧର୍ମ, ବିଶେଷତଃ କ୍ୟାଥଲିକ ପରମ୍ପରା, ରୋଜାରୀକୁ ଭକ୍ତି, ଧ୍ୟାନ ଓ ପ୍ରାର୍ଥନାର ଏକ ଅଦ୍ଭୁତ ସାଧନ ଭାବରେ ପ୍ରତିଷ୍ଠା କରିଛି। ରୋଜାରୀରେ ମଣିକାଗୁଡ଼ିକର ଶୃଙ୍ଖଳା ମାଧ୍ୟମରେ ପ୍ରାର୍ଥନା ପୁନରାବୃତ୍ତି ହୁଏ, ଏବଂ ଏହା ସହିତ ଯୀଶୁ ଖ୍ରୀଷ୍ଟଙ୍କ ଜୀବନ, ତ୍ୟାଗ, ଯନ୍ତ୍ରଣା, ପ୍ରେମ ଓ ପୁନରୁତ୍ଥାନ ଉପରେ ଧ୍ୟାନ କରାଯାଏ।

ରୋଜାରୀ କେବଳ ପ୍ରାର୍ଥନାର ଗଣନା ନୁହେଁ; ଏହା ଏକ ଆତ୍ମିକ ଧାରା, ଯାହା ମନକୁ ଶାନ୍ତ କରେ, ହୃଦୟକୁ କୋମଳ କରେ, ଏବଂ ଭକ୍ତିକୁ ଗଭୀରତର କରେ। ମାତୃମରିୟମ୍‌ଙ୍କ ପ୍ରତି ଭକ୍ତି, ଯୀଶୁଙ୍କ ପ୍ରତି ପ୍ରେମ, ଓ ପରମ ପିତାଙ୍କ ପ୍ରତି ଆତ୍ମସମର୍ପଣ — ଏହା ରୋଜାରୀର ମୂଳ ସାର। ସେହିପରି, ରୋଜାରୀର ପ୍ରତ୍ୟେକ ମଣିକା ଗୋଟିଏ ପ୍ରାର୍ଥନା, ଗୋଟିଏ କୃପା, ଗୋଟିଏ ଆଶ୍ରୟର ସଙ୍କେତ।

ବୁଦ୍ଧଧର୍ମରେ ମାନବମନକୁ ଜାଗ୍ରତ କରିବାର ଉପାୟ ହେଉଛି ସଚେତନତା, ଧ୍ୟାନ ଓ କରୁଣା। ଏହି ପରମ୍ପରାରେ ବେଶି କରି ତିବ୍ବତୀୟ ଧାରାରେ ମାଳା ବ୍ୟବହାର କରାଯାଏ। ଏଥିରେ ମନ୍ତ୍ର ପୁନରାବୃତ୍ତି କରାଯାଏ, ଯାହା ମନକୁ ଏକାଗ୍ର କରି ସଚେତନତାର ଗଭୀର ତଳକୁ ନେଇଯାଏ।

ବୁଦ୍ଧଧର୍ମର ସାଧନାରେ ମଣିମାଳା କେବଳ ଗଣନା ଯନ୍ତ୍ର ନୁହେଁ; ଏହା ମନକୁ ନିଜ ପ୍ରତି ଫେରାଇ ଆଣିବାର ଏକ ସାଧନ। ଏହା ମନୁଷ୍ୟକୁ ଶିଖାଏ ଯେ ବାହ୍ୟ ଜଗତରେ ସଫଳତା ଖୋଜିବାଠାରୁ ଭିତର ଜଗତକୁ ସଫା କରିବା ଅଧିକ ଆବଶ୍ୟକ। ମନ୍ତ୍ର, ଧ୍ୟାନ ଓ ସଚେତନତା — ଏସବୁ ମିଶି ବୁଦ୍ଧଧର୍ମରେ ମାଳାଜପକୁ ଏକ ଶାନ୍ତିମୟ, କରୁଣାମୟ ଓ ଜାଗ୍ରତିମୟ ପଥ କରିଛି।

ଏହି ସମସ୍ତ ପରମ୍ପରାକୁ ଏକାଠି କଲେ ଗୋଟିଏ ଅଦ୍ଭୁତ ସତ୍ୟ ଦେଖାଯାଏ — ମନୁଷ୍ୟର ଆତ୍ମିକ ଭୋକ ସାର୍ବଜନୀନ। ସେ ହିନ୍ଦୁ ହେଉ, ମୁସଲିମ ହେଉ, ଖ୍ରୀଷ୍ଟାନ୍ୟ ହେଉ କି ବୁଦ୍ଧ — ତା'ର ହୃଦୟ ଏକେଇ ଆକାଶ ତଳେ ନିଜ ସ୍ୱର୍ଗୀୟ ଉତ୍ସକୁ ଖୋଜେ। ନାମ ଭିନ୍ନ ହୋଇପାରେ, ପ୍ରାର୍ଥନା ଭିନ୍ନ ହୋଇପାରେ, ଶବ୍ଦ ଭିନ୍ନ ହୋଇପାରେ; କିନ୍ତୁ ଅନ୍ତରର ଆକୁଳତା ଏକାଇ — "ମୋତେ ତୋରେ ମିଶାଇ ଦେ, ମୋତେ ଅନ୍ଧକାରରୁ ଆଲୋକକୁ ନେଇଯା।"

ସେହିପରି କହାଯାଇପାରେ ଯେ ଧର୍ମଗୁଡ଼ିକର ଭିନ୍ନତା ଯଦିଓ ଦୃଶ୍ୟମାନ, ତାଙ୍କର ପ୍ରାଣ ଏକ। ସେମାନେ ମନୁଷ୍ୟକୁ ମନୁଷ୍ୟରେ ପରିଣତ କରିବାକୁ ଚାହାନ୍ତି, ମନକୁ ଶୁଦ୍ଧ କରିବାକୁ ଚାହାନ୍ତି, ଏବଂ ଶେଷ ପରମ ସତ୍ୟରେ ଲୟ କରିବାକୁ ଚାହାନ୍ତି। ଅତଏବ, ମାଳାଜପ କେବଳ ଗୋଟିଏ ଧର୍ମୀୟ ପ୍ରଥା ନୁହେଁ; ଏହା ମନୁଷ୍ୟର ଅନ୍ତର୍ଜଗତର ଚିରନିତ୍ୟ ପ୍ରାର୍ଥନା। ଏହାରେ ଭକ୍ତି ଅଛି, ଶାନ୍ତି ଅଛି, ଶୃଙ୍ଖଳା ଅଛି, ଓ ଆତ୍ମସମର୍ପଣ ଅଛି। ଯେପରି ଦୀପକର ଶିଖା ଆନ୍ଧାରକୁ ଜୟ କରେ, ସେପରି ଭଗବତ୍ନାମର ସ୍ମରଣ ଅନ୍ତର୍ଜୀବନର ତମସାକୁ ନାଶ କରେ।

ପଥ ଭିନ୍ନ ହେଲେ ମଧ୍ୟ ଗନ୍ତବ୍ୟ ଏକ — ସେହି ପରମ ଆଲୋକ, ସେହି ପରମ ଶାନ୍ତି, ସେହି ପରମ ସତ୍ୟ। ଏହି ସତ୍ୟକୁ ଯେତେବେଳେ ମନୁଷ୍ୟ ହୃଦୟରେ ଧାରଣ କରେ, ସେତେବେଳେ ଧର୍ମ କେବଳ ପୂଜାର ବିଷୟ ରହେନାହିଁ; ସେ ହୋଇଯାଏ ଜୀବନର ଆଲୋକ, ମାନବତାର ମର୍ମ, ଓ ଶାଶ୍ୱତତାର ପଥପ୍ରଦର୍ଶକ।

**ଅଧ୍ୟକ୍ଷ**
**ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା।**

## ଓଡ଼ିଶା କଂଗ୍ରେସ : ରାଜନୈତିକ ସୁବିଧାବାଦ ଓ ଶିବିର ରାଜନୀତିରେ ଦୁର୍ବଳ ଐତିହାସିକ ଦଳ


ଲକି ସ୍ୱାଇଁ




ଓଡ଼ିଶାରେ କଂଗ୍ରେସର ସଙ୍କଟ ଏବେ କେବଳ ଏକ ନିର୍ବାଚନୀ ପରାଜୟର କାହାଣୀ ନୁହେଁ। ଏହା ଏକ ଏମିତି ରାଜନୈତିକ ଅଧ୍ୟୟନର ବିଷୟ, ଯେଉଁଠାରେ ଗୋଷ୍ଠୀବାଦ, ନେତୃତ୍ୱ ସଂଘର୍ଷ, ରାଜନୈତିକ ସୁବିଧାବାଦ ଓ ବ୍ୟକ୍ତିଗତ ସ୍ୱାର୍ଥ କିପରି ଏକ ଐତିହାସିକ ଦଳକୁ ଧୀରେ ଧୀରେ ଭିତରୁ ଦୁର୍ବଳ କରିଦେଇଛି, ତାହା ଆଜି ସ୍ପଷ୍ଟ ଭାବେ ଦେଖାଯାଉଛି।

ଦୀର୍ଘ ସମୟ ଧରି ଓଡ଼ିଶାରେ ବିଜୁ ଜନତା ଦଳର ଶାସନ ପରେ ରାଜ୍ୟର ରାଜନୈତିକ ସମୀକରଣ ବଦଳୁଛି। ବିଜେପି ଶାସକ ଦଳ ଭାବେ ଉଭା ହୋଇଛି ଏବଂ ବିଜେଡି ବିରୋଧୀ ଭୂମିକାରେ ଅଛି। ଏହି ପରିସ୍ଥିତିରେ କଂଗ୍ରେସ ଏକ ଶକ୍ତିଶାଳୀ ବିକଳ୍ପ ଭାବେ ଉଭା ହେବାର ଥିଲା। କିନ୍ତୁ ବାସ୍ତବ ଚିତ୍ର ହେଉଛି — ଦଳ ଏବେ ବି ଦୁର୍ବଳ, ଅସଂଗଠିତ ଓ ଅନ୍ତର୍ଦ୍ୱନ୍ଦ୍ୱରେ ପୀଡ଼ିତ।

ଏହାର ସବୁଠୁ ବଡ଼ କାରଣ ହେଉଛି — ବର୍ଷରୁ ବର୍ଷ ଧରି ଓଡ଼ିଶା କଂଗ୍ରେସର କିଛି ବରିଷ୍ଠ ନେତାଙ୍କ ମଧ୍ୟରେ ଗଢ଼ିଉଠିଥିବା "ରାଜନୈତିକ ସୁବିଧାବାଦ"ର ସଂସ୍କୃତି।

କଂଗ୍ରେସର ପତନ, ବିଜେପିର ଉତ୍ଥାନ : ଓଡ଼ିଶା ରାଜନୀତିର ବଦଳୁଥିବା ସମୀକରଣ-

୨୦୦୯ ମସିହାରେ ବିଜେଡି ସହ ମେଣ୍ଟ ଭାଙ୍ଗିବା ପରେ ବିଜେପି ପାଇଁ ଓଡ଼ିଶାରେ ରାଜନୈତିକ ଭାବେ ତିଷ୍ଠିରହିବା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ୨୦୦୯ ବିଧାନସଭା ନିର୍ବାଚନରେ ବିଜେପିର ଭୋଟ୍ ଅଂଶ ପ୍ରାୟ ୧୫% କୁ କମିଯାଇଥିଲା। କିନ୍ତୁ ସେହି ସମୟରୁ ଦଳ ଦୀର୍ଘମିଆଦି ସଂଗଠନ ରଣନୀତି, ବୁଥ୍ ସ୍ତରର କାର୍ଯ୍ୟକ୍ରମ ଓ ଆକ୍ରମଣାତ୍ମକ ବିରୋଧୀ ରାଜନୀତି ଉପରେ ଗୁରୁତ୍ୱ ଦେଇ ନିଜକୁ ପୁନଃ ସଂଗଠିତ କରିଥିଲା।

ଏହାର ପରିଣାମ ସ୍ୱରୂପ ୨୦୧୯ ମସିହାରେ ବିଜେପି ର ଭୋଟ ଭାଗ ବଢ଼ି ପ୍ରାୟ ୩୨.୪୯% ହୋଇଥିଲା ଏବଂ ଦଳ ଓଡ଼ିଶା ବିଧାନସଭାରେ ପ୍ରମୁଖ ବିରୋଧୀ ଦଳ ଭାବେ ଉଭା ହୋଇଥିଲା। ୨୦୨୪ ରେ ଏହି ଭୋଟ୍ ଭାଗ ଆହୁରି ବଢ଼ି ପ୍ରାୟ ୪୦.୦୭% ଉପରେ ପହଞ୍ଚିଥିଲା।

ଏହାର ସମ୍ପୂର୍ଣ୍ଣ ବିପରୀତ ଚିତ୍ର କଂଗ୍ରେସରେ ଦେଖାଗଲା। ୨୦୦୦ ଓ ୨୦୦୪ ମସିହାରେ ପ୍ରାୟ ୩୪% ଭୋଟ୍ ରଖୁଥିବା କଂଗ୍ରେସ, ୨୦୦୯ ରେ ୨୯% କୁ ଖସିଥିଲା। ପରେ ୨୦୧୪ ରେ ପ୍ରାୟ ୨୫%, ୨୦୧୯ ରେ ପ୍ରାୟ ୧୬% ଏବଂ ୨୦୨୪ ରେ ପ୍ରାୟ ୧୩.୨୬% କୁ ଖସିଗଲା।

ଏହି ପରିସଂଖ୍ୟାନ ସ୍ପଷ୍ଟ କରୁଛି ଯେ, ଯେଉଁଠାରେ ବିଜେପି ଦୀର୍ଘମିଆଦି ସଂଗଠନ, ଶୃଙ୍ଖଳା ଓ ସଂଘର୍ଷମୂଳକ ରାଜନୀତି ମାଧ୍ୟମରେ ନିଜକୁ ପୁନଃ ସ୍ଥାପିତ କରିପାରିଲା, ସେଠାରେ କଂଗ୍ରେସ ଗୋଷ୍ଠୀବାଦ, ନେତୃତ୍ୱ ସଙ୍କଟ ଓ ରାଜନୈତିକ ସୁବିଧାବାଦରୁ ବାହାରିପାରିଲା ନାହିଁ। ଏହି କାରଣରୁ ଓଡ଼ିଶାରେ କଂଗ୍ରେସର ପାରମ୍ପରିକ ଭୋଟ୍ ବ୍ୟାଙ୍କ ଧୀରେ ଧୀରେ ବିଜେପି ଓ ଅନ୍ୟ ଦଳମାନଙ୍କ ପ୍ରତି ସ୍ଥାନାନ୍ତର ହୋଇଗଲା।

ପିସିସି ସଭାପତିଙ୍କ ନିର୍ବାଚନୀ ପ୍ରଦର୍ଶନ : ନେତୃତ୍ୱ ସଙ୍କଟର ଆଉ ଏକ ଚିତ୍ର-

୨୦୦୦ ପରଠାରୁ ଓଡ଼ିଶା କଂଗ୍ରେସରେ ପିସିସି ସଭାପତି ପରିବର୍ତ୍ତନ ଅନେକଥର ହୋଇଛି, କିନ୍ତୁ ଦଳ ସେହି ଅନୁପାତରେ ନିର୍ବାଚନୀ ସଫଳତା ପାଇନାହିଁ। ଏହାଠାରୁ ଆହୁରି ବଡ଼ ପ୍ରଶ୍ନ ହେଉଛି — ଯେଉଁମାନେ ସଂଗଠନର ନେତୃତ୍ୱ ନେଇଥିଲେ, ସେମାନେ ନିଜ ନିଜ ନିର୍ବାଚନ ରେ କେତେ ସଫଳ ଥିଲେ ?

ଶରତ ପଟ୍ଟନାୟକ ଦଳୀୟ ସଂଗଠନରେ ଦୀର୍ଘ ଅନୁଭବ ରଖୁଥିଲେ ମଧ୍ୟ ବିଭିନ୍ନ ସମୟରେ ନିର୍ବାଚନୀ ପରାଜୟର ସମ୍ମୁଖୀନ ହୋଇଛନ୍ତି। ଜୟଦେବ ଜେନା ପିସିସି ସଭାପତି ଥିବା ସମୟରେ କଂଗ୍ରେସ ଧୀରେ ଧୀରେ ଶକ୍ତି ହରାଇବା ଆରମ୍ଭ କରିଥିଲା। ନିରଞ୍ଜନ ପଟ୍ଟନାୟକ ଦୀର୍ଘଦିନ ଧରି ରାଜ୍ୟ କଂଗ୍ରେସର ପ୍ରଭାବଶାଳୀ ଚେହେରା ଥିଲେ ମଧ୍ୟ, ତାଙ୍କ ନେତୃତ୍ୱ ସମୟରେ ଦଳ ୨୦୧୯ ରେ ମାତ୍ର ୯ଟି ବିଧାନସଭା ଆସନକୁ ସୀମିତ ହୋଇଗଲା। ପ୍ରସାଦ ହରିଚନ୍ଦନଙ୍କ ନେତୃତ୍ୱ ସମୟରେ ମଧ୍ୟ କଂଗ୍ରେସ ତୃଣମୂଳ ସ୍ତରରେ ଆକ୍ରମଣାତ୍ମକ ସଂଗଠନ ଗଢ଼ିପାରିଲା ନାହିଁ। ଅନେକ ପିସିସି ସଭାପତି ନିଜେ ବିଧାନସଭା ନିର୍ବାଚନରେ ପରାଜିତ ହୋଇଥିଲେ କିମ୍ବା ନିଜ ନିର୍ବାଚନମଣ୍ଡଳୀରେ ସଂଗଠନ ମଜବୁତ ରଖିପାରିନଥିଲେ। ଏହା ସ୍ପଷ୍ଟ କରୁଛି ଯେ, ଦଳର ସଂଗଠନୀୟ ନେତୃତ୍ୱ ଓ ନିର୍ବାଚନ ତୃଣମୂଳସ୍ତରୀୟ ସଂଘର୍ଷ ମଧ୍ୟରେ ବଡ଼ ଅନ୍ତର ରହିଛି।

ସଂଗଠନ ନୁହେଁ, ଶିବିର ରାଜନୀତି - ଦୀର୍ଘଦିନ ଧରି ଓଡ଼ିଶା କଂଗ୍ରେସରେ ଏହି ଅଭିଯୋଗ ରହିଆସିଛି ଯେ, କିଛି ବରିଷ୍ଠ ନେତା ଦଳକୁ ଏକ ସଂଗଠନ ଭାବେ ନୁହେଁ, ବରଂ ନିଜସ୍ୱ ଶକ୍ତିକେନ୍ଦ୍ର ଭାବେ ଚଳାଇଆସୁଛନ୍ତି। ଜିଲ୍ଲା ସଂଗଠନ ଧୀରେ ଧୀରେ ଗୋଷ୍ଠୀରେ ବିଭକ୍ତ ହୋଇଗଲା। ଯୁବ ନେତୃତ୍ୱକୁ ସେତେବେଳେ ପର୍ଯ୍ୟନ୍ତ ଆଗକୁ ଅଣାଯାଉ ନାହିଁ , ଯେପର୍ଯ୍ୟନ୍ତ ସେମାନେ କୌଣସି ବରିଷ୍ଠ ନେତାଙ୍କ ପ୍ରତି ପୂର୍ଣ୍ଣ ରାଜନୈତିକ ଅନୁଗତ୍ୟ ଦେଖାଉ ନାହାନ୍ତି ।

ଅନେକ କ୍ଷେତ୍ରରେ ଯୋଗ୍ୟ, ଶିକ୍ଷିତ ଓ ସଂଘର୍ଷଶୀଳ ଯୁବ ଚେହେରାମାନେ ସଂଗଠନରେ ସୁଯୋଗ ନ ପାଇ ଦଳଠାରୁ ଦୂରେଇଯାଇଛନ୍ତି। ତାଙ୍କ ସ୍ଥାନରେ ସୁପାରିଶ, ପରିବାରବାଦ କିମ୍ବା ଶିବିର ଆଧାରିତ ରାଜନୀତି ପ୍ରାଧାନ୍ୟ ପାଇଛି।

କଂଗ୍ରେସର ବରିଷ୍ଠ ନେତୃତ୍ୱମାନେ ନିଜ ନିଜର ଅନୁଗତ୍ୟଙ୍କୁ ପ୍ରାଧାନ୍ୟ ଦେବା, ସୁପାରିଶ ଆଧାରରେ ଦଳୀୟ ପଦବୀ ବଣ୍ଟନ କରିବା ଓ ସଂଘର୍ଷଶୀଳ ଯୁବ ନେତାଙ୍କୁ ପଛକୁ ଠେଲିଦେବା ଯୋଗୁଁ ସଂଗଠନ ଦୁର୍ବଳ ହୋଇଛି। ଏହାର ପରିଣାମରେ କଂଗ୍ରେସ ଧୀରେ ଧୀରେ ଏକ ଲଢୁଆ ବିରୋଧୀ ଦଳର ପରିଚୟ ହରାଇଦେଲା। ଯେତେବେଳେ ବିଜେପି ୨୦୧୪ ପରେ ବୁଥ୍ ସ୍ତରରେ ସଂଗଠନ ବିସ୍ତାର କଲା ଏବଂ ବିଜେଡି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୀର୍ଘ ସମୟ ଧରି ସଂଗଠନାତ୍ମକ ଶୃଙ୍ଖଳା ରକ୍ଷା କଲା, ସେତେବେଳେ କଂଗ୍ରେସର ଅନେକ ବରିଷ୍ଠ ନେତା ଅନ୍ତର୍ଦଳୀୟ ଲବି ଓ ଦଳୀୟ ସମୀକରଣରେ ବ୍ୟସ୍ତ ରହିଲେ।

"ଆରାମଦାୟକ ବିରୋଧୀ ଦଳ"ର ଛବି- ଆଜି ଓଡ଼ିଶାର ଜନସାଧାରଣରେ ରାଜନୈତିକ ଚର୍ଚ୍ଚାରେ ଏକ ମୁଖ୍ୟ ଚର୍ଚ୍ଚା ହେଉଛି — କଂଗ୍ରେସର କିଛି ବରିଷ୍ଠ ନେତା ସତ୍ତାକୁ ଫେରିବା ପାଇଁ ଆକ୍ରମଣାତ୍ମକ ରାଜନୀତି କରିବା ପରିବର୍ତ୍ତେ ବିରୋଧୀ ଦଳରେ ସୁବିଧାରେ ରହିବାକୁ ଅଧିକ ପସନ୍ଦ କରୁଥିବା ଭାବ ପ୍ରକାଶ ପାଉଛି। ବେକାରି, ଚାଷୀ ସମସ୍ୟା, ଖଣି ଦୁର୍ନୀତି ଆଦି ଅନେକ ପ୍ରସଙ୍ଗକୁ କଂଗ୍ରେସ ଦୀର୍ଘମିଆଦି ରାଜ୍ୟବ୍ୟାପୀ ଆନ୍ଦୋଳନରେ ପରିଣତ କରିପାରିଲା ନାହିଁ। ଏହି ରାଜନୈତିକ ଶୂନ୍ୟସ୍ଥାନକୁ ବିଜେପି ଧୀରେ ଧୀରେ ଭରିଦେଲା ଏବଂ ନିଜକୁ ମୁଖ୍ୟ ବିରୋଧୀ ଶକ୍ତି ଭାବେ ସ୍ଥାପିତ କରିଲା।

୨୦୨୬ ରାଜ୍ୟସଭା କ୍ରସ୍ ଭୋଟିଂ: ଅନ୍ତର୍ଦଳୀୟ ପତନର ସବୁଠୁ ବଡ଼ ଉଦାହରଣ

୨୦୨୬ ରାଜ୍ୟସଭା ନିର୍ବାଚନ ଓଡ଼ିଶା କଂଗ୍ରେସର ଅନ୍ତର୍ଦଳୀୟ ଦୁର୍ବଳତାକୁ ସାମ୍ନାକୁ ଆଣିଦେଲା। କଂଗ୍ରେସର ତିନି ଜଣ ବିଧାୟକ — ରମେଶ ଚନ୍ଦ୍ର ଜେନା, ଦାଶରଥୀ ଗମାଙ୍ଗୋ ଓ ସୋଫିଆ ଫିରଦୌସଙ୍କୁ — ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ପକ୍ଷରେ କ୍ରସ୍ ଭୋଟିଂ ଅଭିଯୋଗରେ ସସ୍ପେଣ୍ଡ କରାଯାଇଥିଲା। ଏହି ଘଟଣା କେବଳ ଜାତୀୟ ସ୍ତରରେ କଂଗ୍ରେସକୁ ଅସୁବିଧାରେ ପକାଇନଥିଲା, ବରଂ ଏହା ଏହି ଧାରଣାକୁ ଆହୁରି ଶକ୍ତିଶାଳୀ କରିଦେଲା ଯେ — ଓଡ଼ିଶା କଂଗ୍ରେସରେ ଆଦର୍ଶ ଭିତ୍ତିକ ରାଜନୀତି ଦୁର୍ବଳ ହୋଇଯାଇଛି। ରାଜ୍ୟସଭା ନିର୍ବାଚନ ସମୟରେ କଂଗ୍ରେସ ଓ ବିଜେଡି ମଧ୍ୟରେ ଏକ କୌଶଳଗତ ସମନ୍ୱୟ ଥିବା କଥା ରାଜନୈତିକ ମହଲରେ ଚର୍ଚ୍ଚା ହୋଇଥିଲା। ତଥାପି ଦଳ ନିଜ ବିଧାୟକଙ୍କୁ ଏକତ୍ର ରଖିପାରିଲା ନାହିଁ।

ଏହି ଘଟଣା ତିନୋଟି କଠୋର ସତ୍ୟକୁ ସାମ୍ନାକୁ ଆଣିଲା: ୧. ଦଳୀୟ ଶୃଙ୍ଖଳାର ଅଭାବ, ୨. ଗୋଷ୍ଠୀ ମଧ୍ୟରେ ଅବିଶ୍ୱାସ, ୩. ସୁବିଧାବାଦୀ ରାଜନୀତିର ବୃଦ୍ଧି।

ତୃଣମୂଳ ସ୍ତରର କଂଗ୍ରେସ କର୍ମୀଙ୍କ ପାଇଁ ଏହା ଗଭୀର ମନୋବୈଜ୍ଞାନିକ ଆଘାତ ଥିଲା। ବର୍ଷରୁ ବର୍ଷ ବିଜେପି ଓ ବିଜେଡି ବିରୋଧରେ ଲଢୁଥିବା କର୍ମୀମାନେ ନିଜ ଦଳର ବିଧାୟକଙ୍କୁ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ସହଯୋଗ କରୁଥିବା ଦେଖିଲେ।

ବିଜେଡି ସହ "ଅଘୋଷିତ ବୁଝାମଣା"ର ଚର୍ଚ୍ଚା

ଓଡ଼ିଶାର ବହୁ ସ୍ଥାନରେ ଏବେ କଂଗ୍ରେସ ଓ ବିଜେଡି ମଧ୍ୟରେ ଏକ ଅଘୋଷିତ ରାଜନୈତିକ ବୁଝାମଣାର ଚର୍ଚ୍ଚା ହେଉଛି। କିଛି କଂଗ୍ରେସ ନେତା, ଯେଉଁମାନେ ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କଠାରୁ ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିଲେ, ସେମାନେ ଏବେ ବିଜେପି ବିରୋଧରେ ସିଧାସଳଖ ରାଜନୈତିକ ଲଢ଼ାଇ କରିବା ପରିବର୍ତ୍ତେ ବିଜେଡି ସହ ସ୍ଥାନୀୟ ସ୍ତରରେ ସମନ୍ୱୟ ରାଜନୀତି କରୁଥିବା ଦେଖାଦେଉଛି । ବିଭିନ୍ନ ସଭାସମିତିରେ କଂଗ୍ରେସ ଓ ବିଜେଡି ନେତାଙ୍କ ଏକାଠି ମଞ୍ଚ ସେୟାର କରିବା, ତୃଣମୂଳ ସ୍ତରରେ ଉଭୟ ଦଳର କର୍ମୀଙ୍କ ମଧ୍ୟରେ ସମନ୍ୱୟର ସଙ୍କେତ ଦେବା ଓ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏକ "ନରମ ରାଜନୈତିକ ସମ୍ପର୍କ" ଗଢ଼ିବାର ଚେଷ୍ଟା ଚର୍ଚ୍ଚାର ବିଷୟ ହୋଇଛି।

କଂଗ୍ରେସର ପୁରୁଖା କର୍ମୀମାନଙ୍କ ମତରେ ଏହା କଂଗ୍ରେସ ପାଇଁ ଦୀର୍ଘମିଆଦିରେ ଆତ୍ମଘାତୀ ପଦକ୍ଷେପ ହୋଇପାରେ। କାରଣ ୨୪ ବର୍ଷ ଧରି ବିଜେଡି ଶାସନ ସମୟରେ ଯେଉଁ କର୍ମୀମାନେ ରାଜନୈତିକ ଭାବେ ଲଢ଼ିଥିଲେ, ସେମାନଙ୍କ ପାଇଁ ଏପରି ସମୀକରଣ ଗ୍ରହଣ କରିବା ସହଜ ନୁହେଁ।

ଯୁବ ମୁହଁ ଆଗରେ, ନିଷ୍ପତ୍ତି ଶକ୍ତି ପଛରେ- ଓଡ଼ିଶା କଂଗ୍ରେସ ଯୁବ ମୁହଁକୁ ପ୍ରଚାରରେ ଆଗକୁ ଆଣୁଥିଲେ ମଧ୍ୟ ପ୍ରକୃତ ନିଷ୍ପତ୍ତି ଶକ୍ତି ଏବେ ବି କିଛି ବରିଷ୍ଠ ଶିବିର ହାତରେ ସୀମିତ ରହିଛି।

ଟିକେଟ ବଣ୍ଟନ, ସଂଗଠନୀୟ ନିଯୁକ୍ତି ଓ ଦଳୀୟ ପଦବୀରେ ପରିବାରବାଦ ଓ ଅନୁଗତ୍ୟ ରାଜନୀତି ପ୍ରାଧାନ୍ୟ ପାଉଥିବା ଦେଖାଦେଉଛି ।

ଦିଲ୍ଲୀ ରାଜନୀତି, ଦଳୀୟ ଲବି ଓ ପଦବୀ ସମୀକରଣରେ ଯେତେ ସକ୍ରିୟତା ଦେଖାଯାଉଛି, ତୃଣମୂଳ ସ୍ତରରେ ସେତେ ସକ୍ରିୟତା ଦେଖାଯାଉନାହିଁ । ଏହି କାରଣରୁ ଅନେକ ସଂଘର୍ଷଶୀଳ ଯୁବ ନେତା ଦଳଠାରୁ ଦୂରେଇଯାଉଛନ୍ତି।

କଂଗ୍ରେସ ପୁଣି ଫେରିପାରିବ କି ? - ହଁ, କିନ୍ତୁ ତାହା ପାଇଁ କେବଳ ପିସିସି ପରିବର୍ତ୍ତନ କିମ୍ବା ନୂତନ ସ୍ଲୋଗାନ ପର୍ଯ୍ୟାପ୍ତ ହେବ ନାହିଁ। ଓଡ଼ିଶା କଂଗ୍ରେସକୁ: ୧. ନିର୍ଭୀକ, ଶିକ୍ଷିତ ଓ ଶୃଙ୍ଖଳିତ ତୃଣମୂଳ ନେତୃତ୍ୱକୁ ଆଗକୁ ଆଣିବାକୁ ପଡ଼ିବ। ୨. ବରିଷ୍ଠ ନେତୃତ୍ୱଙ୍କ ମଧ୍ୟରେ ଗୋଷ୍ଠୀବାଦ କମେଇବାକୁ ପଡ଼ିବ। ୩. ବୁଥ୍ ସ୍ତରରେ ସଂଗଠନ ପୁନର୍ଗଠନ କରିବାକୁ ପଡ଼ିବ। ୪. ଦୀର୍ଘମିଆଦି ଜନଆନ୍ଦୋଳନ କରିବାକୁ ପଡ଼ିବ। ୫. ପରିବାରବାଦ ଓ ସୁପାରିଶ ଆଧାରିତ ରାଜନୀତିକୁ କମେଇବାକୁ ପଡ଼ିବ। ୬. ସବୁଠୁ ମୁଖ୍ୟ — "ରାଜନୈତିକ ସୁବିଧାବାଦ"ର ସଂସ୍କୃତିକୁ ଛାଡ଼ିବାକୁ ପଡ଼ିବ।

ଯଦି କଂଗ୍ରେସ ଏବେ ବି ବ୍ୟକ୍ତିଗତ ସୁରକ୍ଷା, ରାଜନୈତିକ ବୁଝାମଣା ଓ ସୁବିଧାବାଦୀ ରାଜନୀତିରୁ ବାହାରିପାରିବ ନାହିଁ, ତେବେ ଦଳ ଓଡ଼ିଶାରେ ରହିବ ସତ୍ୟ — କିନ୍ତୁ ଏକ ଐତିହାସିକ ସ୍ମୃତି ଭାବେ, ସତ୍ତାର ଯଥାର୍ଥ ବିକଳ୍ପ ଭାବେ ନୁହେଁ।

**ଯୁବ ସମାଜସେବୀ**
**ଭଦ୍ରକ**

# ବେଦାନ୍ତ ପାଇଁ ସରକାରୀ ତତ୍ପରତା : ମୁଖ୍ୟମନ୍ତ୍ରୀ-ଅନୀଲ ଅଗ୍ରୱାଲଙ୍କ ମଧ୍ୟରେ ଆଲୋଚନା, ପ୍ରତି ୧୫ ଦିନରେ ହେବ ପ୍ରକଳ୍ପର ସମୀକ୍ଷା



ଭୁବନେଶ୍ୱର, ୩୦/୦୫ (ଜେଏନ୍‌ଏସ୍) : ବେଦାନ୍ତ ପାଇଁ ରାଜ୍ୟ ସରକାରଙ୍କ ସ୍ତରରେ ତତ୍ପରତା ପ୍ରକାଶ ପାଇଛି । ବେଦାନ୍ତ ମୁଖ୍ୟ ଅନୀଲ ଅଗ୍ରୱାଲ ଆଜି ନିଜର ଟିମ୍ ସହ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ରାଜ୍ୟରେ ବେଦାନ୍ତ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ପ୍ରାୟ ୧ଲକ୍ଷ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିବା ଜଣାପଡ଼ିଛି । ବେଦାନ୍ତର ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଯେଭଳି ନିର୍ଦ୍ଧାରିତ ସମୟ ମଧ୍ୟରେ ଓ ସୁରୁଖୁରୁରେ ଶେଷ ହେବ ସେଥିପାଇଁ ପ୍ରତି ୧୫ଦିନରେ ଏହାର ଅଗ୍ରଗତିର ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଆଜିର ସାକ୍ଷାତ ସମୟରେ ବେଦାନ୍ତର ପ୍ରକଳ୍ପଗୁଡ଼ିକ କିଭଳି ଠିକ୍ ସମୟରେ କାର୍ଯ୍ୟକାରୀ ହେବ ତାହା ଉପରେ ଆଲୋଚନା ହୋଇଥିଲା । ଓଡ଼ିଶାରେ ୧ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ କରି ବେଦାନ୍ତ ରାଜ୍ୟରେ ଏକ ବୃହତ୍ ପୁଞ୍ଜିନିବେଶକାରୀ ଭାବେ ପରିଗଣିତ ହେଉଛି । ବେଦାନ୍ତ ଓଡ଼ିଶାର ରାୟଗଡ଼ା ଜିଲ୍ଲାରେ ୬୦ ଲକ୍ଷ ଟନ୍ ବିଶିଷ୍ଟ ଆଲୁମିନା ରିଫାଇନେରୀ, ଢେଙ୍କାନାଳ ଜିଲ୍ଲାରେ ୩୦ଲକ୍ଷ ଟନ୍ ବିଶିଷ୍ଟ ଆଲୁମିନିୟମ୍ ସ୍ମେଲ୍‌ଟର ଓ ୬ହଜାର ମେଗାୱାଟ୍ ବିଶିଷ୍ଟ ବିଦ୍ୟୁତ୍ ପ୍ରକଳ୍ପ, ଡାଉନଷ୍ଟ୍ରିମ୍ ଆଲୁମିନିୟମ୍ ପାର୍କ, କୋଇଲା ଓ ବକ୍ସାଇଟ୍ ସମନ୍ୱିତ ଶିଳ୍ପ ଇତ୍ୟାଦି ସ୍ଥାପନ କରିବାର ପ୍ରସ୍ତାବ ରହିଛି । ଢେଙ୍କାନାଳରେ ବିଦ୍ୟୁତ୍ ପ୍ରକଳ୍ପ ଓ ସ୍ମେଲ୍‌ଟର ଏବଂ ରାୟଗଡ଼ାରେ ଆଲୁମିନା ରିଫାଇନେରୀ ପ୍ରକଳ୍ପ ପାଇଁ ଜମି ଆବଂଟନ କରାଯାଇଛି । ପ୍ରକଳ୍ପ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ପ୍ରଦାନ ମଧ୍ୟ ଠିକ୍ ଭାବେ ଚାଲିଛି । ବେଦାନ୍ତ ଲିମିଟେଡ କମ୍ପାନୀର ନୂଆ କୋଲ୍ ବ୍ଲକ ଚଳିତ ବର୍ଷ କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି । ଏହାବ୍ୟତୀତ, ବକ୍ସାଇଟ୍ ଖଣି ନିକଟରେ ଏକ ପ୍ରସ୍ତାବିତ ରେଳ ସଂଯୋଗକୁ ମଧ୍ୟ ରେଳ ମନ୍ତ୍ରଣାଳୟ ଦ୍ୱାରା ମଞ୍ଜୁରୀ ପ୍ରଦାନ କରାଯାଇଛି ।

ଏହି ଆଲୋଚନାବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବେଦାନ୍ତର ଏହି ପୁଞ୍ଜିନିବେଶ ଆମ ଯୁବପିଢ଼ିଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ । ବେଦାନ୍ତର ପ୍ରକଳ୍ପ ଗୁଡ଼ିକ ସମ୍ପର୍କରେ ପ୍ରତି ୧୫ ଦିନରେ ଥରେ ସମୀକ୍ଷା କରାଯାଇ ଠିକ୍ ସମୟରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯିବ । ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଯାତ୍ରାକୁ ଏହି ସବୁ ପ୍ରକଳ୍ପଗୁଡ଼ିକ ଆହୁରି ତ୍ୱରାନ୍ୱିତ କରିବ । ଏହା ବିଶେଷକରି କେନ୍ଦ୍ରୀୟ ଓ ଦକ୍ଷିଣ ଓଡ଼ିଶାରେ ଆର୍ଥିକ କାର୍ଯ୍ୟକଳାପ ଓ ଭିତ୍ତିଭୂମିର ବିକାଶକୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ପ୍ରକଳ୍ପର ଅଗ୍ରଗତି ଉପରେ ବେଦାନ୍ତ ଗ୍ରୁପ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ କହିଥିଲେ, ଆମର ଆଗାମୀ ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଅର୍ଥନୀତି ଉପରେ ଏକ ବଡ଼ ପରିବର୍ତ୍ତନ ଆଣିବ, ଯାହା ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି କରିବା ସହ ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ଶକ୍ତିଶାଳୀ କରିବ ଏବଂ ଏକ ଭବିଷ୍ୟତ-ଉପଯୋଗୀ ଶିଳ୍ପ ହବ୍ ଗଠନ କରିବାରେ ସହାୟକ ହେବ ।

ଆଜିର ଆଲୋଚନାବେଳେ ଶିଳ୍ପ ସଚିବ ହେମନ୍ତ ଶର୍ମା, ରାଜସ୍ୱ ସଚିବ ଅରବିନ୍ଦ ପାଢ଼ୀ ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ବେଦାନ୍ତ ଗ୍ରୁପ ପକ୍ଷରୁ ପୂର୍ବତନ ଆଇଏଏସ୍ ପ୍ରଦୀପ୍ତ କୁମାର ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଅବଦୁର ରେହମାନ ନିର୍ଦ୍ଦୋଷରେ ଖଲାସ



ଭୁବନେଶ୍ୱର, ୩୦/୦୫ (ଜେଏନ୍‌ଏସ୍) : ଗୁଇନ୍ଦା ସୂଚନା ଆଧାରରେ ଅବଦୁର ରେହମାନଙ୍କୁ କଟକ ସହର ନିକଟସ୍ଥ ପଶ୍ଚିମକଚ୍ଛା ଗାଁରୁ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଗିରଫ କରି ଦିଲ୍ଲୀ ନେଇଯାଇଥିଲା । ପୂର୍ବରୁ ଦିଲ୍ଲୀରୁ ଗିରଫ ହୋଇଥିବା ଜଣେ ଆତଙ୍କବାଦୀ ସହ ଅବଦୁର ଯୋଗାଯୋଗରେ ରହିଥିବା ନେଇ ଅଭିଯୋଗ ହୋଇଥିଲା । ଆତଙ୍କବାଦୀ ସଂଗଠନ 'ଅଲ କଏଦା' ସହ ସମ୍ପୃକ୍ତି ଅଭିଯୋଗରେ କଟକ ଜଗତପୁର ଅଞ୍ଚଳରୁ ଗିରଫ ହୋଇଥିବା ମୌଲାନା ଅବଦୁର ରେହମାନ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ୨୦୧୫ ଡିସେମ୍ବର ୧୬ ତାରିଖରେ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଦ୍ୱାରା ଗିରଫ ହୋଇ ପ୍ରାୟ ୧୧ ବର୍ଷ ଜେଲରେ ରହିବା ପରେ ଅବଦୁର ରେହମାନ ଏବେ ଦୋଷମୁକ୍ତ ହୋଇଛନ୍ତି । କଟକ ଜିଲ୍ଲା ଦୌରା ଜଜ୍ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ପ୍ରମାଣ ଅଭାବରୁ ଅବଦୁର ରେହମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଖଲାସ କରିଛନ୍ତି । କୋର୍ଟଙ୍କ ଏହି ରାୟ ପରେ ଦୀର୍ଘ ଦିନ ଧରି ଚାଲିଥିବା ଏହି ଚର୍ଚ୍ଚିତ ଆଇନଗତ ପ୍ରକ୍ରିୟାରେ ନୂଆ ମୋଡ଼ ଆସିଛି । ଗୁଇନ୍ଦା ସୂଚନା ଆଧାରରେ ଅବଦୁର ରେହମାନଙ୍କୁ କଟକ ସହର ନିକଟସ୍ଥ ପଶ୍ଚିମକଚ୍ଛା ଗାଁରୁ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଗିରଫ କରି ଦିଲ୍ଲୀ ନେଇଯାଇଥିଲା । ପୂର୍ବରୁ ଦିଲ୍ଲୀରୁ ଗିରଫ ହୋଇଥିବା ଜଣେ ଆତଙ୍କବାଦୀ ସହ ଅବଦୁର ଯୋଗାଯୋଗରେ ରହିଥିବା ନେଇ ଅଭିଯୋଗ ହୋଇଥିଲା । ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଓ ଓଡ଼ିଶା ପୁଲିସର ଏକ ମିଳିତ ଟିମ୍ ତାଙ୍କୁ ଧରିଥିଲା । ଗିରଫ ହେବା ପରେ ଅବଦୁର ରେହମାନଙ୍କ ବିରୋଧରେ ଦିଲ୍ଲୀ, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ୩ଟି ମାମଲା ରୁଜୁ ହୋଇଥିଲା । ପ୍ରଥମ ମାମଲାଟି ଜାତୀୟ ତଦନ୍ତକାରୀ ସଂସ୍ଥା ବା ଘଓଇ ଦ୍ୱାରା ଆତଙ୍କବାଦୀ କାର୍ଯ୍ୟକଳାପ ଅଭିଯୋଗରେ ରୁଜୁ ହୋଇଥିଲା । ଦ୍ୱିତୀୟ ମାମଲାଟି ଜାମସେଦପୁର ପୁଲିସ ପକ୍ଷରୁ ରୁଜୁ କରାଯାଇଥିଲା । ତୃତୀୟ ମାମଲାଟି କଟକର କମିଶନରେଟ ପୁଲିସ ଦ୍ୱାରା ସ୍ଥାନୀୟ ସ୍ତରରେ ରୁଜୁ କରାଯାଇଥିଲା । ପରବର୍ତ୍ତୀ ସମୟରେ କଟକ କମିଶନରେଟ ପୁଲିସ ଦ୍ୱାରା ରୁଜୁ ହୋଇଥିବା ତୃତୀୟ ମାମଲାଟିର ଗୁରୁତ୍ୱ ଏବଂ ଜାତୀୟ ସୁରକ୍ଷା ସହ ଏହାର ସମ୍ପୃକ୍ତିକୁ ଦୃଷ୍ଟିରେ ରଖି ଏହାକୁ ଓଡ଼ିଶା ପୁଲିସର କ୍ରାଇମ ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା । କ୍ରାଇମ ବ୍ରାଞ୍ଚ ଏହି ମାମଲାର ସମ୍ପୂର୍ଣ୍ଣ ଦାୟିତ୍ୱ ନେବା ସହ ଅଭିଯୁକ୍ତଙ୍କ ବିରୋଧରେ ସଙ୍ଗୀନ 'ଦେଶଦ୍ରୋହ' ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ାଇଥିଲା । ଦିଲ୍ଲୀ ମାମଲାକୁ ଏନଆଇଏ ତଦନ୍ତ କରି ଚାର୍ଜସିଟ ଦାଖଲ କରିବା ପରେ ସେହି ମାମଲାରେ ଅବଦୁର ରେହେମାନ ଦୋଷୀ ସାବ୍ୟସ୍ତ ହୋଇ ୭ ବର୍ଷ ଜେଲ ଦଣ୍ଡାଦେଶ ଭୋଗିଥିଲେ । ତେବେ ଜାମସେଦପୁରରେ ଉତ୍ତେଜକ ଭାଷଣ ଦେବା ଅଭିଯୋଗରେ ଦାୟର ହୋଇଥିବା ମାମଲାରେ ଅବଦୁର ଦୋଷମୁକ୍ତ ହୋଇଥିଲେ । ଆଉ ଆଜି କଟକ ଜିଲ୍ଲା ଦୌରା ଜଜ୍ କୋର୍ଟରେ କ୍ରାଇମ ବ୍ରାଞ୍ଚ ଦ୍ୱାରା ପରିଚାଳିତ ଦେଶଦ୍ରୋହ ମାମଲାର ରାୟ ପ୍ରକାଶ କରାଯାଇଥିଲା । ଶୁଣାଣି ସମୟରେ ଅଭିଯୁକ୍ତଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଦାଖଲ କରାଯାଇଥିବା ସାକ୍ଷ୍ୟ ଓ ପ୍ରମାଣଗୁଡ଼ିକ ଯଥେଷ୍ଟ ନଥିବା କୋର୍ଟ ଦର୍ଶାଇଥିଲେ । ଫଳରେ ପ୍ରମାଣର ଅଭାବ ଯୋଗୁ କୋର୍ଟ ଅବଦୁର ରେହମାନଙ୍କୁ ସମସ୍ତ ଦୋଷରୁ ମୁକ୍ତ କରିବା ସହ ଖଲାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଜୁନ୍ ୧୮ରେ ରାଜ୍ୟସଭା ଉପନିର୍ବାଚନ ଦେବାଶିଷଙ୍କୁ ପଠାଇବ କି ବିଜେପି ?




ଭୁବନେଶ୍ୱର, ୩୦/୦୫ (ଜେଏନ୍‌ଏସ୍) : ଦେବାଶିଷ ସାମନ୍ତରାୟ ସୋମବାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିବେ ବେଳେ ଉକ୍ତ ଆସନ ପାଇଁ ଉପନିର୍ବାଚନ କରିବାକୁ ଆଜି ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିଶନ । ଦେବାଶିଷ ସାମନ୍ତରାୟ ସୋମବାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିବେ ବେଳେ ଉକ୍ତ ଆସନ ପାଇଁ ଉପନିର୍ବାଚନ କରିବାକୁ ଆଜି ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିଶନ । ଜୁନ୍ ୧୮ ତାରିଖରେ ଏହି ଉପନିର୍ବାଚନ ଅନୁଷ୍ଠିତ ହେବ ବୋଲି ଇସିଆଇ ଜାରି କରିଥିବା ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରିଛନ୍ତି । ରାଜ୍ୟସଭା ଉପନିର୍ବାଚନ ପାଇଁ ଜୁନ୍ ୧ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ । ଜୁନ୍ ୮ ହେଉଛି ପ୍ରାର୍ଥୀପତ୍ର ଦାଖଲ କରିବାର ଶେଷ ତାରିଖ । ଜୁନ୍ ୯ରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ । ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ହେଉଛି ଜୁନ୍ ୧୧ । ଜୁନ୍ ୧୮ ତାରିଖରେ ଭୋଟ୍ ଗ୍ରହଣ କରାଯିବ । ସେହିଦିନ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ । ସନ୍ଧ୍ୟା ୫ଟାରୁ ଭୋଟ୍ ଗଣତି ହେବ ଓ ଫଳାଫଳ ଘୋଷଣା କରାଯିବ । ଜୁନ୍ ୨୦ ତାରିଖ ପୂର୍ବରୁ ଏହି ଉପନିର୍ବାଚନକୁ ଶେଷ କରିବାକୁ ଇସିଆଇ ଲକ୍ଷ୍ୟ ରଖିଥିବା ତାଙ୍କ ପ୍ରେସ୍ ରିଲିଜ୍‌ରେ ଦର୍ଶାଇଛନ୍ତି । ୨୦୨୪ ଏପ୍ରିଲରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଦେବାଶିଷ ସାମନ୍ତରାୟ । ତାଙ୍କ କାର୍ଯ୍ୟକାଳ ୨୦୩୦ ଏପ୍ରିଲ ୩ ତାରିଖରେ ଶେଷ ହୋଇଥା'ନ୍ତା । ତା' ପୂର୍ବରୁ ୨୦୨୬ ମେ' ୫ ତାରିଖରେ ସେ ଏହି ପଦରୁ ଇସ୍ତଫା ଦେଇଥିଲେ । ଦେବାଶିଷ ବିଜେଡି ଟିକେଟରେ ରାଜ୍ୟସଭାକୁ ଯାଇଥିଲେ । ସୋମବାର ସେ ବିଜେଡିରୁ ଇସ୍ତଫା ଦେବା ସହିତ ରାଜ୍ୟସଭା ସାଂସଦ ପଦ ମଧ୍ୟ ଛାଡ଼ି ଦେଇଥିଲେ । ମଙ୍ଗଳବାର ସେ ବିଜେପିରେ ଯୋଗ ଦେଇଛନ୍ତି । ତେଣୁ ବିଜେପି ତାଙ୍କୁ ଏହି ଉପନିର୍ବାଚନରେ ପ୍ରାର୍ଥୀ କରି ରାଜ୍ୟସଭାକୁ ପଠାଇବାର ଅଧିକ ସମ୍ଭାବନା ରହିଛି ବୋଲି ଆଲୋଚନା ହେଉଛି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ରାଜ୍ୟସଭାରେ ଆଗରୁ ତାଙ୍କର ସଂଖ୍ୟା ଗରିଷ୍ଠତା ନଥିଲା । କିନ୍ତୁ ଏବେ ଅଛି । ଏବେ ପୁଣି ଆଉ ଗୋଟିଏ ସିଟ୍ ବିଜେପିର ବଢ଼ିବ । ସୁଜିତ୍ କୁମାର ଓ ମମତା ମହନ୍ତ ଇସ୍ତଫା ଦେଇ ପୁଣି ରାଜ୍ୟସଭା ଯାଇଥିଲେ । ଯିଏ ଇସ୍ତଫା ଦେଇ ଆସିଛନ୍ତି, ତାଙ୍କ ସମ୍ଭାବନା ଅଧିକ ରହିଛି । ତେବେ କିଏ ପ୍ରାର୍ଥୀ ହେବେ ଦଳ ଚୂଡ଼ାନ୍ତ ନିଷ୍ପତ୍ତି ନେବ । ଦେବାଶିଷ ସାମନ୍ତରାୟ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୦ ମସିହାରେ ବିଜେଡି ଟିକେଟରେ ତିର୍ତ୍ତୋଲ ଆସନରୁ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏହା ପରେ ୨୦୦୯ ଓ ୨୦୧୪ରେ ସେ ବିଜେଡି ଟିକେଟରେ ବାରବାଟୀ-କଟକ ଆସନରୁ ବିଧାନସଭାକୁ ଯାଇଥିଲେ । ୨୦୧୯ରେ ସେ ଏହି ଆସନରେ ମହମ୍ମଦ ମୋକିମଙ୍କଠାରୁ ପରାସ୍ତ ହୋଇଯାଇଥିଲେ ।

# ପୁରୀରୁ ଗିରଫ ହେଲେ ଫେରାର ତୃଣମୂଳ କଂଗ୍ରେସ ବିଧାୟକ

ଭୁବନେଶ୍ୱର/ପୁରୀ, ୩୦/୦୫ (ଜେଏନ୍‌ଏସ୍) : ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାରରେ ସେ ପରିବହନ ମନ୍ତ୍ରୀ ଥିଲେ । ତାଙ୍କ ନାଁରେ ଏକାଧିକ ମାମଲା ରହିଥିବା ବେଳେ ସେ ଗତ କିଛି ସପ୍ତାହ ହେବ ଫେରାର ରହିଥିଲେ । ତୃଣମୂଳ କଂଗ୍ରେସ ବିଧାୟକ ଦିଲ୍ଲୀପ ମଣ୍ଡଳଙ୍କୁ ପୁରୀରୁ ଗିରଫ କରିଛି ପଶ୍ଚିମବଙ୍ଗ ପୁଲିସର ସ୍ପେଶାଲ ଟାସ୍କ ଫୋର୍ସ । ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାରରେ ସେ ପରିବହନ ମନ୍ତ୍ରୀ ଥିଲେ । ତାଙ୍କ ନାଁରେ ଏକାଧିକ ମାମଲା ରହିଥିବା ବେଳେ ସେ ଗତ କିଛି ସପ୍ତାହ ହେବ ଫେରାର ରହିଥିଲେ । ପଶ୍ଚିମବଙ୍ଗ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ ଦିଲ୍ଲୀପ ମଣ୍ଡଳଙ୍କୁ ପୁରୀର ଏକ ହୋଟେଲରୁ ଗିରଫ କରିଛି । ଗିରଫ କରିବା ପରେ ଏସ୍‌ଟିଏଫ ତାଙ୍କୁ ପଶ୍ଚିମବଙ୍ଗ ନେଇଯାଇଛି । ବିଷ୍ଣୁପୁର (ଦକ୍ଷିଣ ୨୪ ପରଗଣା) ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ଦିଲ୍ଲୀପ ମଣ୍ଡଳଙ୍କ ନାଁରେ ଏକାଧିକ ମାମଲା ରହିଛି । ତା' ମଧ୍ୟରେ ବିଜେପି କର୍ମକର୍ତ୍ତାଙ୍କୁ ଧମକଚମକ ଦେବା ମାମଲା ରହିଛି । ପଶ୍ଚିମବଙ୍ଗ ପୋଲିସର ଏସ୍‌ଟିଏଫ ତାଙ୍କୁ ଧରିବାକୁ ତାଙ୍କର ବିଭିନ୍ନ ଠିକଣାରେ ଚଢ଼ାଉ କରିଥିଲା । କିନ୍ତୁ କେଉଁଠି ପାଇ ନଥିଲା । ଶେଷରେ ତାଙ୍କୁ ପୁରୀରୁ ଗିରଫ କରିଛି ଏସ୍‌ଟିଏଫ । ଏହା ପୂର୍ବରୁ ପଶ୍ଚିମବଙ୍ଗ ପୋଲିସ ଦକ୍ଷିଣ ୨୪ ପରଗଣା ଜିଲ୍ଲାରେ ଏକ ସ୍ୱତନ୍ତ୍ର ଅଭିଯାନ ଚଳାଇ ବିଧାୟକ ଦିଲ୍ଲୀପ ମଣ୍ଡଳଙ୍କ ପୁଅ ଅର୍ଘ୍ୟ ମଣ୍ଡଳଙ୍କୁ ଗିରଫ କରିଥିଲା । ବେଆଇ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ତାଙ୍କୁ ପୋଲିସ ଗିରଫ କରିଥିଲା । ତାଙ୍କଠାରୁ କିଛି ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଥିଲା । ପୋଲିସ୍ ଯେତେବେଳେ ଏହି ମାମଲାରେ ଆହୁରି ଖୋଳତାଡ଼ କଲା, ସେତେବେଳେ ଜାଣିବାକୁ ପାଇଲା ଯେ ଏଥିରେ ବିଧାୟକ ଦିଲ୍ଲୀପ ମଣ୍ଡଳଙ୍କର ସଂପୃକ୍ତି ରହିଛି । ଏହା ପରେ ଗିରଫ ହେବା ଭୟରେ ଫେରାର ହୋଇଯାଇଥିଲେ ଦିଲ୍ଲୀପ ମଣ୍ଡଳ ।

# ନିଟ୍-ୟୁଜି, ସିବିଏସ୍‌ଇ ବିବାଦ କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ: ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ, ୩୦/୦୫ : ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ଏବଂ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମୂଲ୍ୟାଙ୍କନ ତ୍ରୁଟିକୁ ନେଇ ଦେଖାଦେଇଥିବା ବିବାଦ ଉପରେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ ଏହି ପରୀକ୍ଷାଗୁଡ଼ିକରେ ହୋଇଥିବା ଅନିୟମିତତା ପାଇଁ ଦାୟୀ କୌଣସି ବି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ । ଏହି ସମଗ୍ର ଘଟଣାର ଦାୟିତ୍ୱ ସେ ନିଜ ମୁଣ୍ଡକୁ ନେବା ସହ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆଶ୍ୱାସନା ଦେଇଛନ୍ତି । ଚଳିତ ବର୍ଷ ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ପ୍ରଥମ ଥର ଡିଜିଟାଲ୍ ମୂଲ୍ୟାଙ୍କନ (ଅନ୍ ସ୍କ୍ରିନ ମାର୍କିଂ-ଓଏସ୍‌ଏମ୍) ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ପ୍ରାୟ ୧୭ ଲକ୍ଷ ଛାତ୍ରଛାତ୍ରୀଙ୍କର ୯୮ ଲକ୍ଷ ଖାତା (୪୦ କୋଟି ପୃଷ୍ଠା) ର ଡିଜିଟାଲ୍ ଯାଞ୍ଚ ହୋଇଥିଲା । ଏଥିରେ ସ୍କାନିଂ ଅସ୍ପଷ୍ଟ ହେବା, କିଛି ପ୍ରଶ୍ନ ଚେକ୍ ନହେବା ଏବଂ ପୋର୍ଟାଲ୍ କ୍ରାସ୍ ହେବା ଭଳି ସମସ୍ୟା ଆସିବା ପରେ ମନ୍ତ୍ରୀ କହିଛନ୍ତି ଯେ ସରକାର ଏହି ତ୍ରୁଟିକୁ ସ୍ୱୀକାର କରୁଛନ୍ତି ଏବଂ ପୁନଃ-ମୂଲ୍ୟାଙ୍କନ ପ୍ରକ୍ରିୟା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ କରାଯିବ । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ସେ କୌଣସି ପ୍ରାଇଭେଟ୍ କମ୍ପାନୀ ହୁଅନ୍ତୁ ବା ସିବିଏସ୍‌ଇର କୌଣସି ଅଧିକାରୀ ହୁଅନ୍ତୁ କିମ୍ବା ସରକାରଙ୍କ ଭିତରେ ଥିବା କୌଣସି ବ୍ୟକ୍ତି ହୁଅନ୍ତୁ; ଯଦି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଅନିୟମିତତା ପ୍ରମାଣିତ ହୁଏ, ତେବେ ତାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ମାମଲାରେ ନ୍ୟାୟିକ ତଦନ୍ତ ଦାବି କରିବା ସହ ଶିକ୍ଷାମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି । ରାହୁଲଙ୍କ ସମାଲୋଚନାର ଜବାବ ଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହା ରାଜନୀତି କରିବାର ସମୟ ନୁହେଁ । ବର୍ତ୍ତମାନ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଛାତ୍ରଛାତ୍ରୀଙ୍କ ମାନସିକ ଚିନ୍ତା ବଢ଼ିବାକୁ ନଦେବା । ଜୁନ୍ ୨୧ରେ ହେବାକୁ ଥିବା ପୁନଃପରୀକ୍ଷାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ୧୦୦% ତ୍ରୁଟିଶୂନ୍ୟ କରିବା ପାଇଁ ସେନା ଏବଂ ରାଜ୍ୟ ସରକାରମାନଙ୍କର ସହାୟତା ନିଆଯାଉଥିବା ମନ୍ତ୍ରୀ କହିଛନ୍ତି ।

# ଓଏଏସ୍ ରେଜଲ୍‌ଟ ପ୍ରକାଶ, ବୁବୁନ ସାହୁ ଟପ୍ପର

ଭୁବନେଶ୍ୱର, ୩୦/୦୫ (ଜେଏନ୍‌ଏସ୍) : ପ୍ରକାଶ ପାଇଲା ଓଏଏସ ରେଜଲ୍‌ଟ । ଓପିଏସସି ପରିଚାଳିତ ଓସିଏସ -୨୦୨୪ ରେଜଲ୍‌ଟ ମଙ୍ଗଳବାର ପ୍ରକାଶ ପାଇଛି । ଏଥିରେ ମୋଟ୍ ୨ ଶହ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୭୮ ଜଣ ମହିଳା ଅଛନ୍ତି । ପ୍ରକାଶ ପାଇଲା ଙଉଝ ରେଜଲ୍‌ଟ । ଓପିଏସସି ପରିଚାଳିତ ଓସିଏସ -୨୦୨୪ ରେଜଲ୍‌ଟ ମଙ୍ଗଳବାର ପ୍ରକାଶ ପାଇଛି । ଏଥିରେ ମୋଟ୍ ୨ ଶହ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୭୮ ଜଣ ମହିଳା ଅଛନ୍ତି । ବୁବୁନ ସାହୁ ଟପ୍ପର ହୋଇଥିବା ବେଳେ ଶୋଭନା ମହାନ୍ତି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ତୃତୀୟ ସ୍ଥାନରେ ଜିତମିତ୍ର ସାହୁ, ଚତୁର୍ଥରେ କନକ ଜୈନ, ୫ମରେ ସଂଗ୍ରାମ ପ୍ରଧାନ, ଷଷ୍ଠରେ ଅମନ ଗୋୟଲ, ସପ୍ତମରେ ଶାନ୍ତନୁ କୁମାର ଶତପଥୀ, ଅଷ୍ଟମରେ ନିତେଶ କୁମାର ବାରିକ, ନବମରେ ଶୀତଲ ପାତ୍ର ଓ ୧୦ମ ସ୍ଥାନରେ ଇତିଶ୍ରୀ ଜେନା ରହିଛନ୍ତି । ଙଉଝ-୨୦୨୪ ପାଇଁ ୨୦୨୬ ଜାନୁଆରୀ ୩୧ ତାରିଖରୁ ୨୦୨୬ ଫେବ୍ରୁଆରୀ ୧୦ ତାରିଖ ମଧ୍ୟରେ ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏହା ପରେ ଚଳିତ ମାସ ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା ।

# ୬ ଲେନ୍ ବିଶିଷ୍ଟ ହେବ ଭୁବନେଶ୍ୱର - ପୁରୀ ଜାତୀୟ ରାଜପଥ

ଭୁବନେଶ୍ୱର, ୩୦/୦୫ (ଜେଏନ୍‌ଏସ୍) : ରାଜଧାନୀ ଭୁବନେଶ୍ୱରରୁ ଶ୍ରୀକ୍ଷେତ୍ର ପୁରୀ ମଧ୍ୟରେ ଯାତାୟାତ ସମୟକୁ ହ୍ରାସ ଓ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ଏକ ମେଗା ପ୍ରକଳ୍ପର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି । ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥକୁ ୪ରୁ ୬ଲେନକୁ ବୃଦ୍ଧି କରିବା ସହ ଭୁବନେଶ୍ୱର ବାଇପାସ୍ (ସପ୍ତସତୀ ମନ୍ଦିର ଛକରୁ ଲିଙ୍ଗିପୁର)ର ୧୧କିମି ରାସ୍ତାକୁ ହାଇସ୍ପିଡ୍ ଇଲେଭେଟେଡ୍ କରିଡ଼ର ଭାବେ ବିକଶିତ କରାଯିବ । ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାର ସବୁଠାରୁ ଆଧୁନିକ ଗମନାଗମନ ଭିତ୍ତିଭୂମିର ନକ୍ସା ଓ ଏହାର ଭବିଷ୍ୟତ ଉପଯୋଗିତା ସମ୍ପର୍କରେ ଆଜି ଉଚ୍ଚସ୍ତରୀୟ ଆଲୋଚନା ହୋଇଛି । ସୂଚନା ଅନୁସାରେ, ପ୍ରସ୍ତାବିତ ପୁରୀ ଆନ୍ତର୍ଜାତୀୟ ବିମାନବନ୍ଦର ଓ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୩୧୬ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ନେଇ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଯୋଜନା ଅନୁଯାୟୀ ବର୍ତ୍ତମାନର ୪ ଲେନ୍ ବିଶିଷ୍ଟ ୬୭କିମି ଜାତୀୟ ରାଜପଥକୁ ୬ ଲେନ ବିଶିଷ୍ଟ ଅତ୍ୟାଧୁନିକ ରାସ୍ତାରେ ପରିଣତ କରାଯିବ । ଏହାସହିତ ସ୍ଥାନୀୟ ଲୋକଙ୍କ ଯାତାୟାତ ସୁବିଧା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇ ଲେନ ବିଶିଷ୍ଟ ସ୍ୱତନ୍ତ୍ର ସର୍ଭିସ ଲେନ ମଧ୍ୟ ନିର୍ମାଣ କରାଯିବ । ସେହିପରି ଏହି ପ୍ରକଳ୍ପରେ ଭୁବନେଶ୍ୱର ସହରର ସପ୍ତସତୀ ମନ୍ଦିର ଛକଠାରୁ ଲିଙ୍ଗିପୁର ଛକ ପର୍ଯ୍ୟନ୍ତ ପ୍ରାୟ ୧୧କିମି ରାସ୍ତା(ବାଇପାସ)କୁ ୬ଲେନ୍ ବିଶିଷ୍ଟ ହାଇସ୍ପିଡ୍ ଇଲେଭେଟେଡ୍ କରିଡ଼ର ଭାବେ ନିର୍ମାଣ କରାଯିବ । ଏହି ଓଭରବ୍ରିଜ୍ ପରି ଉପର ରାସ୍ତା ତଳେ ଉଭୟ ପାର୍ଶ୍ୱରେ ୩ଲେନ ବିଶିଷ୍ଟ ସର୍ଭିସ ରୋଡ଼ ରହିବ । ଏହି ବ୍ୟବସ୍ଥା ଦ୍ୱାରା ରାଜଧାନୀ ଭୁବନେଶ୍ୱରରେ ଭିତରେ ଗାଡ଼ି ମୋଟର ଭିଡ଼ର ସ୍ଥାୟୀ ସମାଧାନ ହେବା ସହ ପୁରୀ ଓ ଭୁବନେଶ୍ୱର ମଧ୍ୟରେ ଯାତ୍ରା ସମୟ ବହୁ ପରିମାଣରେ କମିଯିବ । ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଏହି ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଥିବା ଅତ୍ୟାଧୁନିକ ୱେସାଇଡ ଆମିନିଟିଜ ବା ବିଶ୍ରାମ ସ୍ଥଳୀ ମଧ୍ୟ ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି । ଓଡ଼ିଶାର ଉପକୂଳବର୍ତ୍ତୀ ଅଂଚଳ ବାରମ୍ବାର ବାତ୍ୟା ଦ୍ୱାରା ପ୍ରଭାବିତ ହେଉଥିବାରୁ ଏହି ପ୍ରକଳ୍ପରେ ଏକ ସ୍ୱତନ୍ତ୍ର ଓ ସୁରକ୍ଷିତ ୟୁଟିଲିଟି କରିଡର ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି । ଏହି କରିଡର ମାଧ୍ୟମରେ ବିଦ୍ୟୁତ, ଟେଲିଫୋନ, ଇଂଟରନେଟ, ପାଣି ଓ ଗ୍ୟାସ ପାଇପଲାଇନ ଭଳି ସମସ୍ତ ଅତ୍ୟାବଶ୍ୟକ ସେବାକୁ ଭୂତଳ ମାର୍ଗରେ ନିଆଯିବ, ଯାହାଦ୍ୱାରା ବଡ଼ ବାତ୍ୟା ସମୟରେ ମଧ୍ୟ ଏହି ସେବା ଗୁଡ଼ିକ ବିପର୍ଯ୍ୟସ୍ତ ହେବ ନାହିଁ । ଭବିଷ୍ୟତରେ ପୁରୀରେ ନିର୍ମାଣ ହେବାକୁ ଥିବା ଆନ୍ତର୍ଜାତୀୟ ବିମାନ ବନ୍ଦର, ପ୍ରସ୍ତାବିତ ଉପକୂଳ ରାଜପଥ ଏବଂ ଅନ୍ୟାନ୍ୟ ପ୍ରକଳ୍ପକୁ ଦୃଷ୍ଟିରେ ରଖି ଆବଶ୍ୟକ ସ୍ଥାନମାନଙ୍କରେ ଫ୍ଲାଏ ଓଭର ଓ ଭେଇକିଲ ଅଣ୍ଡର ପାସ ନିର୍ମାଣ କରି ସର୍ବଶ୍ରେଷ୍ଠ ନକ୍ସା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମୀକ୍ଷା ବୈଠକରେ ବିଏମସି କମିଶନରଙ୍କ ସମେତ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ, ଜାତୀୟ ରାଜପଥ ପ୍ରାଧିକରଣ, ଟାଟା ପାୱାର, ଜଙ୍ଗଲ ଓ ପରିବେଶ ବିଭାଗ, ୱାଟକୋ, ଓପିଟିସିଏଲ୍ ଭଳି ପ୍ରମୁଖ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପାରାଦ୍ୱୀପରେ ଜେଏସ୍‌ଡବ୍ଲୁ ମେଗା ଷ୍ଟିଲ୍ ପ୍ଲାଣ୍ଟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩୦/୦୫ (ଜେଏନ୍‌ଏସ୍) : ପାରାଦୀପର ଏରସମା ଅଞ୍ଚଳରେ 'ଜେଏସଡବ୍ଲୁ ଷ୍ଟିଲ୍'ର ମେଗା ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ବ୍ଲାଷ୍ଟଫର୍ନେସ୍ ନିର୍ମାଣ କାର୍ଯ୍ୟ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଏହି ଅବସରରେ ପାରାଦୀପର ଢିଙ୍କିଆ ଅଂଚଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ନେଇଥିବା ପ୍ରକାଶ କରିଛନ୍ତି । ଏହି ପ୍ରକଳ୍ପରେ ଜେଏସଡବ୍ଲୁ ଷ୍ଟିଲ୍ ପକ୍ଷରୁ ସମୁଦାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ । ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଣ୍ଟରୁ ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ ହେବ । ତା' ସହ ଏଠାରେ ୧୨ ମିଲିଅନ୍ ଟନର ଏକ ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟର କାପ୍‌ଟିଭ୍ ପାୱାର ସିଷ୍ଟମ୍ ଏବଂ ଏକ ସ୍ୱତନ୍ତ୍ର ଜେଟି ମଧ୍ୟ ନିର୍ମାଣ କରାଯିବ । ଜେଏସଡବ୍ଲୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜାପାନର ସହଯୋଗୀ କମ୍ପାନୀ ଜେଏଫଇ ଷ୍ଟିଲର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ କମ୍ପାନୀକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି । ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରତରିଆ ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଫାଷ୍ଟ-ଟ୍ରାକ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯାଇଛି । ପୂର୍ବ ଗତିରେ କାମ ଚାଲିଥିଲେ ଯେଉଁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୮ ମସିହାରେ ଆରମ୍ଭ ହୋଇଥାନ୍ତା, ବର୍ତ୍ତମାନ ତାହା ୨୦୨୮ ସୁଦ୍ଧା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ । ସରକାରଙ୍କ ଏହି ଦ୍ରୁତ କାର୍ଯ୍ୟଶୈଳୀର ଉଦାହରଣ ଦେଇ ସେ ଖୋର୍ଦ୍ଧାର ଟ୍ରାଇମେଟ୍ରୋ ଗାର୍ମେଣ୍ଟସର ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଠାରେ ଶିଳାନ୍ୟାସର ବର୍ଷକ ମଧ୍ୟରେ ଉତ୍ପାଦନ ଆରମ୍ଭ ହୋଇସାରିଛି । ଓଡ଼ିଶାର ବୈଦେଶିକ ଶିଳ୍ପ ଭାଗିଦାରୀକୁ ନେଇ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି । ଜାପାନର ଔରର ଷ୍ଟିଲ୍ ସହଯୋଗରେ ଝାରସୁଗୁଡ଼ାରେ ଚାଲିଥିବା ୩୦ ହଜାର କୋଟି ଟଙ୍କାର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ସେ କହିଥିଲେ, ଜାପାନ ସହ ଆଲୋଚନା ଅନୁଯାୟୀ ଖୁବ୍ ଶୀଘ୍ର ଓଡ଼ିଶା ଏବଂ ଜାପାନର 'ତୋଓ୍ୱରି' ରାଜ୍ୟ ମଧ୍ୟରେ 'ସିଷ୍ଟର ଷ୍ଟେଟ' ବା ଭଗିନୀ ରାଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ । ଏହାଦ୍ୱାରା ଓଡ଼ିଶାର ଶିଳ୍ପ, ପର୍ଯ୍ୟଟନ ଏବଂ ଶିକ୍ଷା କ୍ଷେତ୍ରରେ ଜାପାନ ବ୍ୟାପକ ପୁଞ୍ଜି ନିବେଶ କରିବ । କେବଳ ପାରାଦୀପ କିମ୍ବା ଝାରସୁଗୁଡ଼ା ନୁହେଁ, ବରଂ ଢେଙ୍କାନାଳ ଓ କେନ୍ଦୁଝରରେ ମଧ୍ୟ ଖୁବ୍ ଶୀଘ୍ର ନୂତନ ଷ୍ଟିଲ୍ ପ୍ଲାଣ୍ଟମାନ ଗଢ଼ିଉଠିବ ବୋଲି ଶ୍ରୀ ମାଝୀ ସୂଚନା ଦେଇଥିଲେ । ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତି ତାଙ୍କ ସରକାରଙ୍କ ସବୁଠୁ ବଡ଼ ଫୋକସ୍ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିଥିଲେ । ଏହି ସମୟ ମଧ୍ୟରେ ସରକାର ୪୩୩ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବର୍ତ୍ତମାନ ସୁଦ୍ଧା ୧୪୮ଟି ପ୍ରକଳ୍ପର ଭୂମିପୂଜା ସରିଛି, ଯାହା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୩୭ ହଜାର ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି । ଦେଶର ବିଭିନ୍ନ ପ୍ରମୁଖ ସହର ଯଥା ହାଇଦ୍ରାବାଦ, କୋଲକାତା ଓ ଗୁଜରାଟ ଗସ୍ତ କରି ସେ ପ୍ରାୟ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆଣିବାରେ ସଫଳ ହୋଇଥିବା ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଥିବା ସ୍ନେହ ଏବଂ ତାଙ୍କର 'ଯହି ସମୟ ହେ, ସହି ସମୟ ହେ' ଆହ୍ୱାନ ଯୋଗୁଁ ନିବେଶକମାନେ ଏବେ ଓଡ଼ିଶା ମୁହାଁ ହେଉଛନ୍ତି ବୋଲି ସେ କହିଥିଲେ । ପାରାଦୀପର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଗୁଜରାଟର ମୁନ୍ଦ୍ରା ବନ୍ଦର ଶୈଳୀରେ 'ଟୁ କୋଷ୍ଟ ଷ୍ଟ୍ରାଟେଜି' ବା ଦୁଇ ଉପକୂଳ ବିକାଶ ରଣନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' କଳ୍ପନାରେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରିବେ, ଯେଉଁଥିରେ ପାରାଦୀପ ସବୁଠାରୁ ଶୀର୍ଷରେ ରହିବ । ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ରିଫାଇନାରୀ ଏବଂ ପେଟ୍ରୋ କେମିକାଲ୍ସ କମ୍ପ୍ଲେକ୍ସ ପରେ ଏବେ ଏକ କ୍ରୁଜ୍ ଟର୍ମିନାଲ୍ ଏବଂ ମେଗା ଜାହାଜ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ଏହା ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଥିବା ୫ ହଜାର କୋଟି ଟଙ୍କା ଅନୁଦାନରେ ପାରାଦୀପ-କଟକ-ଭୁବନେଶ୍ୱର-ପୁରୀ ଅର୍ଥନୈତିକ କରିଡର ନିର୍ମାଣ ହେବ, ଯେଉଁଥିରେ ପାରାଦୀପ 'ମୁଖଶାଳା' ସାଜିବ । ଆଗାମୀ କିଛି ବର୍ଷ ମଧ୍ୟରେ କେବଳ ପାରାଦୀପ ଅଞ୍ଚଳରେ ୧ ଲକ୍ଷରୁ ଅଧିକ ନୂତନ ନିଯୁକ୍ତି ସୃଷ୍ଟି ହେବ । ପରିଶେଷରେ, 'ବାଣିଜ୍ୟେ ବସତେ ଲକ୍ଷ୍ମୀ' ନୀତିକୁ ଆଧାର କରି ୨୦୩୬ ସୁଦ୍ଧା ଓଡ଼ିଶା ଗଠନର ଶତାବ୍ଦୀ ପୂର୍ତ୍ତି ଅବସରରେ ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ଓ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଉକ୍ତ କାର୍ଯ୍ୟାରମ୍ଭ ଉତ୍ସବରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ଏବଂ ସମଗ୍ର ଜଗତସିଂହପୁର ଜିଲ୍ଲାର ଔଦ୍ୟୋଗିକ ବିକାଶ ପାଇଁ ଏହାକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ଅଭିହିତ କରିଛନ୍ତି । ନିଜ ଅଭିଭାଷଣରେ ସେ କହିଛନ୍ତି ଯେ, ସ୍ଥାନୀୟ ଜନସାଧାରଣ ଯେଉଁ ସ୍ୱପ୍ନ ଦୀର୍ଘ ଦୁଇ ଦଶନ୍ଧି ଧରି ଦେଖିଥିଲେ, ତାହା ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଦ୍ରୁତ ଏବଂ ସ୍ପଷ୍ଟ ନୀତି ଯୋଗୁଁ ବାସ୍ତବ ରୂପ ନେବାକୁ ଯାଉଛି । ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଶେଷ କରି ସ୍ଥାନୀୟ ଯୁବକଯୁବତୀଙ୍କ ନିଯୁକ୍ତି ଏବଂ କ୍ରାନ୍ତିକାରୀ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି । ରାଜ୍ୟରେ ଶିଳ୍ପାୟନର ବାତାବରଣକୁ ଅଧିକ ସୁଦୃଢ଼ କରିବା ସହ ନିବେଶକମାନଙ୍କୁ ସମସ୍ତ ପ୍ରକାର ଆନୁଷଙ୍ଗିକ ସହାୟତା ଏବଂ ସୁରକ୍ଷା ଯୋଗାଇ ଦେବା ପାଇଁ ଶିଳ୍ପ ବିଭାଗ ଦିନରାତି କାର୍ଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି । ଜେଏସଡବ୍ଲୁ ଷ୍ଟିଲ୍ ପକ୍ଷରୁ କରାଯାଉଥିବା ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ଏହି ବିଶାଳ ପୁଞ୍ଜି ନିବେଶ ଓଡ଼ିଶାର ଅର୍ଥନୀତିକୁ ଏକ ନୂତନ ଗତି ପ୍ରଦାନ କରିବ ବୋଲି ମନ୍ତ୍ରୀ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି । ଏହି ସମାରୋହରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏବଂ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହା ସହିତ ରାଜ୍ୟ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଜେଏସଡବ୍ଲୁର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ଜେଏସଡବ୍ଲୁର ସିଇଓ ଜୟନ୍ତ ଆଚାର୍ଯ୍ୟ ଏବଂ ଜେଏସଡବ୍ଲୁର ସଭାପତି ଅନୀଲ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ପାଣ୍ଡିଆନଙ୍କୁ ଦେଇ ଦାୟିତ୍ୱ ବିଜେଡି ହରାଉଛି ଅସ୍ତିତ୍ୱ

ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : 'ମୋ ମନରେ ଯେଉଁ କଥା ଉଠିଛି, ବିଜୁ ଜନତା ଦଳର ବହୁତ ନେତାଙ୍କ ମନରେ ମଧ୍ୟ ସେହି କଥା ରହିଛି। ବିଜୁ ଜନତା ଦଳର କେହି ବାପାମା' ନାହାନ୍ତି। ଦଳର କୌଣସି ନେତାଙ୍କର କିଛି ଅଭିଯୋଗ ଥିଲେ ବି କାହାକୁ ଜଣାଇବେ ?' ବିଜୁ ଜନତା ଦଳ ଛାଡ଼ି ତଥା ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇ ବିଜେପିରେ ମିଶିଛନ୍ତି। ସୋମବାର ଦଳ ଓ ରାଜ୍ୟସଭାରୁ ଇସ୍ତଫା ଦେବା ପରେ ମଙ୍ଗଳବାର ନୂଆଦିଲ୍ଲୀରେ ବିଜେପିରେ ସାମିଲ ହୋଇଥିଲେ ଦେବାଶିଷ। ସେଠାରୁ ଫେରିବା ପରେ ଗୁରୁବାର କଟକରେ ଏକ ସାମ୍ବାଦିକ ସମ୍ମିଳନୀ କରି ଦଳ ଛାଡ଼ିବାର କାରଣ କହିବା ଅବସରରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିବା ସହିତ ପାଣ୍ଡିଆନଙ୍କ ଉପରେ ବର୍ଷିଥିଲେ। ପୂର୍ବତନ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି, ବିଜୁ ଜନତା ଦଳରେ ମୁଁ ଅଣନିଃଶ୍ୱାସୀ ହୋଇଯାଇଥିଲି। ନବୀନ ପଟ୍ଟନାୟକ ମୋର ଗୁରୁ। ମୁଁ ତାଙ୍କୁ ବହୁତ ଭଲ ପାଏ। କିନ୍ତୁ ତାଙ୍କ ସହିତ ମୋତେ ଭେଟ କରାଇ ଦିଆଗଲା ନାହିଁ। ଷଡ଼ଯନ୍ତ୍ରଟା କ'ଣ ହେଲା, ମୁଁ ବୁଝିପାରିଲିନି। ଯେତେବେଳେ ୱାକଫ ବିଲ୍ ସଂସଦକୁ ଆସିଥିଲା, ବିଜେଡି ସଂସଦୀୟ ଦଳ ବୈଠକରେ ନିଜେ ନବୀନ ପଟ୍ଟନାୟକ ଦୁଇ ଥର ଆମକୁ କହିଥିଲେ ଏହାକୁ ବିରୋଧ କରିବାକୁ। ସେଇ ଦିଗରେ ଆମେ ଗଲୁ। ସେତେବେଳେ ଆମେ ବିରୋଧୀ ଭୂମିକାରେ ଥିଲୁ। ବିରୋଧୀଙ୍କ ସହ ମିଶି ଆମେ ଏହି ବିଲ୍‌କୁ ବିରୋଧ କରିବାକୁ ଆମେ ଏକାଠି ହେଲୁ। ବିଜେଡି ତରଫରୁ ମୁନା ଖାନ ଏହି ବିରୋଧରେ ଗୃହରେ ତାଙ୍କ ଅଭିଭାଷଣ ରଖିଥିଲେ। କିନ୍ତୁ ଘଣ୍ଟାଏ ଭିତରେ କ'ଣ ପରିବର୍ତ୍ତନ ହେଲା ଯେ ସସ୍ମିତ ବାବୁ (ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର) ଗୋଟିଏ ଟ୍ୱିଟ୍ କଲେ ଯେ ବିଜୁ ଜନତା ଦଳର ନିର୍ଦ୍ଦେଶ ଏହା ଯେ ସମସ୍ତେ ବିବେକ ଅନୁସାରେ ଭୋଟ୍ ଦେବେ। ତା'ପରେ ମୁଁ ପାଣ୍ଡିଆନଙ୍କ ଉପରେ ରାଗି ନିଆଁ ହୋଇଯାଇଥିଲି। ସେତେବେଳେ ମୁଁ ନବୀନ ବାବୁଙ୍କୁ ବୁଝାଇବା ପାଇଁ ଚାହିଁଥିଲି ଯେ ଏ ଲୋକଟାକୁ ଛାଡ଼ନ୍ତୁ। ସେ ସନ୍ୟାସ ନେଇଛନ୍ତି। ସେ ଆଉ ନ ଫେରନ୍ତୁ। ଫେରିଲେ ବିଜୁ ଜନତା ଦଳ ପାଇଁ କାଳ ହୋଇଯିବ। ପରବର୍ତ୍ତୀ ସମୟରେ ସେହି ଲୋକ (ପାଣ୍ଡିଆନ) ଫେରିଲେ ଓ ଦଳର ପରିଚାଳନା କଲେ। ନବୀନ ପଟ୍ଟନାୟକ ସଂସଦୀୟ ଦଳ ବୈଠକ ବନ୍ଦ କରିଦେଲେ। ନବୀନ ନିବାସକୁ ମୋତେ ଛାଡ଼ିଲେନି। ନବୀନ ନିବାସଟା ହେଉଛି ନବୀନ ବାବୁଙ୍କ ଘର। ସେ ଘର ଉପରେ କିଏ କବ୍‌ଜା କରିଛି ଯେ ଦେବାଶିଷ ସାମନ୍ତରାୟକୁ ଏଣ୍ଟ୍ରୀ ନାହିଁ ? ବହୁତ କଷ୍ଟ ହେଲା। ସେ କହିଛନ୍ତି, ନିର୍ବାଚନ ବେଳେ ନବୀନ ବାବୁ କହିଥିଲେ ଯେ ପାଣ୍ଡିଆନ ତାଙ୍କର ଉତ୍ତରାଧିକାରୀ ନୁହନ୍ତି। ଆମେ ବିଶ୍ୱାସ କଲୁ। ସେହି ବିଶ୍ୱାସରେ ସମସ୍ତେ ଚାଲିଲେ। ପରେ ଗୋଟିଏ ଟ୍ରଷ୍ଟ (ଈସହଙ୍କ ଘବଙ୍ଗରରଭ ଓଭ-ଗ୍ବକ୍ସସକ୍ସବସ୍ସକ୍ଭବକ୍ଷ ଝଙ୍କଙ୍କଗ୍ବଗ୍ବ) ଗଠନ କରାଗଲା। ସେହି ଟ୍ରଷ୍ଟରେ ଶହ ଶହ କୋଟି ଟଙ୍କା ରଖାଗଲା। ନବୀନ ବାବୁଙ୍କ ଦିଲ୍ଲୀ ନିବାସ, ଯାହା ବିଜୁ ବାବୁ ଘର ଥିଲା, ତାହା ଟ୍ରଷ୍ଟକୁ ପଳାଇଲା। ତାହା ଟ୍ରଷ୍ଟର ଅଫିସ ହୋଇଛି। ଭୈରବ ପାଣ୍ଡିଆନ ଏହାର ସଭାପତି ରହିଲେ। ତାଙ୍କ ସହିତ ରହିଲେ ସନ୍ତୃପ୍ତ ମିଶ୍ର ଓ ଅଶୋକ ପରିଡ଼ା। ସେମାନେ କେଉଁ ଦିନ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ? ସେମାନେ ବିଜୁ ବାବୁଙ୍କୁ ଜାଣିଛନ୍ତି ? ନା ବିଜୁ ବାବୁଙ୍କ ପାଇଁ କେବେ ଲଢ଼େଇ କରିଛନ୍ତି ? ଏହି ଘଟଣା ପରେ ମୋର ଅନୁଭବ ହେଲା ଯେ ଯଦି ବିଜୁ ବାବୁଙ୍କ ସ୍ମୃତିକୁ ତିନି ଜଣ ବ୍ୟକ୍ତିଙ୍କୁ ଟେକି ଦିଆଗଲା, ତା'ହେଲେ ଆଉ କ'ଣ ମୂଲ୍ୟ ରହିଲା ? ଏ ଦଳ ତ ବିଜୁ ବାବୁଙ୍କୁ ସମ୍ମାନ ଦେଇ ପାରିଲାନି, ତେଣୁ କାହିଁକି ଏଥିରେ ରହିବି ? ଦେବାଶିଷ କହିଛନ୍ତି, ଭୈରବ ପାଣ୍ଡିଆନ ନବୀନ ନିବାସ ସହିତ ଦଳଟାକୁ ବି ନିଜ କବଜାକୁ ନେଇ ଗଲେଣି। ଟ୍ରଷ୍ଟର ସଭାପତି ହେବା ପରେ ସେ ଦଳର ଉତ୍ତରାଧିକାରୀ ହୋଇଯାଇଛନ୍ତି। ତା'ହେଲେ ନବୀନ ବାବୁ ମିଛ କହିଥିଲେ। ନବୀନ ବାବୁ କହିଥିଲେ ଯେ ପାଣ୍ଡିଆନ ତାଙ୍କ ଉତ୍ତରାଧିକାରୀ ନୁହନ୍ତି। ଉତ୍ତରାଧିକାରୀ ବୋଲି କ'ଣ ସବୁ କିଛି ଦେଇ ଦେବ ? ବିଜୁ ବାବୁଙ୍କ ସ୍ମୃତିଟା ହେଉଛି ଓଡ଼ିଶାର ସମ୍ପତ୍ତି। ଓଡ଼ିଶାର ସମ୍ପତ୍ତିକୁ ଯଦି ବାହାର ରାଜ୍ୟର ଜଣେ ବ୍ୟକ୍ତିକୁ ଦେଇ ଦେବେ, ଆଉ କ'ଣ ବିଶ୍ୱାସ ରହିବ ? ମୁଁ କ'ଣ ପାଣ୍ଡିଆନ ଅଧୀନରେ ରହି କାମ କରିବି ? ସେ ଆହୁରି କହିଛନ୍ତି, ମୋ ମନରେ ଯେଉଁ କଥା ଉଠିଛି, ବିଜୁ ଜନତା ଦଳର ବହୁତ ନେତାଙ୍କ ମନରେ ମଧ୍ୟ ସେହି କଥା ରହିଛି।



# ବିଜେପି ପ୍ରଶିକ୍ଷଣ ଶିବିରରେ ବିଭ୍ରାଟ ଉଠି ଚାଲିଗଲେ ପୂର୍ବତନ ଜିଲା ସଭାପତି

ବାମରା, ୩୦/୦୫ (ଜେଏନ୍ଏସ୍) : ଜିଲା ବିଜେପିର ଦୁଇଦିବସୀୟ ପ୍ରଶିକ୍ଷଣ ଶିବିର ସ୍ଥାନୀୟ କେସେଇବାହାଲ ସ୍ଥିତ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ପରିସରରେ ମଙ୍ଗଳବାର ଆରମ୍ଭ ହୋଇଛି । ତେବେ ପ୍ରଥମଦିନରୁ ହିଁ ବିବାଦ ଦେଖାଦେଇଛି । ସେଠାରେ ଦଳର ପୂର୍ବତନ ଜିଲା ସଭାପତି ଗିରିଶ ପଟେଲଙ୍କୁ ଅସମ୍ମାନ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଶ୍ରୀ ପଟେଲ ଶିବିରରୁ ଉଠି ଚାଲି ଯାଇଥିଲେ । ଏହାକୁ ନେଇ ଦଳୀୟ ମହଲରେ ଚର୍ଚ୍ଚା ତୀବ୍ର ହୋଇଛି। ମଙ୍ଗଳବାର ସମ୍ବଲପୁର ବିଜେପି ଜିଲା ସଭାପତି ରାମଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଶିକ୍ଷଣ ଶିବିରକୁ ଡ଼ଃ ଯତୀନ ମହାନ୍ତି ଉଦ୍‌ଘାଟନ କରିଥିଲେ । ମଞ୍ଚରେ ସୀମାଞ୍ଚଳ ଖଟେଇ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁଶିଲ କୁମାର କର, ସମୀର ରଞ୍ଜନ ବାବୁ, ନାଉରୀ ନାଏକ, ସବିତା ନନ୍ଦ, ଗିରିଶ ପଟେଲ ଓ ବୃନ୍ଦାବନ ମାଝୀ ଉପସ୍ଥିତ ଥିଲେ। ସଂଗଠନକୁ ଆହୁରି ମଜବୁତ କରିବା ଓ ସରକାରଙ୍କ ଯୋଜନାକୁ ତୃଣମୂଳସ୍ତରକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜନ କରାଯାଇଥିବା କୁହାଯାଇଥିଲା। ତେବେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ପୂର୍ବତନ ଜିଲା ସଭାପତି ଗିରିଶ ପଟେଲ ହଠାତ୍ ବୈଠକ ଛାଡ଼ି ଚାଲି ଯାଇଥିଲେ । ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏନେଇ ତାଙ୍କୁ ପଚାରିବାରୁ ସେ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଥିଲେ, ପ୍ରଶିକ୍ଷଣ ଶିବିରରେ ଯେଉଁମାନେ ପ୍ରକୃତ ପ୍ରଶିକ୍ଷାର୍ଥୀ ହେବା କଥା ସେମାନଙ୍କ ଠାରୁ ଅଣଅପେକ୍ଷିତ କାର୍ଯ୍ୟକର୍ତ୍ତାଙ୍କ ସଂଖ୍ୟା ଅଧିକ ଥିଲା। ଦଳର ଅନେକ ପୁରୁଣା ଓ ସକ୍ରିୟ କର୍ମୀଙ୍କୁ ଶିବିରକୁ ଡକାଯାଇ ନାହିଁ ବୋଲି ସେ କହିଥିଲେ। ମଞ୍ଚାସୀନ ଜଣେ ରାଜ୍ୟ ପଦାଧିକାରୀ ତାଙ୍କୁ ସଭାରୁ ଚାଲିଯିବା ପାଇଁ କହିଥିବା ଗିରିଶ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ସଂଗଠନ ପାଇଁ କାମ କରିଥିବା ଏବଂ ଜିଲା ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିବା ଜଣେ ବରିଷ୍ଠ ନେତାଙ୍କୁ ଏଭଳି ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ବହୁ କର୍ମୀ ଏହାକୁ ବରିଷ୍ଠ ନେତୃତ୍ୱ ପ୍ରତି ଅସମ୍ମାନ ବୋଲି ମତପ୍ରକାଶ କରିଛନ୍ତି । ପୁଣି କେତେକ ଏହାକୁ ଦଳ ଭିତରେ ବଢ଼ୁଥିବା ଗୋଷ୍ଠୀକଳହ ବୋଲି କହୁଛନ୍ତି । ସଂଗଠନକୁ ମଜବୁତ କରିବା ପାଇଁ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଯଦି ବରିଷ୍ଠ ନେତାମାନେ ନିଜକୁ ଅବହେଳିତ ଓ ଅସମ୍ମାନିତ ମନେ କରନ୍ତି, ତେବେ ଏହାର କୁପ୍ରଭାବ ତୃଣମୂଳସ୍ତର କର୍ମୀଙ୍କ ଉପରେ ନିଶ୍ଚିତ ପଡ଼ିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ଘଟଣା ସମ୍ପର୍କରେ ଜିଲା ବିଜେପି ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ଏ ସମ୍ପର୍କରେ ଗିରିଶ ପଟେଲଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିବା ସହ ସାମାନ୍ୟ ଭୁଲ ବୁଝାମଣା ହୋଇଥିଲା । ଦଳ ଭିତର କଥା, କହିହେବ ନାହିଁ । କେତେକ ଲୋକ ଦଳକୁ ସର୍କସ ଭଳି ଚଳାଇବାକୁ ଚାହୁଁଛନ୍ତି । ୪୦ ବର୍ଷର କର୍ମୀ ଭାବେ ମୁଁ ଦଳର ଖରାପ ଦେଖିପାରିବି ନାହିଁ। ଆମ ଦଳ ଏକ ବଡ ପରିବାର ସଦୃଶ।। ଏଭଳି ଘଟଣା ହୁଏ। ତେବେ ମୋର ଯାହା ଅଭିଯୋଗ ଥିଲା, ଉଚିତ ଫୋରମ୍‌ରେ ଜଣାଇ ଦେଇଛି । ମନୋମାଳିନ୍ୟ ଥିଲା, ତାହା ଦୂର ହୋଇଯାଇଛି ବୋଲି ଗିରିଶ କହିଥିଲେ।

# ତାଳଚୁଆ ସାମୁଦ୍ରିକ ଥାନାରେ ଥାର୍ଡ ଡିଗ୍ରୀ ନିଲମ୍ବିତ ହେଲେ ଆଇଆଇସି ସନ୍ଧ୍ୟାରାଣୀ




ଭୁବନେଶ୍ୱର/ରାଜନଗର, ୩୦/୦୫ (ଜେଏନ୍ଏସ୍) : ବାରଙ୍ଗ ଥାନାରେ ଜଣେ ଯୁବକଙ୍କୁ ପତ୍ନୀ ହତ୍ୟା ସନ୍ଦେହରେ ପୋଲିସ ଉଠାଇ ଆଣି ଥାର୍ଡ ଡିଗ୍ରୀ ଦେଇ ଗୁରୁତର କରି ଆଇସିୟୁ'ରେ ପକାଇବା ଘଟଣାକୁ ୨୪ ଘଣ୍ଟା ନପୁରୁଣୁ କେନ୍ଦ୍ରାପଡ଼ା ଜିଲାରେ ଏକ ଥାର୍ଡ ଡିଗ୍ରୀ ଘଟଣା ପଦାକୁ ଆସିଛି। ଜିଲାର ତାଳଚୁଆ ସାମୁଦ୍ରିକ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ଜଣେ ମହିଳା ଓ ତାଙ୍କ ପୁଅଙ୍କୁ ଥାନାରେ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି । ପୋଲିସ ମାଡ଼େର ଆହତ ମା'ପୁଅ ମଙ୍ଗଳବାର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାପରେ ଥାର୍ଡ ଡିଗ୍ରୀ ସମ୍ପର୍କରେ ଏସ୍‌ଡିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ବାଘମାରୀ ପଞ୍ଚାୟତ ଗିରିଆପାହୀ ଗାଁର ପବନ କୁମାର ମଣ୍ଡଳଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ମଣ୍ଡଳ(୫୮) ସୋମବାର ସାରେ ପାରିବାରିକ କଳହକୁ ନେଇ ପୁଅ ଅନନ୍ତ କୁମାର ମଣ୍ଡଳ(୪୦)ଙ୍କ ସହ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ଆଇଆଇସି ସାରାଣୀ ଜେନା ଏତଲା ନ ରଖି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ଚାପୁଡା ମାରିଥିଲେ। ପ୍ରତିବାଦ କରିବାରୁ ମା'ଙ୍କ ସାମ୍ନାରେ ପୁଅ ଅନନ୍ତଙ୍କୁ ଥାନାର ପାଇଖାନା ଭିତରେ ପୂରାଇ ଆଇଆଇସି ଓ ଅନ୍ୟ ଜଣେ କନେଷ୍ଟବଳ ବାଡ଼ିରେ ପିଟିଥିଲେ। ମାଡ଼ ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବା ଓ ମିଛ କେସ୍‌ରେ ଫସାଇ ଜେଲ ପଠାଇଦେବାକୁ ଆଇଆଇସି ଜେନା ଧମକ ଦେଇଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ସା ୬ଟାରୁ ରାତି ୧୧ଟା ୪୦ଯାଏ ଥାନାରେ ରଖି ନିର୍ଯାତନା ଦେବା ପରେ ସେମାନଙ୍କୁ ଛାଡ଼ିଥିଲେ ବୋଲି ଅନ୍ନପୂର୍ଣ୍ଣା କହିଛନ୍ତି। ପୋଲିସର ଥାର୍ଡ ଡିଗ୍ରୀ ଭିଡିଓ ଥାନାର ସିସି ଟିଭିରେ ରହିଛି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଏସ୍‌ଡିପିଓ ସୁକାନ୍ତ କୁମାର ପାତ୍ରଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି ଏବଂ ଘଟଣା ସମ୍ପର୍କରେ ଏସ୍‌ପିଙ୍କୁ ଜଣାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଥାନା ଅଧିକାରୀ ସନ୍ଧ୍ୟାରାଣୀ ଜେନା କହିଛନ୍ତି, ଏଭଳି ଅଭିଯୋଗର କୌଣସି ସତ୍ୟାସତ୍ୟ ନାହିଁ। ଥାନାରେ ଥାର୍ଡ ଡିଗ୍ରୀ ଦେବା ଯୁଗ ପଳାଇ ଗଲାଣି। ଥାନା ସାରା ସିସିଟିଭି ଲାଗିଛି। ଏଭଳି ଅଭିଯୋଗ ପଛରେ କିଛି ଷଡ଼ଯନ୍ତ୍ର ଥାଇପାରେ ବୋଲି ସେ କହିଛନ୍ତି।

# ବିଜେପିରେ ମିଶିଲେ ଦେବାଶିଷ ସାମନ୍ତରାୟ

ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ଗତକାଲି ବିଜେଡିରୁ ଇସ୍ତଫା ଦେଇଥିବା ପୂର୍ବତନ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଆଜି ବିଜେପିରେ ଯୋଗ ଦେଇଛନ୍ତି। ସେ ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ଦଳରେ ସାମିଲ ହୋଇଛନ୍ତି। ଗତକାଲି ବିଜେଡିରୁ ଇସ୍ତଫା ଦେଇଥିବା ପୂର୍ବତନ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଆଜି ବିଜେପିରେ ଯୋଗ ଦେଇଛନ୍ତି। ସେ ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ଦଳରେ ସାମିଲ ହୋଇଛନ୍ତି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି। ବିଜେପିରେ ମିଶିବା ପରେ ଦେବାଶିଷ ସାମନ୍ତରାୟ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେପିରେ ମିଶିଲି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଭିଜନରେ ଓଡ଼ିଶାର ବିକଶ ହେଉଛି। ଗୁଣ୍ଡୁଚି ମୂଷା ଭଳି ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ସୁଯୋଗ ଦେଇଥିବାରୁ ଧନ୍ୟବାଦ। ଓଡ଼ିଶାରେ ବିଜେପି ପାଇଁ ବହୁତ କାମ କରିବି ଓ ଦଳକୁ ଆହୁରି ସୁଦୃଢ଼ କରିବି। ଗତକାଲି ବିଜେଡିରୁ ଇସ୍ତଫା ଦେବା ସହିତ ସେ ରାଜ୍ୟସଭା ସାଂସଦ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ନବୀନଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ଦେବାଶିଷ ଉଲ୍ଲେଖ କରିଥିଲେ ଯେ ସେ ସର୍ବଦା ନିଜକୁ ଦଳର ସ୍ୱାର୍ଥ ପାଇଁ ଉତ୍ସର୍ଗ କରିଆସିଛନ୍ତି ଓ ବହୁ ବର୍ଷ ଧରି ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଏବଂ ନିଷ୍ଠାର ସହ ଦଳ ପାଇଁ କାର୍ଯ୍ୟ କରିଛନ୍ତି। ତାଙ୍କୁ ରାଜ୍ୟସଭାକୁ ମନୋନୀତ କରିଥିବାରୁ ସେ ନବୀନଙ୍କ ନିକଟରେ ଚିରଋଣୀ ରହିବେ। ମାତ୍ର ବର୍ତ୍ତମାନ ପରିସ୍ଥିତିକୁ ନେଇ ସେ ନିଜର କ୍ଷୋଭ ବ୍ୟକ୍ତ କରି କହିଥିଲେ ଯେ ବିଗତ କିଛି ଦିନ ହେବ ଦଳ ମଧ୍ୟରେ ତାଙ୍କୁ ଯୋଜନାବଦ୍ଧ ଭାବେ ନ୍ୟୁନ କରାଯାଇଛି, ଅପମାନିତ ଓ କୋଣଠେସା କରାଯାଇଛି। ଦଳରେ ତାଙ୍କ ସେବାର ଆଉ କୌଣସି ଆବଶ୍ୟକତା ନାହିଁ ବୋଲି ସେ ଅନୁଭବ କରୁଛନ୍ତି। ଏହି କାର୍ଯ୍ୟଶୈଳୀ ଯୋଗୁଁ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସେ ଏହି କଠୋର ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି ବୋଲି ଦେବାଶିଷ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଥିଲେ। ଦେବାଶିଷ ୨୦୨୪ ଏପ୍ରିଲରେ ବିଜେଡିରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଓ ତାଙ୍କର କାର୍ଯ୍ୟକାଳ ୨୦୩୦ ଏପ୍ରିଲରେ ଶେଷ ହେବ। ୨୦୦୦ ମସିହାରେ ବିଜେଡି ଟିକେଟରେ ସେ ତିର୍ତ୍ତୋଲରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ପରେ ୨୦୦୯ ଓ ୨୦୧୪ରେ ସେ ବିଜେଡି ଟିକେଟରେ ବାରବାଟୀ-କଟକ ଆସନରୁ ବିଧାନସଭାକୁ ଯାଇଥିଲେ। ୨୦୧୯ରେ ସେ ଏହି ଆସନରେ ମହମ୍ମଦ ମୋକିମଙ୍କଠାରୁ ପରାସ୍ତ ହୋଇଯାଇଥିଲେ।

# ଆପ୍‌ରେ ମିଶିଲେ ଜିତୁ ମୁଣ୍ଡା ନିର୍ବାଚନକୁ ଓହ୍ଲାଇବା ନେଇ ଖୁବଶୀଘ୍ର ଘୋଷଣା !

ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ଚର୍ଚ୍ଚାରେ ପୁଣି ଜିତୁ ମୁଣ୍ଡା । ଭଉଣୀଙ୍କ ଗଳିତ ମୃତଦେହ ନେଇ ବ୍ୟାଙ୍କ ନେବା ଘଟଣାଠୁ ଚର୍ଚ୍ଚାରେ ଥିବା ଥିବା ଜିତୁ ମୁଣ୍ଡା ଏବେ ଆଉ ଏକ ଘଟଣାକୁ ନେଇ ଲୋକଲୋଚନକୁ ଆସିଛନ୍ତି । ଜିତୁ ମୁଣ୍ଡା ଆଗାମୀ ନିର୍ବାଚନରେ ଲଢିପାରନ୍ତି । ଏକ ନିର୍ଦ୍ଦିଷ୍ଟ ଦଳ ପକ୍ଷରୁ ଜିତୁ ମୁଣ୍ଡାଙ୍କୁ ନିର୍ବାଚନରେ ଟିକେଟ୍ ଦିଆଯିବା ନେଇ ଚର୍ଚ୍ଚା ହେଉଛି । କେନ୍ଦୁଝର ଜିଲ୍ଲା ଡିଆନାଳି ଗାଁରେ ବ୍ୟାଙ୍କରୁ ଟଙ୍କା ଆଣିବା ପାଇଁ ଭଉଣୀର ଗଳିତ ମୃତଦେହକୁ ବ୍ୟାଙ୍କକୁ ନେଇଯାଇଥିଲେ ଜିତୁ ମୁଣ୍ଡା। ଏହି ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ପରେ ସମୟକ୍ରମରେ ଜିତୁ ମୁଣ୍ଡାଙ୍କ ସ୍ଥିତିରେ ଆସିଲା ସୁଧାର । ଚାରିଆଡୁ ଛୁଟିଥିଲା ସହାୟତାରେ ହାତ । ଏପିରିକି ଦିନେ ୧୮ ହଜାର ଟଙ୍କା ପାଇଁ ଭଉଣୀର ଶବ ଖୋଳିଥିବା ଜିତୁ ମୁଣ୍ଡାଙ୍କ ଆକାଉଣ୍ଟରରେ ଲକ୍ଷାଧିକ ଟଙ୍କା ଜମା ରହିଛି । ଏପିରିକି ଜିତୁ ମୁଣ୍ଡା ବିଭିନ୍ନ ସୁବିଧା ଓ ସହଯୋଗ ନେଇ ସରକାର ଏବଂ ସ୍ଥାନୀୟ ପ୍ରଶାସନକୁ ଚେତାବନୀ ଦେଇଥିଲେ ।

ତେବେ ଏସବୁ ତ ପୁରୁଣା କଥା । ଏବେ ଜିତୁ ମୁଣ୍ଡାଙ୍କ ଲାଟେଷ୍ଟ ଖବର ହେଉଛି କି, ସେ ଆଗାମୀ ଦିନରେ ନିର୍ବାଚନ ଲଢିପାରନ୍ତି । ଭାରତୀୟ ରାଜନୀତିରେ ଜାତୀୟ ପାର୍ଟି ଆମ୍ ଆଦମୀ ପାର୍ଟି ସୋମବାର ଦିନ ଜିତୁ ମୁଣ୍ଡାଙ୍କ ଘରେ ପହଞ୍ଚିଥିଲା । ବରିଷ୍ଠ ଆପ୍ ନେତା ନିଶିକାନ୍ତ ମହାପାତ୍ର କିଛି କର୍ମୀଙ୍କ ସହିତ ଜିତୁ ମୁଣ୍ଡାଙ୍କ ଘରେ ପହଞ୍ଚିଥିଲେ । ସେଠାରେ କିଛି ସମୟ ବିତାଇବା ପରେ ଜିତୁ ମୁଣ୍ଡାଙ୍କ ସହିତ ବଡ଼ ଘୋଷଣା କରିଥିଲେ । ତାଙ୍କ ଘୋଷଣା ମୁତାବିକ, ଜିତୁ ମୁଣ୍ଡା ଆମ୍ ଆଦମୀ ପାର୍ଟିରେ ଯୋଗ ଦେଇଛନ୍ତି। ଦଳୀୟ ଉତ୍ତରୀୟ ସହ ସେ ଆମ ପାର୍ଟିରେ ଯୋଗଦାନ କରିଛନ୍ତି । ସେ ନିଜ ଇଚ୍ଛା ଅନୁସାରେ ଆମ ପାର୍ଟିରେ ଯୋଗ ଦେଇଛନ୍ତି ।

# ବାରଙ୍ଗ ଥାନାରେ ଯୁବକଙ୍କୁ 'ଥାର୍ଡ ଡିଗ୍ରୀ'

ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ବାରଙ୍ଗ ଥାନାରେ ଜଣେ ଯୁବକଙ୍କୁ 'ଥାର୍ଡ ଡିଗ୍ରୀ' ଦିଆଯାଇଥିବା ଅଭିଯୋଗକୁ ନେଇ ବର୍ତ୍ତମାନ ବାରଙ୍ଗ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଚଣ୍ଡିପ୍ରସାଦ ଗାଁର ରାକେଶ ବେହେରା ନାମକ ଜଣେ ଯୁବକଙ୍କୁ ଏକ ନିଖୋଜ ମହିଳା ମାମଲାରେ ପଚରାଉଚରା ପାଇଁ ପୋଲିସ ଥାନାକୁ ଆଣିଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ପୋଲିସ ତାଙ୍କୁ ବେଆଇନ ଭାବେ ଅଟକ ରଖି ନିର୍ଘାତ ମାଡ଼ ମାରିଛି । ପୋଲିସ ମାଡ଼ରେ ରାକେଶ ଗୁରୁତର ହୋଇପଡ଼ିବା ପରେ ତାଙ୍କୁ ପ୍ରଥମେ କଟକ ଏସସିବି ଏବଂ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି । ଏହି ଘଟଣାକୁ ନେଇ ଚଣ୍ଡିପ୍ରସାଦ ଗ୍ରାମବାସୀ ବାରଙ୍ଗ ଥାନା ଘେରାଉ କରିବା ସହ କଟକ-ଭୁବନେଶ୍ୱର ରାସ୍ତାକୁ ପ୍ରାୟ ୮ ଘଣ୍ଟା ଧରି ଅବରୋଧ କରିଥିଲେ। ଘଟଣାସ୍ଥଳରେ ୧୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଡିଜିପି ଏବଂ କଟକ ଡିସିପି ଏହି ମାମଲାରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ଯଦି କୌଣସି ପୋଲିସ ଅଫିସର ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦୀର୍ଘ ସମୟ ପରେ ରାସ୍ତା ଅବରୋଧ ହଟିଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଜାରି ରହିଛି ।

# ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ସଘନ ସଂଶୋଧନ ସମୀକ୍ଷା ବୈଠକ




ବଲାଙ୍ଗିର, ୩୦/୦୫ (ଜେଏନ୍ଏସ୍) : ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଓଡ଼ିଶା-୨୦୨୬ ପ୍ରକ୍ରିୟାକୁ ସଫଳ ଓ ସ୍ୱଚ୍ଛ କରିବା ପାଇଁ ଆଜି ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଅଧ୍ୟକ୍ଷତା କରିଥିଲେ, ଯେଉଁଥିରେ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ହୋଇ ଏସଆଇଆର ପ୍ରକ୍ରିୟାକୁ ସୁଚାରୁ ଓ ସ୍ୱଚ୍ଛ ଭାବରେ କାର୍ଯ୍ୟକାରିତା କରିବା ପାଇଁ ଆଲୋଚନା କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାରେ ନିର୍ଭୁଲ ଓ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତିକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି ଜିଲ୍ଲାପାଳ । ୧୮ ବର୍ଷରୁ ଅଧିକ ବୟସର ଯୁବ ଭୋଟରମାନଙ୍କ ନାମ ଶତ ପ୍ରତିଶତ ପଞ୍ଜୀକୃତ କରିବାକୁ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଭୋଟର ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ ବାଦ କରିବା, ତଥା ତ୍ରୁଟିପୂର୍ଣ୍ଣ ନାମ ଓ ଠିକଣା ସଂଶୋଧନ ପାଇଁ ଆସୁଥିବା ଆବେଦନଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମାରେ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଭୋଟର ତାଲିକାର ସଠିକତା ଓ ପାରଦର୍ଶିତା ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଭୋଟଗ୍ରହଣ କେନ୍ଦ୍ର ପାଇଁ ରାଜନୈତିକ ଦଳମାନଙ୍କୁ ବୁଥ୍ ଲେଭେଲ ଏଜେଣ୍ଟ ନିଯୁକ୍ତ କରିବାକୁ କୁହାଯାଇଛି । ଏହି ଇଏଇ ମାନଙ୍କର ତାଲିକା ଦାଖଲ କରିବାକୁ ରାଜନୈତିକ ଦଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୁଥ୍ ଲେଭେଲ ଏଜେଣ୍ଟମାନେ ବୁଥ୍ ଲେଭେଲ ଅଫିସରମାନଙ୍କ ସହ ସମନ୍ୱୟ ରଖି ଖସଡା ଭୋଟର ତାଲିକାରେ ଆବଶ୍ୟକ ସଂଶୋଧନ, ନୂତନ ନାମ ସମ୍ମିଳନ ଓ ବିଲୋପ କାର୍ଯ୍ୟରେ ସହଯୋଗ କରିବେ। ସେହିପରି, ଇଆରଓମାନଙ୍କୁ ସ୍ୱେଚ୍ଛାସେବୀଙ୍କ ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଏଲଓ ଓ ସ୍ୱେଚ୍ଛାସେବୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ସ୍ୱତନ୍ତ୍ର ସଘନ ସଂଶୋଧନ ଓଡ଼ିଶା-୨୦୨୬ର ଯୋଗ୍ୟତା ତାରିଖ ୦୧ ଜୁଲାଇ ୨୦୨୬ ରହିଥିବାବେଳେ, ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ୨୦ ମେ'ରୁ ୨୯ ମେ ପର୍ଯ୍ୟନ୍ତ ସମ୍ପନ୍ନ ହେବ । ୩୦ ମେରୁ ୨୮ ଜୁନ ପର୍ଯ୍ୟନ୍ତ ବିଏଲଓମାନେ ଘରେ ଘରେ ଯାଇ ପରିଗଣନା ଫର୍ମ ପୂରଣ ଓ ଯାଞ୍ଚ କାର୍ଯ୍ୟ କରିବେ । ମତଦାନ କେନ୍ଦ୍ରଗୁଡିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ ୨୮ ଜୁନ ସୁଦ୍ଧା ସମ୍ପନ୍ନ ହେବ । ଖସଡ଼ା ଭୋଟର ତାଲିକା ୦୫ ଜୁଲାଇରେ ପ୍ରକାଶିତ ହେବା ସହ, ଦାବି ଓ ଆପତ୍ତି ଦାଖଲ ସମୟ ୦୫ ଜୁଲାଇରୁ ୦୪ ଅଗଷ୍ଟ ପର୍ଯ୍ୟନ୍ତ ରହିବ । ନୋଟିସ ଜାରି କରିବା ଓ ଦାବି-ଆପତ୍ତିର ନିଷ୍ପତ୍ତି ୦୫ ଜୁଲାଇରୁ ୦୨ ସେପ୍ଟେମ୍ବର ପର୍ଯ୍ୟନ୍ତ କରାଯିବ । ଚୂଡ଼ାନ୍ତ ଭୋଟର ତାଲିକା ୦୬ ସେପ୍ଟେମ୍ବର ୨୦୨୬ରେ ପ୍ରକାଶିତ ହେବ । ବୈଠକ ଶେଷରେ ଡେପୁଟି କଲେକ୍ଟର (ନିର୍ବାଚନ) ସୂର୍ଯ୍ୟକାନ୍ତ ପରିଡା ଧନ୍ୟବାଦ ଜଣାଇଥିଲେ । ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଅଧିକାରୀବୃନ୍ଦ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

# ୧୦ ଦିନରେ ବ୍ରହ୍ମପୁର ପୋଲିସର ୫ ଏନକାଉଣ୍ଟର

ବ୍ରହ୍ମପୁର, ୩୦/୦୫ (ଜେଏନ୍ଏସ୍) : ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ୫ ପ୍ଲାଟୁନ ପୋଲିସ ଫୋର୍ସକୁ ବ୍ରହ୍ମପୁରରେ ମୁତୟନ କରାଯାଇଛି। ଏବେ ଫୁଟ୍ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯାଉଛି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦୋକାନ ବଜାର ନ ଖୋଲିବାକୁ କୁହାଯାଇଛି। ବହୁ ଚର୍ଚ୍ଚିତ ଜମି ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ଘଟଣାର ଦୁଇ ଜଣ ଅଭିଯୁକ୍ତ ପୁଲିସ ଗୁଳିରେ ଆହତ ହୋଇଛନ୍ତି। ବ୍ରହ୍ମପୁର ପୁଲିସ ସେମାନଙ୍କୁ ରାଜସ୍ଥାନରୁ ରିମାଣ୍ଡରେ ଆଣୁଥିବା ବେଳେ ସେମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏପରିକି ସେମାନେ ପୁଲିସ ଠାରୁ ବନ୍ଧୁକ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ ବୋଲି କହିଛନ୍ତି ବ୍ରହ୍ମପୁର ଏସ୍‌ପି। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୁଲିସ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲା। ପୁଲିସ ଗୁଳିରେ ଆହତ ହୋଇଥିବା ଏହି ଦୁଇ ଅଭିଯୁକ୍ତ ହେଉଛନ୍ତି ରଞ୍ଜନ ମଲ୍ଲିକ ଓ ସରୋଜ ପଣ୍ଡା। ସେମାନଙ୍କ ନାଁରେ ବାହାର ରାଜ୍ୟର ବିଭିନ୍ନ ଥାନାରେ ମାମଲା ରହିଛି। ଏହି ଦୁଇ ଜଣ ଧରାପଡ଼ିବା ପରେ ସୁଧୀର ପାତ୍ର ହତ୍ୟା ଘଟଣାରେ ସମସ୍ତ ୧୩ ଅଭିଯୁକ୍ତ ଗିରଫ ହୋଇଛନ୍ତି ବୋଲି କହିଛନ୍ତି ବ୍ରହ୍ମପୁର ଏସ୍‌ପି।

ଗତକାଲି (ମେ' ୨୫ ତାରିଖ) ଏହି ଏନକାଉଣ୍ଟର ହୋଇଥିବା ବେଳେ ଗତ ୧୦ ଦିନରେ ଏହାକୁ ମିଶାଇ ୫ଟି ଏନ୍‌କାଉଣ୍ଟର କରିଛି ବ୍ରହ୍ମପୁର ପୁଲିସ। ମେ' ୧୬ ତାରିଖରେ ଲାଞ୍ଜିପଲିର ଦୁର୍ଦ୍ଦାନ୍ତ ଅପରାଧୀ ଦିପୁନା ନାୟକ ପୁଲିସ୍ ଏନ୍‌କାଉଣ୍ଟରରେ ଆହତ ହୋଇଥିବା ବେଳେ ମେ' ୨୦ ତାରିଖରେ ଗିରିରୋଡରେ ଉମେଶ ରଥ ଓ ତାଙ୍କ ବାନ୍ଧବୀଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ମୁକେଶ ସାହୁ ପୁଲିସ ଏନକାଉଣ୍ଟରରେ ଆହତ ହୋଇଥିଲା। ପୁଲିସ ତା' ଉପରକୁ ୪ ରାଉଣ୍ଡ ଗୁଳି କରିଥିବା ବେଳେ ତାଙ୍କ ଦେହରେ ୩ଟି ଗୁଳି ବାଜିଥିଲା। ସେହିପରି ଅମ୍ବିକା ନଗରରେ ଜଣେ ଯୁବକଙ୍କୁ ରାସ୍ତା ଉପରେ ହାଣିବା ଘଟଣାର ଅଭିଯୁକ୍ତ ଜଗନ୍ନାଥ ଗତକାଲି ପୁଲିସ ଗୁଳିରେ ଆହତ ହୋଇଛି। ଅପରାଧୀମାନଙ୍କୁ ଦକ୍ଷିଣାଞ୍ଚଳ ଆଇଜି ସୁଧୁରିଯିବାକୁ ଆହ୍ୱାନ ଦେବା ପରେ ବ୍ରହ୍ମପୁର ପୁଲିସ୍ ଏହି ସବୁ ଏନକାଉଣ୍ଟର କରିଛି। ଆଜି ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଥାନାର ଅଧିକାରୀମାନଙ୍କୁ ନେଇ ଏକ ବୈଠକ କରାଯାଇଛି। ନିଜ ନିଜ ଅଞ୍ଚଳରେ ଥିବା ପେସାଦାର ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ୫ ପ୍ଲାଟୁନ ପୁଲିସ ଫୋର୍ସକୁ ବ୍ରହ୍ମପୁରରେ ମୁତୟନ କରାଯାଇଛି। ଏବେ ଫୁଟ୍ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯାଉଛି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦୋକାନ ବଜାର ନ ଖୋଲିବାକୁ କୁହାଯାଇଛି। ମଦ ଦୋକାନ ଗୁଡ଼ିକ ଉପରେ ତୀକ୍ଷ୍ଣ ଦୃଷ୍ଟି ଦିଆଯିବ ବୋଲି ଏସପି କହିଛନ୍ତି। ତେବେ ପୁଲିସର ଏହି ପଦକ୍ଷେପ ସହରବାସୀଙ୍କୁ କିଭଳି ସୁରକ୍ଷା ଦେଉଚି, ତାହା ଦେଖିବା ବାକି ରହିଲା।

# ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ମୋଦି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩୦/୦୫ (ଜେଏନ୍ଏସ୍) : ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଇଁ ଜୁନ୍ ୧୨, ଜୁନ୍ ୨୦ କିମ୍ବା ସେପ୍ଟେମ୍ବର ୧୭ତାରିଖ ମଧ୍ୟରୁ ଯେକୌଣସି ଗୋଟିଏ ଦିନ ଓଡ଼ିଶା ଆସିବା ନିମନ୍ତେ ସମୟ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରୀନ୍ ସିଗନାଲ ଦେଇଛନ୍ତି। ରାଜ୍ୟରେ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଓଡ଼ିଶା ଗସ୍ତର ନିର୍ଦ୍ଦିଷ୍ଟ ତାରିଖ ଚୂଡ଼ାନ୍ତ ହୋଇନଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗ୍ରୀନ୍ ସିଗନାଲ ମିଳିସାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଇଁ ଜୁନ୍ ୧୨, ଜୁନ୍ ୨୦ କିମ୍ବା ସେପ୍ଟେମ୍ବର ୧୭ତାରିଖ ମଧ୍ୟରୁ ଯେକୌଣସି ଗୋଟିଏ ଦିନ ଓଡ଼ିଶା ଆସିବା ନିମନ୍ତେ ସମୟ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଓଡ଼ିଶା ଆସିବାକୁ ପ୍ରଧାନମନ୍ତ୍ରୀ ଗ୍ରୀନ୍ ସିଗନାଲ ଦେଇଛନ୍ତି । ତେବେ କେଉଁଦିନ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ ତାହା ଚୂଡ଼ାନ୍ତ ହୋଇନଥିବା ଜଣାପଡ଼ିଛି। ଗତ ମଇ ୨୫ତାରିଖରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ଓଡ଼ିଶା ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆମନ୍ତ୍ରଣ କରିଥିଲେ। ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଦୀର୍ଘ ୨୨ ବର୍ଷ ପରେ ଓଡ଼ିଶାରେ ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଏହି ବୈଠକରେ ଦେଶର ଶିକ୍ଷା ଓ ବିକାଶକୁ ନେଇ ଯେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହେବ, ତାହା ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ନିଶ୍ଚିତ ସଫଳ ହେବ । ଏହାସହ ଏବିଭିପିର ସଦସ୍ୟ ସଂଖ୍ୟା ଆଗାମୀ ଦିନରେ ୧ କୋଟିରେ ପହଂଚୁ ବୋଲି ସେ ଆଶା ବ୍ୟକ୍ତ କରିବା ସହ ଆଜିକାଲିର ଛାତ୍ରଛାତ୍ରୀ ଓ ଯୁବପିଢ଼ି ମୋବାଇଲ୍ ବା ସ୍କ୍ରିନ୍ ଟାଇମରୁ ଦୂରେଇ ରହି ଗ୍ରୀନ୍‌ଟାଇମ୍ ଅର୍ଥାତ୍ ପ୍ରକୃତି ଓ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟର ବିଜେପି ସରକାର ନିଜର ଦୁଇବର୍ଷ ପୂର୍ତ୍ତି ପାଳନ ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଛି। ଆଜି ବିଭିନ୍ନ ବିଭାଗର ସଚିବମାନଙ୍କ ସହ ବୈଠକ କରି ସେମାନଙ୍କର ସଫଳତା ଓ ଉପଲବ୍ଧ ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇବର୍ଷ ପୂର୍ତ୍ତି ପାଳନ ନିମନ୍ତେ ଜିଲ୍ଲାସ୍ତରରେ ମଧ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଉଥିବା ଜଣାପଡ଼ିଛି।

# ବ୍ରହ୍ମପୁରରେ 'ନାଇପର୍' ପ୍ରତିଷ୍ଠା ଦାବିରେ ବିଶାଳ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା




ବ୍ରହ୍ମପୁର, ୩୦/୦୫ (ଜେଏନ୍‌ଏସ୍) : ଓଡ଼ିଶାରେ ୩ଟି ଜାତୀୟ ସ୍ତରୀୟ ବୈଷୟିକ ଶିକ୍ଷା ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଆସିଥିବା ପରିପ୍ରେକ୍ଷୀରେ ବ୍ରହ୍ମପୁରରେ ଜାତୀୟ ଔଷଧ ଶିକ୍ଷା ଓ ଗବେଷଣା ସଂସ୍ଥା "ନାଇପର୍" ସ୍ଥାପନ ଦାବିରେ ଓଡ଼ିଶା ଡେଭେଲପମେଣ୍ଟ ଫୋରମ ଓ ବିଭିନ୍ନ ଗଣସଂଗଠନଙ୍କ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଖଲ୍ଲିକୋଟ ୟୁନିଭର୍ସିଟି ଷ୍ଟାଡିଅମ୍ ଠାରୁ ଆରମ୍ଭ ହୋଇ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରା ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମାରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା ଏବଂ ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁରରେ ରାଜ୍ୟ ତଥା ସମଗ୍ର ପୂର୍ବ ଭାରତର ସର୍ବପ୍ରାଚୀନ ଏବଂ ପ୍ରଥମ ଫାର୍ମାସି ପ୍ରତିଷ୍ଠାନ ଅବସ୍ଥିତ ଅଛି। ତେଣୁ ଏଠାରେ ଜାତୀୟ ସ୍ତରର ଫାର୍ମାସି ଶିକ୍ଷା ଓ ଗବେଷଣା ଅନୁଷ୍ଠାନ ସ୍ଥାପନ ପାଇଁ ଆବଶ୍ୟକ ଇକୋ-ସିଷ୍ଟମ୍ ପୂର୍ବରୁ ଉପଲବ୍ଧ ଅଛି। ଦକ୍ଷିଣ ଓଡ଼ିଶାବାସୀଙ୍କ ଦୀର୍ଘଦିନର ଦାବି ରୂପେ "ନାଇପର୍" ସ୍ଥାପନ ପ୍ରସଙ୍ଗ ସର୍ବଦା ଉଠିଆସୁଛି।

ଗତ କିଛିଦିନ ପୂର୍ବରୁ ଗଞ୍ଜାମ ଜିଲ୍ଲାର ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ବ୍ରହ୍ମପୁରରେ ଘଓଚରଜ ପ୍ରତିଷ୍ଠା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ, ଯାହାକୁ ଲୋକେ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବେ ଦେଖୁଛନ୍ତି। ଏହା ସହିତ ଓଡ଼ିଶା ଡେଭେଲପ୍‌ମେଣ୍ଟ ଫୋରମ୍ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ମନ୍ତ୍ରୀ ଜେ. ପି. ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମାହାଲିଙ୍ଗଙ୍କୁ ବାରମ୍ବାର ସ୍ମାରକପତ୍ର ପ୍ରଦାନ କରାଯାଇଛି।

ବର୍ତ୍ତମାନ ଡବଲ୍ ଇଞ୍ଜିନ୍ ସରକାର ଆସିବା ପରେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ଗୋପାଳପୁରକୁ ରାଜ୍ୟର ଫାର୍ମା କ୍ଲଷ୍ଟର ଭାବେ ବିକଶିତ କରିବାରେ ଗୁରୁତ୍ୱ ଦେଉଛନ୍ତି। ଅନେକ କମ୍ପାନୀ ଗୋପାଳପୁରରେ ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁରରେ "ନାଇପର୍" ସ୍ଥାପନ ହେଲେ ଫାର୍ମା ଇକୋସିଷ୍ଟମ୍ ଆହୁରି ସୁଦୃଢ଼ ହେବା ସହ ଛାତ୍ରଛାତ୍ରୀମାନେ ସିଧାସଳଖ ଲାଭାନ୍ୱିତ ହେବେ। ବ୍ରହ୍ମପୁରରୁ ପ୍ରତିବର୍ଷ ଶତାଧିକ ଛାତ୍ରଛାତ୍ରୀ ଫାର୍ମା କ୍ଷେତ୍ରରେ ଶିକ୍ଷାଲାଭ କରି ରାଜ୍ୟ ବାହାରର ବିଭିନ୍ନ କମ୍ପାନୀରେ ଉଚ୍ଚ ପଦବୀରେ କାର୍ଯ୍ୟରତ ଅଛନ୍ତି। ତେଣୁ ବ୍ରହ୍ମପୁରରେ "ନାଇପର୍" ସ୍ଥାପିତ ହେଲେ ସେମାନଙ୍କ ପାଇଁ ସ୍ଥାନୀୟ ସ୍ତରରେ ନିଯୁକ୍ତି ସହ ଗବେଷଣାର ବ୍ୟାପକ ସୁଯୋଗ ସୃଷ୍ଟି ହେବ।

ଏହାଛଡ଼ା ବ୍ରହ୍ମପୁର ସହର ସଡ଼କ, ରେଳ ଓ ବିମାନ ସେବା ମାଧ୍ୟମରେ ଦେଶର ବିଭିନ୍ନ ଅଞ୍ଚଳ ସହ ସୁସଂଯୁକ୍ତ। ରଙ୍ଗେଇଲୁଣ୍ଡା ଏୟାରପୋର୍ଟରେ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ଅଛି। ତେଣୁ ବ୍ରହ୍ମପୁରରେ "ନାଇପର୍" ପ୍ରତିଷ୍ଠା ହେଲେ ଦକ୍ଷିଣ ଓଡ଼ିଶା ପ୍ରତି ଦୀର୍ଘଦିନ ଧରି ଚାଲିଆସୁଥିବା ଆଞ୍ଚଳିକ ବୈଷମ୍ୟ କମିବ ଏବଂ ଏହି ଅଞ୍ଚଳର ଦୀର୍ଘଦିନର ଦାବି ପୂରଣ ହେବ। ବକ୍ତାମାନେ କହିଥିଲେ ଯେ ଓଡ଼ିଶା ସରକାର ପ୍ରାୟ ସମସ୍ତ କେନ୍ଦ୍ରୀୟ ଅନୁଷ୍ଠାନକୁ ଭୁବନେଶ୍ୱର କିମ୍ବା କଟକରେ କେନ୍ଦ୍ରୀଭୂତ କରୁଛନ୍ତି। ତେଣୁ ଦକ୍ଷିଣ ଓଡ଼ିଶା ପ୍ରତି ହେଉଥିବା ଅନ୍ୟାୟକୁ ଦୂର କରି ବ୍ରହ୍ମପୁରରେ "ନାଇପର୍" ସ୍ଥାପନ ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ଡେଭେଲପମେଣ୍ଟ ଫୋରମ ସଚିବ ଭି. ସୋମେଶ୍ୱର ରାଓ, ପ୍ରିତିଶ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ପ୍ରବୀଣ ପଟ୍ଟନାୟକ, ମାନସ ପାତ୍ର, ଦକ୍ଷିଣ ଓଡ଼ିଶା ଛାତ୍ର ସଂଘ (ସୋସା) ସଭାପତି ନରସିଂହ ନୀଳମାଧବ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମର୍ଥନ କରି ଗଂଜାମ ଜିଲ୍ଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ର ଓ ଛାତ୍ରୀ, ବୁଦ୍ଧିଜୀବୀ, ଅନ୍ୟାନ୍ୟ ଫାର୍ମାସ୍ୟୁଟିକାଲ ସଂଘ ତରଫରୁ ବିପୁଳ ସମର୍ଥନ ଦେଖିବାକୁ ମିଳିଥିଲା ଏବଂ ଏଥିସହିତ ବିଭିନ୍ନ ଗଣସଂଗଠନର କାର୍ଯ୍ୟକର୍ତ୍ତା ତଥା ସମାଜସେବୀ ଡ.ସଂଜୀବ କୁମାର ସୁବୁଦ୍ଧି, ପ୍ରକାଶ ଚନ୍ଦ୍ର ଭଜାନୀ, ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ସନ୍ତୋଷ ସାହୁ, କିରଣ କୁମାର ପଣ୍ଡା, ଭି. ନେହାଲ, ରୋହନ କୁମାର, ସଂସାର ଅନୁଷ୍ଠାନର ରମେଶ ଚନ୍ଦ୍ର ସାହୁ, ରୟାଲ କଲେଜ ଅଫ୍ ଫାର୍ମାସୀର ପ୍ରାଧାପକ ଡ଼.ଅଞ୍ଜନ କୁମାର ମହାପାତ୍ର, ଡ଼.ମଧୁସ୍ମୃତି ଖଣ୍ଡାଇ, ଓଡିଶା ଅଭିଭାବକ ମହାସଂଘର ପ୍ରମୁଖ ମଧୁସୂଦନ ସାହୁ, ରବୀନ୍ଦ୍ର କୁମାର ନାୟକ, ସ୍ୱରାଜ୍ୟ ସୁବୁଦ୍ଧି, ସମାଜସେବୀ ପ୍ରଶାନ୍ତ କୁମାର ପଣ୍ଡା, ସମାଜସେବୀ ଆଦିତ୍ୟ ରଥ, ସୋସା ସଦସ୍ୟ ସୁଭାଶିଷ ଦାସ, ପପୁନ ସାହୁ, ଶିକ୍ଷା ଗବେଷଣା କେନ୍ଦ୍ରର କେଦାର ନାଥ ପଣ୍ଡା, ଦେବଦତ୍ତ ଦେଓ, ବାସୁଦେବ ପଣ୍ଡା, ଅରୁଣ ସାହୁ, ରମେଶ ଚନ୍ଦ୍ର ସାହୁ, ହୃଷିକେଶ ପାତ୍ର, ଅଶୋକ ଦଳାଇ, ଏ. ଗୋବିନ୍ଦ ରାଓ, ହରି ଲାଫିଙ୍ଗ ଯୋଗ କ୍ଲବର ସଦସ୍ୟମାନେ ଯଥା ଜେ. ସୂର୍ଯ୍ୟନାରାୟଣ, ବି. ଓ୍ୱେଙ୍କଟ, ଏସ୍. ସତ୍ୟନାରାୟଣ, ଏସ୍. ନାଗେଶ୍ୱର, ଭି. ପଦ୍ମନାଭ ରାଓ, ମନୋଜ ପାତ୍ର, ମୋହନ ରାଓ, ଅଙ୍କନେୟୁଲି, ଭାଗିତାଘି ପାତ୍ର, ପ୍ରଦୀପ ପାତ୍ର, ନ୍ୟାଚୁରାଲ ଭାଇ, କୋଟା ମାଧବ, ବଦ୍ରି ସୁବୁଦ୍ଧି, ସବ୍ୟସାଚୀ ପଣ୍ଡା, ଜେ ସୁରେଶ, ମହାରଣା ବାବୁ, ଭାସ୍କର ବାଙ୍ଗାରୀ, ଏସ୍. ସତ୍ୟବତୀ, ଗୌରୀ, ମୁଦ୍ରା, ଏ. ରମେଶ ପାତ୍ର, ଏଲ୍.ଏସ୍. ଧର୍ମା ରାଓ, କେ. ଚନ୍ଦ୍ର କୁମାର ପାତ୍ର, ଏସ. ଲକ୍ଷ୍ମୀ ନାରାୟଣ, ଲେଡିଜ୍ ଓ୍ୱାକର୍ ଗ୍ରୁପ୍, ମାରଓ୍ୱାଡ଼ି ଗ୍ରୁପ୍ ସହ ବହୁ କାର୍ଯ୍ୟକର୍ତ୍ତା ଓ ସଂଗଠନ ଉପସ୍ଥିତ ଥିଲେ।

# ମମତା ବାନାର୍ଜୀ ଏବଂ ଅଭିଷେକଙ୍କ ବିରୋଧରେ ମାମଲା



କୋଲକାତା, ୩୦/୦୫ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ତୃଣମୂଳ କଂଗ୍ରେସର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦଳର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଅସୁବିଧା ବଢ଼ିବାରେ ଲାଗିଛି। ଉଭୟ ନେତାଙ୍କ ବିପକ୍ଷରେ ଉତ୍ତେଜନାପୂର୍ଣ୍ଣ ବୟାନ ଦେଇଥିବା ଅଭିଯୋଗରେ ମାମଲା ଦାୟର ହୋଇଛି । ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କ ବିରୋଧରେ କୋଲକାତାର ଭବାନୀପୁର ପୁଲିସ ଷ୍ଟେସନରେ ଏକ ନୂତନ ମାମଲା ରୁଜୁ କରାଯାଇଛି। ଭବାନୀପୁରର ବାସିନ୍ଦା ଅର୍ଣ୍ଣବକାନ୍ତି ଦାସ ନାମକ ଜଣେ ବ୍ୟକ୍ତିଙ୍କ ଏଫ୍‌ଆଇଆର୍ ଆଧାରରେ ଏହି ମାମଲା ରୁଜ ହୋଇଥିବା ଜଣାପଡ଼ିଛି ।

ଅଭିଷେକ ବାନାର୍ଜୀ ନିଜ କ୍ଷମତାର ଅପବ୍ୟବହାର କରିବା ସହ ସୋସିଆଲ ମିଡିଆରେ ଉତ୍ତେଜନପୂର୍ଣ୍ଣ ଭାଷଣ ଦେଇଥିବା ନେଇ ଅଭିଯୋଗ ହୋଇଛି । ଅର୍ଣ୍ଣବକାନ୍ତି ଏଫ୍‌ଆଇଆର୍ ସହିତ ସେହି ବିବାଦୀୟ ପୋଷ୍ଟ ମଧ୍ୟ ସଂଲଗ୍ନ କରିଛନ୍ତି। ଗତ ମେ' ୨ ତାରିଖରେ ଅଭିଷେକ ବାନାର୍ଜୀ ନିଜ 'ଏକ୍ସ' (ଟ୍ୱିଟର) ହ୍ୟାଣ୍ଡେଲରେ ଲେଖିଥିଲେ, 'ତୁମେ ଯଦି ୧୦ ଥର ମଧ୍ୟ ଜନ୍ମ ହେବ, ତଥାପି ତୁମର ବାଂଲା-ବିରୋଧୀ ଗୁଜରାଟୀ ଗ୍ୟାଙ୍ଗ ମୋର ଡାଇମଣ୍ଡ ହାର୍ବର ମଡେଲର ସାମାନ୍ୟତମ କ୍ଷତି କରିପାରିବ ନାହିଁ।' ଏହି ବୟାନକୁ ନେଇ ବର୍ତ୍ତମାନ ବିବାଦ ତୀବ୍ର ହୋଇଛି।

ଅଭିଷେକ ବାନାର୍ଜୀଙ୍କ ଉପରେ ଏହା ପ୍ରଥମ ମାମଲା ନୁହେଁ, ନିର୍ବାଚନ ପ୍ରଚାର ସମୟରେ ମଧ୍ୟ ତାଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆସିଥିଲା। କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଅମିତ ଶାହଙ୍କୁ ଧମକ ଦେଇଥିବା ଅଭିଯୋଗରେ ବିଧାନନଗର ସାଇବର କ୍ରାଇମ ପୋଲିସ ଷ୍ଟେସନରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। ରାଜୀବ ସରକାର ନାମକ ଜଣେ ସାମାଜିକ କର୍ମୀଙ୍କ ଅଭିଯୋଗ ଆଧାରରେ ବିଏନଏସ୍ ବଂ ଜନପ୍ରତିନିଧି ଅଧିନିୟମର ପ୍ରାୟ ୬ଟି ଗୁରୁତ୍ୱପୂର୍ଣ୍ଣ ଧାରା ଅନୁଯାୟୀ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା ।

ଅନ୍ୟପଟେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କ ନାମରେ ମଧ୍ୟ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ଦିନ ଆଡଭୋକେଟ୍ ରିଙ୍କି ସିଂ ଚାଟାର୍ଜୀ ସିଲିଗୁଡ଼ି ସାଇବର କ୍ରାଇମ ପୁଲିସ ଷ୍ଟେସନରେ ମମତାଙ୍କ ବିରୋଧରେ ଏଫଆଇଆର ଦେଇଛନ୍ତି । ୨୦୨୫ ମସିହାରେ ମମତା ବାନାର୍ଜୀ ଏକ ନିର୍ଦ୍ଦିଷ୍ଟ ସମୁଦାୟ ଓ ଧର୍ମକୁ ନେଇ ଆପତ୍ତିଜନକ ଟିପ୍ପଣୀ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଧର୍ମକୁ 'ଅଳିଆ ଆବର୍ଜନା' ବୋଲି କହିଥିଲେ । ଏହି କାରଣରୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ପଶ୍ଚିମବଙ୍ଗ ନିର୍ବାଚନରେ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ କ୍ଷମତାଚ୍ୟୁତ ହୋଇଥିବା ଟିଏମସି ପାଇଁ ଏହି ଆଇନଗତ ମାମଲାଗୁଡ଼ିକ ଏକ ବଡ଼ ଝଟକା । ଗୋଟିଏ ପଟେ ନିର୍ବାଚନ ହାରିବାର ନିରାଶା ଏବଂ ଅନ୍ୟପଟେ ଶୀର୍ଷ ନେତୃତ୍ୱଙ୍କ ବିରୋଧରେ ପୋଲିସର କାର୍ଯ୍ୟାନୁଷ୍ଠାନ ଦଳର ଭାବମୂର୍ତ୍ତିକୁ ଆହୁରି ଦୁର୍ବଳ କରୁଛି। ସେପଟେ ଏହା ଅହଙ୍କାରର ପରିଣାମ ବୋଲି ଟିଏମସିକୁ କଟାକ୍ଷ କରି କହୁଛନ୍ତି ବିରୋଧୀ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶା ମୁହାଁ...

ଅଞ୍ଚଳରେ ବସବାସ କରୁଥିଲେ ମଧ୍ୟ ସେମାନଙ୍କୁ ତଡ଼ିାପର କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଉମରକୋଟ ଓ ମାଲକାନଗିରି ଓ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା, ରାଜକନିକା, ରାଜନଗର ଓ ଜଗତସିଂହପୁର ଜିଲ୍ଲାର ସମୁଦ୍ରସୀମାରେ ଅନେକ ବାଲାଂଦେଶୀ ବସତୀ ସ୍ଥାପନ କରି ରାଜନୈତିକ ନୀତିନିଷ୍ପତି ନେବାରେ ପ୍ରମୁଖ ଭୂମିକା ନିଭାଉଛନ୍ତି। ବାଲେଶ୍ୱର, ଭୁଷଣ୍ଡପୁର, ଭୁବନେଶ୍ୱରର ମାଳିସାହି ଓ ମାର୍କେଟ ବିଲ୍ଡିଂ ଓ ଅନ୍ୟାନ ଅଞ୍ଚଳରେ କାୟାବିସ୍ତାର କଲେଣି। ପଶ୍ଚିମବଙ୍ଗରୁ ଏବେ ଟ୍ରେନ ଓ ଜଳପଥ ଦେଇ ହଜାର ହଜାର ବାଲାଂଦେଶୀ ଓଡ଼ିଶା ମୁହାଁ ହେଉଥିବାରୁ ସେମାନଙ୍କ ଉପରେ ପୋଲିସ ପ୍ରଶାସନ କଡ଼ା ନଜର ପକାଇଛି। ସମୁଦ୍ରପଥରେ ଉପକୂଳ ସୁରକ୍ଷା ପୋଲିସ ଡଙ୍ଗାରେ ଆସୁଥିବା ଲୋକଙ୍କ ଉପରେ ନଜର ରଖିଛି। ମୋହନ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତୀ ହେବାକୁ ଯାଉଥିବା ବେଳେ ଏହି ପୂର୍ତ୍ତୀ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେବେ ଅସ୍ମିତା ଦ୍ୱାହାଇ ଦେଇ କ୍ଷମତାକୁ ଆସିଥିବା ବେଳେ ରାଜ୍ୟର ଅସ୍ମିତା ବାଲାଂଦେଶୀଙ୍କ ପାଇଁ ବିପଦରେ ପଡ଼ିବାକୁ ଯାଉଛି। ମୋହନ ସରକାର ପ୍ରଗତିର ନୀଳ ନକ୍ସା ଆଙ୍କି ସଫଳତାର ଡିଣ୍ଡିମ ପିଟୁଥିବା ବେଳେ ବାଲାଂଦେଶୀଙ୍କ ଅନୁପ୍ରବେଶ ଓଡ଼ିଶାରେ ଆଇନଶୃଙ୍ଖଳା ସୃଷ୍ଟି କରିବା ଆଶଙ୍କା ରହିଛି।

### କର୍ଲାପାଟ ବକ୍ସାଇଟ୍...

କର୍ଲାପାଟ ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ଥିବା କର୍ଲାପାଟ ବକ୍ସାଇଟ୍ ଖଣି ବ୍ଲକକୁ ନିଲାମ ପାଇଁ ପଦକ୍ଷେପ ନେଇଛନ୍ତି। ଏହି ବକ୍ସାଇଟ୍ ଖଣି ପାଇଁ ରାଜ୍ୟ ସରକାର ଅଭୟାରଣ୍ୟର ପ୍ରାୟ ୪.୩୨ବର୍ଗ କିମି ଅଂଚଳକୁ ହ୍ରାସ କରିଦେଇଥିବା ଜଣାପଡ଼ିଛି। ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ କର୍ଲାପାଟ ବନ୍ୟପ୍ରାଣୀ ଅଭୟାରଣ୍ୟର ନିକଟରେ ରହିଛି କଳାହାଣ୍ଡି ଜିଲ୍ଲାର କର୍ଲାପାଟ ବକ୍ସାଇଟ୍ ବ୍ଲକ୍। ପରିବେଶଗତ ଦୃଷ୍ଟିରୁ ଏହି ବକ୍ସାଇଟ୍ ଖଣି ପ୍ରକଳ୍ପ ଦୀର୍ଘ ଦଶନ୍ଧି ଧରି ଚର୍ଚ୍ଚାରେ ରହି ଆସିଥିଲା। ସରକାରୀ ଆକଳନ ଅନୁସାରେ ପ୍ରାୟ ୩୧୦୦ ହେକ୍ଟରରୁ ଅଧିକ ଅଂଚଳରେ ବ୍ୟାପ୍ତ ଏହି ସଂରକ୍ଷିତ ଅଂଚଳରେ ପ୍ରାୟ ୨୨୦ ନିୟୁତ ଟନର ବକ୍ସାଇଟ୍ ଗଚ୍ଛିତ ଅଛି। ହାତୀ ଚଲାପଥ ଓ ଘଂଚ ଜଙ୍ଗଲ ନିକଟରେ ଥିବାରୁ ପୂର୍ବରୁ ଏହାର ନିଲାମ ପ୍ରକ୍ରିୟା ଆଇନଗତ ଓ ପରିବେଶ ସମ୍ବନ୍ଧୀୟ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲା। ମାତ୍ର ସରକାର ଏବେ ବନ୍ୟପ୍ରାଣୀ ଅଭୟାରଣ୍ୟର ୪.୩୨ବର୍ଗ କିମି ଅଂଚଳକୁ ହ୍ରାସ କରାଇ ଖଣିଜ ବ୍ଲକ୍ ନିଲାମ ମାର୍ଗ ପ୍ରଶସ୍ତ କରିଛନ୍ତି। ସେହିପରି ରାୟଗଡ଼ା ଜିଲ୍ଲାର ନୂନାପାଇମାଲି ବକ୍ସାଇଟ୍ ବ୍ଲକ୍ ମଧ୍ୟ ନିଲାମ ହେବ। ସେଠାରେ ପ୍ରାୟ ୧୮.୨୪ ନିୟୁତ ଟନ୍ ବକ୍ସାଇଟ୍ ଗଚ୍ଛିତ ରହିଛି। ରାୟଗଡ଼ାରେ ଥିବା ଟିକିରିମାଲି-ବୁଢ଼ାରାଜାମାଲି, ଟିକିରିଗୁଡା-ମାଲିଗୁଡା ଓ ନଙ୍ଗାଲ ମାର୍ହିମାଲି ବ୍ଲକକୁ କମ୍ପୋଜିଟ୍ ଲାଇସେନ୍ସ ମୋଡରେ ନିଲାମ କରାଯିବାକୁ ସ୍ଥିରୀକୃତ ହୋଇଛି। ରାୟଗଡ଼ା-କଳାହାଣ୍ଡି ବେଲ୍ଟ ହେଉଛି ଦେଶର ସବୁଠାରୁ ସମୃଦ୍ଧ ବକ୍ସାଇଟ୍ ଜୋନ୍, ଯାହା ଭାରତର ଆଲୁମିନିୟମ କ୍ଷେତ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏସବୁ ବ୍ୟତୀତ ଭାରତର ସର୍ବୋଚ୍ଚ ଗ୍ରେଡ୍ ହେମାଟାଇଟ୍ ଗଚ୍ଛିତ ଥିବା କେନ୍ଦୁଝର ଜିଲ୍ଲାର ଗଦାଧରପୁର ଲୁହାପଥର ବ୍ଲକ୍ ନିଲାମ ହେବ। ଘରୋଇ ବଜାରରେ ଇସ୍ପାତର ଚାହିଦା ବଢୁଥିବାରୁ କମ୍ପାନୀଗୁଡ଼ିକ ନିଜସ୍ୱ କଂଚାମାଲ ସୁରକ୍ଷିତ ରଖିବାକୁ ଏହି ଲୁହାପଥର ଖଣି ବ୍ଲକ୍ ଉପରେ ନଜର ରଖିଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ଜଳଡିହି ତନ୍ତୀଗ୍ରାମ , ପଟମୁଣ୍ଡା-ବି ବ୍ଲକ୍ ସମେତ ବାରପଦା ସାଉଥ ବ୍ଲକକୁ ନିଲାମ ପାଇଁ ରଖାଯାଇଛି। କେନ୍ଦୁଝରର କେନ୍ଦୁଡିହି-ପାରୁଳିପଦା ଓ ବରଗଡ଼ ଜିଲ୍ଲାରେ ଥିବା ବେହେରା ବଞ୍ଜିପାଲି ଚୂନପଥର ବ୍ଲକ୍ ମଧ୍ୟ ଏହି ନିଲାମ ପ୍ରକ୍ରିୟାରେ ସାମିଲ ରହିଛି। ଟେଣ୍ଡର ପେପରର ମୂଲ୍ୟ ପ୍ରମୁଖ ବ୍ଲକ ପାଇଁ ୫ ଲକ୍ଷ ଟଙ୍କା ଓ ଚୂନପଥର ବ୍ଲକ ପାଇଁ ୨ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଆସନ୍ତା ଜୁନ୍ ୧ ରୁ ଜୁଲାଇ ୬ ପର୍ଯ୍ୟନ୍ତ ଏହି କାଗଜପତ୍ର କିଣାଯାଇପାରିବ। ଏହି ନିଲାମ ପ୍ରକ୍ରିୟା ମାଧ୍ୟମରେ ରାଜ୍ୟ ସରକାର ପ୍ରିମିୟମ, ରୟାଲଟି ଓ ଅନ୍ୟାନ୍ୟ ଟିକସ ମାଧ୍ୟମରେ ବିପୁଳ ରାଜସ୍ୱ ପାଇବାର ସମ୍ଭାବନା ରହିଛି। ରାଜ୍ୟ ସରକାର ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦ଟି ଖଣିଜ ବ୍ଲକକୁ ନିଲାମ ପାଇଁ ଚୂଡ଼ାନ୍ତ କରିଥିଲେ, ଯେଉଁଥିରୁ ୮ଟି ଖଣି ନିଲାମ ହୋଇଥିଲାବେଳେ ଗତ ଡିସେମ୍ବରରେ ଆଉ ୧୨ଟି ଖଣି ବ୍ଲକ ନିଲାମ କରିଥିଲେ। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସରକାର ମୋଟ୍ ୩୪ଟି ଖଣିଜ ବ୍ଲକ ନିଲାମ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯେଉଁଥିରେ ପ୍ରଥମ ଥର ପାଇଁ ୩ଟି ସୁନା ଖଣି ସାମିଲ ହୋଇଥିବା ଜଣାପଡ଼ିଛି।

### ଘରୋଇ ବସ...

ପରେ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଏହି ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଆସନ୍ତା ୧୦ ଦିନ ମଧ୍ୟରେ ସରକାର ଭଡ଼ା ବୃଦ୍ଧି ନେଇ ନିଷ୍ପତ୍ତି ନ ନେଲେ ରାଜ୍ୟବ୍ୟାପୀ ବସ୍ ଚଳାଚଳ ବନ୍ଦ କରାଯିବ। ଏହି ଘୋଷଣା ଯାତ୍ରୀମାନଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଥିବାବେଳେ, ସରକାର କିପରି ପଦକ୍ଷେପ ନେବେ ତାହାକୁ ନେଇ ସମସ୍ତଙ୍କ ନଜର ରହିଛି।

### ଆନ୍ଧ୍ରକୁ ଚେକ୍ ଦେବାକୁ...

ଧାରୁଆ ସୂଚନା ଦେଇଛନ୍ତି। ଏନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ଜଣାପଡିଛି। କୋଟିଆ ସଦରରେ ୨୦୨୨ ମସିହାରୁ ଥାନା ପ୍ରତିଷ୍ଠା ହୋଇ ଥାନା ଅଧିକାରୀ ସମେତ ପୋଲିସ୍ ଫୋର୍ସ ମୁତୟନ ରହିଛନ୍ତି। ତେବେ ୩ ଟି ଫାଟକ ନିର୍ମାଣ ହେଲେ କୋଟିଆ ପଞ୍ଚାୟତର ଚାରି ପାଖରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇ ପାରିବ । ସୂଚନା ଯୋଗ୍ୟ, ଗତ କିଛି ଦିନ ହେଲା ଜିଲା ପ୍ରଶାସନ ପକ୍ଷରୁ ଆନ୍ଧ୍ରର ଅନୁପ୍ରବେଶକୁ ପ୍ରତିହତ କରାଯାଉଛି ଯାହାକୁ ସହ୍ୟ କରି ନପାରି ଆନ୍ଧ୍ର ଦଲାଲ୍ ଏବଂ ପ୍ରଶାସନ ତାହାକୁ କିପରି ପ୍ରତିହତ କରିବେ ସେନେଇ ଚେଷ୍ଟା ଜାରି ରଖିଛନ୍ତି। କିଛି ଦିନ ତଳେ ଆନ୍ଧ୍ର ପ୍ରଶାସନ ତମ୍ବୁ ଟାଣି ଏକ ଚେକ୍‌ପୋଷ୍ଟ ନିର୍ମାଣ କରିଥିଲା। କୋରାପୁଟ ଜିଲ୍ଲା ପ୍ରଶାସନ ଉକ୍ତ ତମ୍ବୁ ହଟାଇ ଦେଇଛି। ପ୍ରକାଶ ଥାଉ କି କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାବେଳେ ଆନ୍ଧ୍ର ଏହାକୁ ନିଜ ଅକ୍ତିଆରକୁ ନେବାକୁ ଆନ୍ଧ୍ର ସରକାର ବାରମ୍ବାର ଉଦ୍ୟମ ଚଳାଇଛି।

### ଥର ଚଢ଼ାଇ...

କରାଯାଉଛି ଏବଂ ସମ୍ପୃକ୍ତ ଥାର୍ ଗାଡିଟିକୁ ଜବତ କରାଯାଇଛି । ପୋଲିସର ପ୍ରାଥମିକ ତଦନ୍ତ ଅନୁସାରେ, ଏହା କୌଣସି ସାଧାରଣ ଦୁର୍ଘଟଣା ନୁହେଁ। ପଟିଆ ଅଞ୍ଚଳର ଏକ ଲସି ଦୋକାନରେ କୌଣସି ବିଷୟକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହି ରାଗ ରଖି ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ ଆଚାର୍ଯ୍ୟ ହରିହର କଲେଜ ଛକ ନିକଟରେ ଯୁବକଙ୍କ ଉପରକୁ ଗାଡି ଚଢ଼ାଇ ଦେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ଚନ୍ଦ୍ରଶେଖରପୁର ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳ ଓ ଏହାର ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍‌କୁ ପୋଲିସ ଯାଞ୍ଚ କରୁଛି, ଯାହାଦ୍ୱାରା ହତ୍ୟାକାଣ୍ଡର ସ୍ପଷ୍ଟ ପ୍ରମାଣ ମିଳିପାରିବ।ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଥାର୍ ଗାଡିଟିକୁ ପୋଲିସ ଜବତ କରିଛି। ଏହି ଘଟଣାରେ କେବଳ ଜଣଙ୍କର ମୃତ୍ୟୁ ହୋଇନାହିଁ, ବରଂ ଅନ୍ୟ ୨ ଜଣ ଯୁବକ ଗୁରୁତର ଆହତ ହୋଇ ବର୍ତ୍ତମାନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପୋଲିସ କମିଶନରେଟ୍ ପକ୍ଷରୁ ଏହି ଘଟଣାକୁ ଗମ୍ଭୀରତାର ସହ ନିଆଯାଇଛି ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଛି।

# ୫ ହଜାର ଟଙ୍କା ଲାଞ୍ଚ ନେଇ କନିଷ୍ଠ ଯନ୍ତ୍ରୀ ଗିରଫ

ସୁନ୍ଦରଗଡ଼, ୩୦/୦୫ (ଜେଏନ୍‌ଏସ୍) : ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ଜାତୀୟ ସ୍ୱାସ୍ଥ୍ୟ ମିଶନର କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାଏକ। ଜଣେ ଠିକାଦାରଙ୍କୁ ତାଙ୍କର ଆଇଏସଡି (ପ୍ରାରମ୍ଭିକ ସିକ୍ୟୁରିଟି ଡିପୋଜିଟ୍) ରାଶି ଫେରସ୍ତ କରିବା ପାଇଁ ଆବଶ୍ୟକ ପ୍ରକ୍ରିୟା କରିଦେବାକୁ ସେ ୫୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ିଛନ୍ତି। ଏହି ଠିକାଦାର ଜଣଙ୍କ ଜିଲ୍ଲାର ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର କୋଠା ଏବଂ କର୍ମଚାରୀ ଆବାସିକ ଗୃହର ମରାମତି ଓ ନବୀକରଣ କାର୍ଯ୍ୟ କରିଥିଲେ। କାର୍ଯ୍ୟ ଶେଷ ହେବା ପରେ ଏଥିପାଇଁ ସେ ଜମା କରିଥିବା ଆଇଏସଡି (ପ୍ରାରମ୍ଭିକ ସିକ୍ୟୁରିଟି ଡିପୋଜିଟ୍) ରାଶି ଫେରସ୍ତ କରିବାକୁ ଆବେଦନ କରିଥିଲେ। କିନ୍ତୁ ଏହି କାମ କରିଦେବା ପାଇଁ କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାଏକ ତାଙ୍କୁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ଅତିଷ୍ଠ ହୋଇ ଠିକାଦାର ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ପ୍ରକାରେ ଠିକାଦାର ଜଣଙ୍କ ଆଜି କନିଷ୍ଠ ଯନ୍ତ୍ରୀ ଶ୍ରୀ ନାଏକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ୫୦୦୦ ଟଙ୍କା ଦେଇଥିଲେ। ସେ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ନାଏକଙ୍କ ୩ଟି ଠିକଣାରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଏହି ସନ୍ଦର୍ଭରେ ରାଉରକେଲା ଭିଜିଲାନ୍ସ ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ କନିଷ୍ଠ ଯନ୍ତ୍ରୀ ଶ୍ରୀ ନାଏକଙ୍କ ବିରୋଧରେ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡର ସହକାରୀ ଯୋଗାଣ ଅଧିକାରୀ ଧୁମାରାମ ମୁର୍ମୁ ମଧ୍ୟ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ଜଣେ ଲ୍ୟାମ୍ପସ ଇନ୍‌ଚାର୍ଜଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ।

# ମାଛକୁଣ୍ଡ ଜଳ ବିଦ୍ୟୁତ କେନ୍ଦ୍ରରେ ଭୟାବହ ଅଗ୍ନିକାଣ୍ଡ



କୋରାପୁଟ, ୩୦।୫(ଶରତ ନାୟକଙ୍କ ରିପୋର୍ଟ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକର ଅନକାଡେଲି ସ୍ଥିତ ମାଛକୁଣ୍ଡ ଜଳବିଦ୍ୟୁତ କେନ୍ଦ୍ରରେ ଗତ ଶନିବାର ଦିନ ପ୍ରାୟ ୧୨ ଘଟିକା ସମୟରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ଅନେକ କ୍ଷୟକ୍ଷତି ହୋଇଛି । ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳକୁ ବିଦ୍ୟୁତ ଯୋଗାଣ ପାଇଁ ବ୍ୟବହୃତ ୨.୫ ଏମଭିଏ, ୧୧/୦.୪ କେଭି ଟ୍ରାନ୍ସଫର୍ମର ସହ ସଂଯୁକ୍ତ ସିଟି ଫାଟିଯିବାରୁ ଅଗ୍ନିକାଣ୍ଡ ଘଟିଥିଲା । ଉକ୍ତ ଟ୍ରାନ୍ସଫର୍ମରଟି ବିଦ୍ୟୁତ କେନ୍ଦ୍ର ବାହାରେ ଅବସ୍ଥିତ ଥିଲା । ଏଥିରେ ସଂଯୁକ୍ତ କେବୁଲରେ ନିଆଁ ଲାଗିବା ସହ କେବୁଲ ଗ୍ୟାଲେରୀ ମାଧ୍ୟମରେ ନିଆଁ ବିଦ୍ୟୁତ କେନ୍ଦ୍ର ଭିତରକୁ ବ୍ୟାପିଥିଲା । ଯାହା ଫଳରେ କେତେକ ବିଦ୍ୟୁତ ଓ ଅନ୍ୟାନ୍ୟ ଯନ୍ତ୍ରପାତି କ୍ଷତିଗ୍ରସ୍ତ ହୋଇଛି । ଅଗ୍ନିକାଣ୍ଡ ବେଳେ ସମସ୍ତ ୬ଟି ୟୁନିଟ୍ କାର୍ଯ୍ୟରତ ଥିଲା । ତେବେ ସମସ୍ତ ୟୁନିଟ୍‌କୁ ତୁରନ୍ତ ସୁରକ୍ଷିତ ଭାବେ ବନ୍ଦ କରାଯାଇଥିଲା । ସମସ୍ତ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବିଦ୍ୟୁତ କେନ୍ଦ୍ରର କର୍ମଚାରୀ ଏବଂ ଲମତାପୁଟ ଅଗ୍ନିଶମ ବାହିନୀର ତତ୍ପରତା ଫଳରେ ନିଆଁକୁ ନିୟନ୍ତ୍ରଣକୁ ଆଣାଯାଇଥିଲା । କ୍ଷତିଗ୍ରସ୍ତ ଯନ୍ତ୍ରପାତି ଓ କ୍ଷୟକ୍ଷତିର ସବିଶେଷ ଆକଳନ ଆନ୍ଧ୍ର ପ୍ରଦେଶ ପାଓ୍ୱାର ଜେନେରେସନ କର୍ପୋରେସନ (ଏପିଜେନକୋ) ଦ୍ୱାରା କରାଯାଇଛି ଅକଳନ ଅନୁଯାୟୀ ପ୍ରାୟ ୨୦ କୋଟି ହେବ ବୋଲି କୁହାଯାଇଛି। ।ପ୍ରାଥମିକ ଆକଳନ ଅନୁଯାୟୀ, ବିଦ୍ୟୁତ ଉତ୍ପାଦନ ପୁନଃ ଆରମ୍ଭ ହେବାକୁ ୨ ମାସରୁ ଅଧିକ ସମୟ ଲାଗିପାରେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଆଗାମୀ ଦିନରେ ପାଓ୍ୱାର ଷ୍ଟେସନ କିଭଳି ସୁରକ୍ଷିତ ରହିପାରିବ, ସେନେଇ ଖୁବ୍ ଶୀଘ୍ର ନିଷ୍ପତି ନିଷ୍ପତ୍ତି ନିଆଯିବ। ମାଛକୁଣ୍ଡ ଜଳବିଦ୍ୟୁତ କେନ୍ଦ୍ରର ସ୍ଥାପିତ କ୍ଷମତା ୧୨୦ ମେଗାଓ୍ୱାଟ ଓ ଏଥିରେ ୬ଟି ଉତ୍ପାଦନ ୟୁନିଟ ରହିଛି । ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ସରକାରଙ୍କ ମଧ୍ୟରେ ୧୯୪୫ ମସିହାରେ ସ୍ୱାକ୍ଷରିତ ଚୁକ୍ତି ଏବଂ ପରବର୍ତ୍ତୀ ସମୟରେ ୧୯୭୮ ଓ ୨୦୨୦ ମସିହାରେ ହୋଇଥିବା ସଂଶୋଧନ ଅନୁଯାୟୀ, ବିଦ୍ୟୁତ ବଣ୍ଟନ ଓ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ବ୍ୟୟ ଉଭୟ ରାଜ୍ୟ ଦ୍ୱାରା ୫୦:୫୦ ଅନୁପାତରେ ବହନ କରାଯାଏ । ବିଦ୍ୟୁତ କେନ୍ଦ୍ରର ପରିଚାଳନା ଓ ପ୍ରଶାସନିକ ନିୟନ୍ତ୍ରଣ ଆନ୍ଧ୍ର ପ୍ରଦେଶ ସରକାର ଏବଂ ଆନ୍ଧ୍ର ପ୍ରଦେଶ ପାଓ୍ୱାର ଜେନେରେସନ କର୍ପୋରେସନ (ଏପିଜେନକୋ) ଅଧୀନରେ ରହିଛି । ବର୍ତ୍ତମାନ କାମଚଳା ଭାବେ ବିଶାଖାପାଟଣାରୁ ଏଠାକୁ ବିଦ୍ୟୁତ ଆସିଥିବା ଜଣାପଡିଛି। ଅନ୍ୟ ଏକ ସୂଚନା ଅନୁଯାୟୀ ପ୍ରକଳ୍ପ ଟି ବହୁ ପୁରୁଣା ହୋଇଥିବା ବେଳେ ଏହାର ମରାମତି ପାଇଁ କୁଆଡ଼େ ୮ ଶହ କୋଟି ଟଙ୍କା ଆସି ପଡି? ରହିଥିଲେ ମଧ୍ୟ ହୋଇ ପାରିନଥିଲା, ପରିଣାମ ସ୍ୱରୂପ ଏଭଳି ହେଲା ବୋଲି ସାଧାରଣରେ ଆଲୋଚନା ହେଉଛି।

## ଶକ୍ତି ଏ ସପ୍ତାହର

୩୧ ମଇ- ୦୬ ଜୁନ୍ '୨୦୨୬



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

ମେଷ ରାଶି: ଘରର ଅନୁକୂଳ ପ୍ରବେଶ ଦ୍ୱାର - ପୂର୍ବ / ଉତ୍ତର। ଆପଣ ଏକ ତମ୍ବା ସୂର୍ଯ୍ୟ ଟାଙ୍ଗି ପାରିବେ କିମ୍ବା ପୂର୍ବ କାନ୍ଥରେ କମଳା ରଙ୍ଗ ବ୍ୟବହାର କରିପାରିବେ।

ବୃଷ ରାଶି: ଘରର ଅନୁକୂଳ ପ୍ରବେଶ ଦ୍ୱାର - ଉତ୍ତର ଦିଗ। ଏକ କାଚ ପାତ୍ରରେ ପାଣି ନିଅନ୍ତୁ ଏବଂ ସେଥିରେ ଏକ ସ୍ଫଟିକ ପଦ୍ମ ରଖନ୍ତୁ।

ମିଥୁନ ରାଶି: ଘରର ଅନୁକୂଳ ପ୍ରବେଶ ଦ୍ୱାର - ଉତ୍ତର ଦିଗ। ଉତ୍ତର ଦିଗରେ ଏକ ସ୍ଫଟିକ ପକ୍ଷୀ ରଖନ୍ତୁ।

କର୍କଟ ରାଶି: ଘରର ଅନୁକୂଳ ପ୍ରବେଶ ଦ୍ୱାର - ପୂର୍ବ / ଉତ୍ତର ଦିଗ। ପୂଜା ଘରେ ଶଙ୍ଖ ରଖନ୍ତୁ। ଉତ୍ତର-ପୂର୍ବ କୋଣକୁ ସଫା ଏବଂ ସୁନ୍ଦର ରଖନ୍ତୁ।

ସିଂହ ରାଶି: ଘରର ଅନୁକୂଳ ପ୍ରବେଶ ଦ୍ୱାର - ପୂର୍ବ / ଉତ୍ତର। ପୂର୍ବ ଦିଗରେ ଏକ ପିତ୍ତଳ ସିଂହ ରଖନ୍ତୁ।

କନ୍ୟା ରାଶି: ଘରରଅନୁକୂଳ ପ୍ରବେଶ ଦ୍ୱାର - ଉତ୍ତର। ଉତ୍ତର-ପୂର୍ବ କୋଣକୁ ଅବ୍ୟବସ୍ଥିତ ରଖନ୍ତୁ ନାହିଁ ଏବଂ ଉତ୍ତର ଦିଗରେ ମନି ପ୍ଲାଣ୍ଟ ଲଗାନ୍ତୁ।

ତୁଳା ରାଶି: ଘରରଅନୁକୂଳ ପ୍ରବେଶ ଦ୍ୱାର - ପୂର୍ବ / ଉତ୍ତର। ଆପଣଙ୍କର ଦକ୍ଷିଣ-ପଶ୍ଚିମ କୋଣକୁ ଧଳା ରଙ୍ଗ କରନ୍ତୁ। ଆପଣଙ୍କର ଘରକୁ ସର୍ବୋତ୍ତମ ଉପାୟରେ ସଜାନ୍ତୁ।

ବିଛା ରାଶି: ଘରରଅନୁକୂଳ ପ୍ରବେଶ ଦ୍ୱାର - ଉତ୍ତର। ଜଳ ଏବଂ ମାଟି ଥିବା ଏକ ଚିତ୍ର ଟାଙ୍ଗନ୍ତୁ ଏବଂ ଥିମ୍ ଲାଲ ହେବା ଉଚିତ।

ଧନୁ ରାଶି: ଘରର ଅନୁକୂଳ ପ୍ରବେଶ ଦ୍ୱାର - ପୂର୍ବ / ଉତ୍ତର। ଆପଣଙ୍କର ଉତ୍ତର-ପୂର୍ବ କୋଣକୁ ବାଇଗଣୀ ରଙ୍ଗରେ ପିଣ୍ଟ କରନ୍ତୁ ଏବଂ କୋଣକୁ ଆଲୋକିତ ରଖନ୍ତୁ।

ମକର ରାଶି: ଘରର ଅନୁକୂଳ ପ୍ରବେଶ ଦ୍ୱାର - ଉତ୍ତର। ଆପଣଙ୍କ ଘରର ମୁଖ୍ୟ ପ୍ରବେଶ ଦ୍ୱାରରେ ଏକ ଘୋଡା ଲୁହା ଜୋତା ଦିଅନ୍ତୁ। କାନ୍ଥରେ ଧୂସର ରଙ୍ଗ ବ୍ୟବହାର କରନ୍ତୁ।

କୁମ୍ଭ ରାଶି: ଘରର ଅନୁକୂଳ ପ୍ରବେଶ ଦ୍ୱାର - ଉତ୍ତର। ଉତ୍ତର-ପୂର୍ବ କୋଣରେ ଜଳପ୍ରପାତର ଏକ ଚିତ୍ର ଦିଅନ୍ତୁ।

ମୀନ ରାଶି: ଘରର ଅନୁକୂଳ ପ୍ରବେଶ ଦ୍ୱାର - ପୂର୍ବ / ଉତ୍ତର। ଉତ୍ତର-ପୂର୍ବ କୋଣରେ ଏକ ସ୍ଫଟିକ ମାଛ କିମ୍ବା ମାଛ ଚିତ୍ର ରଖନ୍ତୁ।

## ପ୍ରମୁଖ ଖବର ଏ ସପ୍ତାହର

- ଆଜିଠାରୁ ସାରା ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ।
- ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଜାରି। ଭୁବନେଶ୍ୱରରେ ତାପମାତ୍ରା ୩୩ ଡିଗ୍ରୀ ସେଲସିୟସ ଥିଲେ ମଧ୍ୟ ଏହା ୩୩ ଡିଗ୍ରୀ ଭଳି ଅନୁଭୂତ ।
- ଯାଜପୁର ସୁକିନ୍ଦାର ଏକ ଅଙ୍ଗନବାଡ଼ିରେ ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗିଥିଲା, କିନ୍ତୁ ସୌଭାଗ୍ୟବଶତଃ ସମସ୍ତ ପିଲା ସୁରକ୍ଷିତ।
- ବିଦେଶରୁ ଆସୁଥିବା ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭୁବନେଶ୍ୱର ବିମାନବନ୍ଦରରେ ସତର୍କତା ବଳବତ୍ତର ।
- ଜିମ୍ନାଷ୍ଟ ପ୍ରଣତି ନାୟକ ଆନ୍ତର୍ଜାତୀୟ ସ୍ତରରେ ରୌପ୍ୟ ପଦକ ଜିତି ଓଡ଼ିଶା ପାଇଁ ସମ୍ମାନ ଆଣିଛନ୍ତି।
- ଓଡ଼ିଶାରେ ଖୁବ୍ ଶୀଘ୍ର ମୌସୁମୀ ବର୍ଷା ଆରମ୍ଭ ହେବାକୁ ଯାଉଛି, ଯାହା ଫଳରେ ଗରମରୁ ଆଶ୍ୱସ୍ତି ମିଳିବ।
- ଭୁବନେଶ୍ୱରର ଏକ ଲସି ଦୋକାନରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା । ପୋଲିସର ତଦନ୍ତ ଜାରି।
- କଟକ ବାରଙ୍ଗ ଅଞ୍ଚଳରେ ଏକ ଅପରାଧିକ ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ। ପୋଲିସ କାର୍ଯ୍ୟାନୁଷ୍ଠାନ ଦାବିରେ ସେଠାରେ ବଡ଼ ଧରଣର ପ୍ରତିବାଦ ।
- 'ସୁଭଦ୍ରା ଯୋଜନା' ପାଇଁ ଅନଲାଇନ୍ ଆବେଦନ ପ୍ରକ୍ରିୟା ଏବଂ ନୂତନ ନିୟମାବଳୀକୁ ନେଇ କିଛି ନୂଆ ତଥ୍ୟ ପ୍ରକାଶ ।
- ଆଗାମୀ ବିଇଡି ପ୍ରବେଶିକା ପରୀକ୍ଷା-୨୦୨୬ ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଓ ସ୍ୱତନ୍ତ୍ର କୋଚିଂ କ୍ଲାସ୍ ଆରମ୍ଭ ।
- କନ୍ୟା ଓ ମକର ରାଶିର ବ୍ୟକ୍ତିମାନଙ୍କ ପାଇଁ କିଛିଟା ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିବା ବେଳେ ମେଷ ଓ ବୃଷ ରାଶିର ବ୍ୟକ୍ତିମାନଙ୍କ ପାଇଁ ଆଜି ଦିନଟି ଶୁଭ ରହିବ ।

# ୧୦୦ ମିଟରରେ ରେକର୍ଡ ଭାଙ୍ଗି ଭାରତର ଦ୍ରୁତତମ ଧାବକ ବନିଲେ ଗୁରିନ୍ଦରବୀର ସିଂହ

ନୂଆଦିଲ୍ଲୀ, ୩୦/୦୫: ବିଶ୍ୱ ଦୌଡ଼କୁଦ ଇଭେଣ୍ଟରେ ଭାରତ ପାରମ୍ପରିକ ଭାବେ ମେଡାଲ ହାସଲ କରିପାରେ ନାହିଁ। ବିଶେଷ କରି ଦୌଡ଼ ଇଭେଣ୍ଟରେ ଭାରତ ପାଖରେ ସେମିତି କେହି ଖେଳାଳି ନଥିଲେ। ହେଲେ ଏହି ସମୟ ଖୁବଶୀଘ୍ର ବଦଳିପାରେ। କାରଣ ଏବେ ଭାରତକୁ ମିଳି ଯାଇଛନ୍ତି ଦେଶର ଆଉ ଜଣେ ଦ୍ରୁତତମ ଧାବକ। ପଞ୍ଜାବରେ ଜନ୍ମିତ ଗୁରିନ୍ଦବୀର ସିଂହ ୧୦୦ ମିଟର ସ୍ପ୍ରିଣ୍ଟରେ ଜାତୀୟ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ରାଞ୍ଚିରେ ଆୟୋଜିତ ଫେଡରେସନ କପରେ ସେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି।




ଗୁରିନ୍ଦରବୀର ସିଂହ ୧୦୦ ମିଟର ଦୂରତାକୁ ବେଶ ସହଜରେ ୧୦.୦୯ ସେକେଣ୍ଡରେ ପୂରଣ କରିଛନ୍ତି। ଗ୍ଲାସଗୋରେ ଆୟୋଜିତ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ ପାଇଁ ଆଥଲେଟିକ୍ସ ଫେଡରେସନ ଅଫ ଇଣ୍ଡିଆ ୧୦.୧୬ ସେକେଣ୍ଡ ଟାଇମିଂ ଧାର୍ଯ୍ୟ କରିଥିଲା। କିନ୍ତୁ ଏହା ଠାରୁ ଯଥେଷ୍ଟ ଭଲ ଟାଇମିଂରେ ଗୁରିନ୍ଦବୀର ଏହି ରେସକୁ ଶେଷ କରିଛନ୍ତି। ସେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ସହ ୨୦୨୬ ଜାପାନରେ ଆୟୋଜିତ ହେବାକୁ ଥିବା ଏସିଆନ ଗେମ୍ସ ପାଇଁ ମଧ୍ୟ ଟିକେଟ ହାସଲ କରି ନେଇଛନ୍ତି। ଗୁରିନ୍ଦରବୀରଙ୍କ ପୂର୍ବରୁ ଜାତୀୟ ରେକର୍ଡ ଅନିମେଶ କୁଜୁରଙ୍କ ନାଁରେ ଥିଲା। ସେ ସମାନ ପ୍ରତିଯୋଗିତାରେ ୧୦୦ ମିଟର ଦୂରତାକୁ ୧୦.୧୫ ସେକେଣ୍ଡରେ ପୂରଣ କରିଥିଲେ। କିନ୍ତୁ ଏବେ ଗୁରିନ୍ଦରବୀର ସିଂହ ଭାରତର ଦ୍ରୁତତମ ଧାବକ ବନି ଯାଇଛନ୍ତି। ପଞ୍ଜାବରେ ବଡ଼ ହୋଇଥିବା ଗୁରିନ୍ଦରବୀର ସିଂହଙ୍କ ବାପା ଜଣେ ଅବସରପ୍ରାପ୍ତ ପୁଲିସ୍ ? କନଷ୍ଟେବଲ। ତାଙ୍କ ନାଁ କମଲଜିତ ସିଂହ। କମଲଜିତ ସିଂହ ଜଣେ ଜାତୀୟସ୍ତରର ଭଲିବଲ ଖେଳାଳି। ବାପାଙ୍କ ଠାରୁ ଅନୁପ୍ରାଣିତ ହୋଇ କ୍ରୀଡ଼ା କ୍ଷେତ୍ରରେ ଗୁରିନ୍ଦରବୀର ସିଂହ ମନବଳାଇଥିଲେ। ସେ ପିଲାଟି ବେଳୁ ଦୌଡ଼ିବାକୁ ଭଲ ପାଉଥିଲେ ହେଁ ଅନେକ ସମୟରେ ତାଙ୍କୁ କଟାକ୍ଷର ସାମ୍ନା କରିବାକୁ ପଡୁଥିଲା। ଭାରତ ପାଖରେ ୧୦୦ ମିଟର ସ୍ପ୍ରିଣ୍ଟର ଜିନ ନଥିବା ସମସ୍ତେ କହୁଥିଲେ। ହେଲେ ସେ ଏବେ ୧୦.୦୯ ସେକେଣ୍ଡରେ ୧୦୦ ମିଟର ଦୌଡ଼ ପୂରଣ କରି ସମସ୍ତଙ୍କ ମୁହଁ ବନ୍ଦ କରି ଦେଇଛନ୍ତି। ଏଥିସହ ଭାରତକୁ ବିଶ୍ୱ ମଞ୍ଚରେ ଗୌରାବନ୍ୱିତ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ରିଲାଏନ୍ସ ଫାଉଣ୍ଡେସନରେ କୋଚ ଜେମ୍ସ ହିଲ୍ଲେରଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ କରୁଥିବା ଗୁରିନ୍ଦରବୀର ସିଂହ ୬୦ ମିଟରରେ ମଧ୍ୟ ଜାତୀୟ ରେକର୍ଡକୁ ନିଜ ନାଁରେ ରଖିଛନ୍ତି। ସେ ୬.୬୦ ସେକେଣ୍ଡରେ ଏହି ଦୂରତାକୁ ଅତିକ୍ରମ କରିଥିଲେ। ୨୦୨୫ରେ ୪ ଗୁଣା ୧୦୦ ମିଟର ରିଲେ ଟିମରେ ମଧ୍ୟ ସେ ରହିଥିଲେ। ୪ ଗୁଣା ୧୦୦ ମିଟର ରିଲେକୁ ଗୁରିନ୍ଦରବୀର ସିଂହଙ୍କ ଟିମ ୩୮.୬୯ ସେକେଣ୍ଡରେ ଶେଷ କରି ରେକର୍ଡ ସୃଷ୍ଟି କରିଛି। ଏହାପୂର୍ବରୁ ୨୦୨୪ ଇଣ୍ଡିଆନ ଗ୍ରାଣ୍ଡ ପ୍ରିକ୍ସରେ ଗୁରିନ୍ଦରବୀର ସିଂହ ୧୦୦ ମିଟର ଦୂରତାକୁ ୧୦.୨୦ ସେକେଣ୍ଡରେ ଅତିକ୍ରମ କରିଥିଲେ। ଗୁରିନ୍ଦରବୀର ସିଂହଙ୍କ ବାପା କମଲଜିତ ପଞ୍ଜାବ ଓ ପଞ୍ଜାବ ପୁଲିସ ପାଇଁ ଭଲିବଲ ଖେଳିଥିଲେ। ହେଲେ ଦେଶ ପାଇଁ ମେଡାଲ ଜିତିବା ସ୍ୱପ୍ନ ତାଙ୍କର ପୂରଣ ହୋଇ ନଥିଲା। ଏବେ ତାଙ୍କ ଅଧୁରା ସ୍ୱପ୍ନକୁ ସେ ଗୁରିନ୍ଦରବୀରଙ୍କ ଜରିଆରେ ସାକାର କରିବାକୁ ଚାହୁଁଛନ୍ତି।

## ଖେଳାଳିଙ୍କ ପାଇଁ ନୂଆ ନିର୍ଦ୍ଦେଶ ଜାରି କଲା ବିସିସିଆଇ

ନୂଆଦିଲ୍ଲୀ, ୩୦/୦୫ : ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଅତ୍ୟାଧୁନିକ ଯୋଗାଯୋଗ ଉପକରଣର ବର୍ଦ୍ଧିତ ବ୍ୟବହାର ମଧ୍ୟରେ, ଖେଳାଳି ଏବଂ ସହାୟକ କର୍ମଚାରୀଙ୍କ ପାଇଁ ଏକ ନୂତନ ପରାମର୍ଶ ଜାରି କରାଯାଇଛି । ସ୍ମାର୍ଟ ଚଷମା, ସନଗ୍ଲାସ୍ ଏବଂ ଚଷମା ବ୍ୟବହାର ସମ୍ପର୍କରେ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି । ଦୁର୍ନୀତି ନିବାରଣ ଏବଂ ସୁରକ୍ଷା ୟୁନିଟ୍ ବିସିସିଆଇ ସହିତ ନିର୍ଦ୍ଦିଷ୍ଟ ସୂଚନା ସେୟାର କରିଛି । କିଛି କମ୍ପାନୀ ଟି୨୦ ଲିଗ୍‌ରେ ଅଂଶଗ୍ରହଣ କରୁଥିବା ଖେଳାଳି ଏବଂ ଦଳର ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଉପକରଣ ବିକ୍ରୟ କରିବାକୁ ଚେଷ୍ଟା କରୁଛନ୍ତି ।

ରିପୋର୍ଟ ଅନୁଯାୟୀ, ଏସିଏସୟୁ ବିସିସିଆଇକୁ ଜଣାଇଛି ଯେ ଏହି ସ୍ମାର୍ଟ ଚଷମା ଉତ୍ପାଦଗୁଡ଼ିକ ଲାଇଭ୍ ଷ୍ଟ୍ରିମିଂ ଏବଂ ଟେକ୍ସଟ୍ ମେସେଜ୍ ପଠାଇବାରେ ସକ୍ଷମ। ଏଗୁଡ଼ିକ ୱାଇ-ଫାଇ କିମ୍ବା ମୋବାଇଲ୍ ଡାଟା ମାଧ୍ୟମରେ ଅଡିଓ-ଭିଡିଓ କଲ୍ ମଧ୍ୟ କରିପାରିବ। ଏହା ଚିନ୍ତା ସୃଷ୍ଟି କରିଛି ଯେ ଲାଇଭ୍ ମ୍ୟାଚ୍ ସମୟରେ ଏହି ଡିଭାଇସଗୁଡ଼ିକର ଅପବ୍ୟବହାର ହୋଇପାରେ। ଚଳିତ ମାସ ଆରମ୍ଭରେ ବିସିସିଆଇ ଆଠ ପୃଷ୍ଠା ବିଶିଷ୍ଟ ନିର୍ଦ୍ଦେଶାବଳୀ ଜାରି କରିବା ପରେ ଲିଗ୍ ଉପରେ ଯାଞ୍ଚ ଆହୁରି ତୀବ୍ର ହୋଇଛି । ଏହି ନିର୍ଦ୍ଦେଶାବଳୀରେ ଖେଳାଳି, ଦଳ ମାଲିକ ଏବଂ ଅଧିକାରୀମାନଙ୍କ ଦ୍ୱାରା ହୋଇଥିବା ଗମ୍ଭୀର ପ୍ରୋଟୋକଲ୍ ଉଲ୍ଲଂଘନକୁ ଉଜ୍ଜ୍ୱଳ କରାଯାଇଥିଲା। ୧୦ଟି ଫ୍ରାଞ୍ଚାଇଜକୁ ପଠାଯାଇଥିବା ଏକ ଇମେଲରେ ବିସିସିଆଇ ସଚିବ ଦେବଜିତ ସାଇକିଆ ଲେଖିଛନ୍ତି, "ଏହା ବିସିସିଆଇର ଦୃଷ୍ଟିକୁ ଆସିଛି ଯେ ଚଳିତ ଆଇପିଏଲ୍ ସିଜିନ୍‌ରେ ଖେଳାଳି, ସହାୟକ କର୍ମଚାରୀ ଏବଂ ଦଳର ଅଧିକାରୀମାନଙ୍କ ମଧ୍ୟରେ ଅନୁପଯୁକ୍ତ ଆଚରଣ ଏବଂ ପ୍ରୋଟୋକଲ୍ ଉଲ୍ଲଂଘନର କିଛି ଘଟଣା ଘଟିଛି ।" ସେ ଆହୁରି ମଧ୍ୟ କହିଛନ୍ତି, "ଯଦି ଏହି ଘଟଣାଗୁଡ଼ିକୁ ଅଣଦେଖା କରାଯାଏ, ତେବେ ଏହା ଟୁର୍ଣ୍ଣାମେଣ୍ଟ, ସମ୍ପୃକ୍ତ ଫ୍ରାଞ୍ଚାଇଜ୍ ଏବଂ ବିସିସିଆଇର ପ୍ରତିଷ୍ଠାକୁ ଗୁରୁତର କ୍ଷତି ପହଞ୍ଚାଇପାରେ। ଏହା ବ୍ୟତୀତ, ଏହା ବ୍ୟକ୍ତିବିଶେଷ ଏବଂ ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ଆଇନଗତ ଏବଂ ସୁରକ୍ଷା ସମ୍ବନ୍ଧୀୟ ବିପଦରେ ପକାଇପାରେ।" ପୂର୍ବରୁ ୨୦୨୬ ଆଇପିଏଲ୍ ସିଜିନ୍‌ରେ, ରାଜସ୍ଥାନ ରୟାଲ୍ସର ଜଣେ ପରିଚାଳକ ପୂର୍ବରୁ ଏକ ବିବାଦ ସୃଷ୍ଟି କରିଥିଲେ । ଏକ ଲାଇଭ୍ ମ୍ୟାଚ୍ ସମୟରେ ଦଳର ଡଗ୍‌ଆଉଟରେ ଓପନିଂ ବ୍ୟାଟ୍ସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀଙ୍କ ପାଖରେ ବସି ମୋବାଇଲ୍ ଫୋନ୍ ବ୍ୟବହାର କରୁଥିବାର ତାଙ୍କୁ ଦେଖାଯାଇଥିଲା। ଏହି ଘଟଣା ଏକ ବଡ଼ ହଇଚଇ ସୃଷ୍ଟି କରିଥିଲା, ଯାହା ଫଳରେ ବୋର୍ଡ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

## ଖୁବ୍ ଶୀଘ୍ର ଆସୁଛି ଗଭର୍ଣ୍ଣର

ମୁମ୍ବାଇ, ୩୦/୦୫: ଖୁବ୍ ଶୀଘ୍ର ମନୋଜ ବାଜପେୟୀଙ୍କ ଗଭର୍ଣ୍ଣର ଫିଲ୍ମ ଆସିବାକୁ ଯାଉଛି । ଯାହାକୁ ନେଇ ପ୍ରଶଂସକମାନେ ଖୁବ୍ ଉତ୍ସାହିତ ରହିଛନ୍ତି। ଟ୍ରେଲର ଲଞ୍ଚ ହେବା ପରେ ଅଭିନେତା ବିପୁଲ ଅମୃତଲାଲ ଶାହଙ୍କ ସହ କାମ କରିବାକୁ ତାଙ୍କର ହୃଦୟସ୍ପର୍ଶୀ ଭାବନା ସେୟାର କରିଛନ୍ତି । ଯାହା ତାଙ୍କର ଦୀର୍ଘକାଳୀନ ସ୍ୱପ୍ନ ବୋଲି ମଧ୍ୟ କହିଛନ୍ତି । ଗଭର୍ଣ୍ଣର ଫିଲ୍ମର ଟିଜର ରିଲିଜ ହେବା ପରେ ପ୍ରଶଂସକମାନଙ୍କ ଉତ୍ସାହକୁ ଦ୍ୱିଗୁଣିତ କରି ଦେଇଥିଲା । ଯାହା ଏକ ସତ୍ୟ ଘଟଣା ଉପରେ ଆଧାରିତ । ଯେଉଁଥିରେ ୧୯୯୦ ଦଶକର ଆର୍ଥିକ ସଙ୍କଟର ଝଲକ ଦେଖିବାକୁ ମିଳିଛି । ଟ୍ରେଲରଟି ସେହି ଉତ୍ତେଜନାପୂର୍ଣ୍ଣ ଏବଂ ଚ୍ୟାଲେଞ୍ଜିଂ ସମୟକୁ ନିପୁଣ ଭାବେ ଚିତ୍ରଣ କରିଛି। ମନୋଜ ବାଜପେୟୀ ଏବଂ ଆଦା ଶର୍ମାଙ୍କ ଚମତ୍କାର ଅଭିନୟ ଦ୍ୱାରା ଯାହାର ଆକର୍ଷଣୀୟତାକୁ ଆହୁରି ବୃଦ୍ଧି କରାଯାଇଛି ।

# ବିନେଶ ଫୋଗାଟ ଏବଂ କୁସ୍ତି ସଂଘ ବିବାଦ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୩୦/୦୫: ଏସୀୟ କ୍ରୀଡ଼ା ପାଇଁ କୁସ୍ତି ଖେଳାଳି ଚୟନ ପ୍ରକ୍ରିୟାରେ ନୂଆ ମୋଡ଼ ନେଇଛି। ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗାଟଙ୍କୁ ଚୟନ ଟ୍ରାଏଲ୍ସରେ ଭାଗ ନେବା ପାଇଁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଭାରତୀୟ କୁସ୍ତି ମହାସଂଘ ଚ୍ୟାଲେଞ୍ଜ କରିଛି। ଡବ୍ଲୁଏଫ୍‌ଆଇ ଏହି ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି । ଜଷ୍ଟିସ ପି.ଏସ. ନରସିଂହ ଏବଂ ଜଷ୍ଟିସ ଆଲୋକ ଆରାଧେଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଶୁକ୍ରବାର ମହାସଂଘର ଏହି ଆବେଦନ ଉପରେ ଜରୁରୀକାଳୀନ ଶୁଣାଣି କରିବେ । ଗତ ମେ' ୨୨ରେ ଦିଲ୍ଲୀ ହାଇକୋର୍ଟଙ୍କ ଏକ ଡିଭିଜନ ବେଞ୍ଚ ବିନେଶ ଫୋଗାଟ୍‌ଙ୍କ ପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ। କୋର୍ଟ କହିଥିଲେ ଯେ, ଡବ୍ଲୁଏଫ୍‌ଆଇର ବର୍ତ୍ତମାନର ଚୟନ ନୀତି ଭେଦଭାବପୂର୍ଣ୍ଣ ଭଳି ମନେହେଉଛି । ମାତୃତ୍ୱ ଅବକାଶ



ପରେ ଫେରୁଥିବା ବିନେଶଙ୍କ ଭଳି ଜଣେ ପ୍ରତିଷ୍ଠିତ ଓ ଦେଶ ପାଇଁ ଗୌରବ ଆଣିଥିବା ଖେଳାଳିଙ୍କୁ ସୁଯୋଗ ଦେବା ପାଇଁ ଏହି ନୀତିରେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ବା ବିବେକାନୁମୋଦିତ କ୍ଷମତା ନାହିଁ । ହାଇକୋର୍ଟ କହିଥିଲେ, 'ମାତୃତ୍ୱ ଯେମିତି ବିନେଶଙ୍କ ଭଳି ପ୍ରତିଭାବାନ ମହିଳା ଆଥଲେଟ୍‌ମାନଙ୍କୁ ଦେଶ ପାଇଁ ଖେଳିବାରୁ ବାଦ୍ ଦେବାର କାରଣ ସାଜିବ ନାହିଁ ଆଇନ ତାହା ନିଶ୍ଚିତ କରିବା ଆବଶ୍ୟକ । ମାତୃତ୍ୱକୁ କେବେ ବି ପ୍ରଫେସନାଲ୍ କ୍ଷେତ୍ରରେ ଏକ ବାଧା ଭାବେ ଗ୍ରହଣ କରାଯାଇପାରିବ ନାହିଁ ।' ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ମେ ୩୦ ଏବଂ ୩୧ ତାରିଖରେ ଏହି ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଚୟନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ନିରପେକ୍ଷତା ବଜାୟ ରଖିବା ପାଇଁ କୋର୍ଟ କେତେକ କଡ଼ା ନିୟମ ସ୍ଥିର କରିଛନ୍ତି । ସମ୍ପୂର୍ଣ୍ଣ ଟ୍ରାଏଲ୍ସର ଭିଡିଓ ରେକର୍ଡିଂ କରାଯିବ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ଭାରତୀୟ ଅଲିମ୍ପିକ ସଂଘର ସ୍ୱାଧୀନ ପର୍ଯ୍ୟବେକ୍ଷକମାନେ ସେଠାରେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ପ୍ରକ୍ରିୟାର ତଦାରଖ କରିବେ। ଭାରତୀୟ କୁସ୍ତି ମହାସଂଘ ହାଇକୋର୍ଟଙ୍କ ଏହି ଆଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି । ସଂଘ ଦର୍ଶାଇଛି ଯେ, ଦଳ ଚୟନରେ ସମାନତା ଓ ସ୍ଥିରତା ବଜାୟ ରଖିବା ନିହାତି ଜରୁରୀ । ପୂର୍ବରୁ ସମସ୍ତ ଖେଳାଳିଙ୍କ ପାଇଁ ଯେଉଁ ନିୟମ ଓ ମାନଦଣ୍ଡ ନିର୍ଦ୍ଧାରିତ କରାଯାଇଛି, ତାହାକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ ଏବଂ ଏଥିରେ କୌଣସି ବ୍ୟତିକ୍ରମ କରାଯିବା ଅନୁଚିତ ।

## ବିଶ୍ୱକପ୍ ପୂର୍ବରୁ ନେମାର ଆହତ

ରିଓ ଡି ଜେନେରୋ, ୩୦/୦୫: ଜୁନ୍ ୧୧ରୁ ଫିଫା ଫୁଟ୍ ବଲ ବିଶ୍ୱକପ୍ ଆରମ୍ଭ ହେଉଛି। ତେବେ ଏହା ପୂର୍ବରୁ ଅନ୍ୟତମ ଟାଇଟଲ ଫେଭରିଟ୍ ବ୍ରାଜିଲ ଚିନ୍ତାରେ ପଡ଼ିଯାଇଛି। ଦଳର ତାରକା ଷ୍ଟ୍ରାଇକର ନେମାର ଆହତ ହୋଇଛନ୍ତି। ତେଣୁ ନେମାର ବିଶ୍ୱକପ୍‌ର ପ୍ରାରମ୍ଭିକ ପର୍ଯ୍ୟାୟ ଖେଳିବା ନେଇ ସନ୍ଦେହ ରହିଛି। ତାଙ୍କ କ୍ଲବ୍ ସାଣ୍ଟସ ପାଇଁ ଖେଳୁଥିବା ବେଳେ ୩୪ ବର୍ଷ ବୟସ୍କ ନେମାର ଆହତ ହୋଇଥିଲେ। ତାଙ୍କ ଗୋଡ଼ ମାଂସପେଶୀରେ ଆଘାତ ଲାଗିଛି। ସୁସ୍ଥ ହେବା ଲାଗି ନେମାରଙ୍କୁ ୨ରୁ ୩ ସପ୍ତାହ ଲାଗିବ ବୋଲି ଦଳର ଡାକ୍ତର କହିଛନ୍ତି। ଫଳରେ ପାନାମା ଓ ଇଜିପ୍ଟ ବିପକ୍ଷରେ ନେମାର ଅଭ୍ୟାସ ମ୍ୟାଚ୍ ଖେଳିବେ ନାହିଁ।ଜୁନ୍ ୧୩ରେ ମରକ୍କୋ ବିପକ୍ଷରେ ବ୍ରାଜିଲ ପ୍ରଥମ ଗ୍ରୁପ୍ ଲିଗ୍ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ରେ ମଧ୍ୟ ନେମାରଙ୍କ ଖେଳିବା ସନ୍ଦେହଜନକ। ରିଓ ଡି ଜେନେରୋରେ ବ୍ରାଜିଲର ଅଭ୍ୟାସ ଶିବିର ଚାଲିଥିବା ବେଳେ ନେମାର ଦଳ ସହ ଥିଲେ ହେଁ ଅଭ୍ୟାସ କରୁନାହାନ୍ତି। ବ୍ରାଜିଲର ୨୬ ଜଣିଆ ଦଳରେ ନେମାର ରହିଛନ୍ତି। ତେବେ ଦେଶ ପାଇଁ ଖେଳିବାକୁ ସେ ଆଗ୍ରହ ଦେଖାଇ ନାହାନ୍ତି। ଆହତ ହେବା ଏବଂ ଖରାପ ଫର୍ମ ଯୋଗୁଁ ପ୍ରାୟ ୩ ବର୍ଷ ହେଲା ସେ ବ୍ରାଜିଲ ପାଇଁ ଖେଳିନାହାନ୍ତି। ବ୍ରାଜିଲ ପାଇଁ ନେମାର ୧୨୮ଟି ମ୍ୟାଚ୍ ଖେଳି ସର୍ବାଧିକ ୭୯ଟି ଗୋଲ୍ ଦେଇଛନ୍ତି।



## ହାର୍ଦ୍ଦିକ ପାଣ୍ଡ୍ୟା ଛାଡ଼ିବେ ମୁମ୍ବାଇ ଇଣ୍ଡିଆନ୍ସ, ରୋହିତଙ୍କୁ ମିଳିଲା ଗୁରୁ ଦାୟିତ୍ୱ!

ନୂଆଦିଲ୍ଲୀ, ୩୦/୦୫: ଆଇପିଏଲ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସରେ ଦେଖିବାକୁ ମିଳିଛି ଅପ୍ରତ୍ୟାଶିତ ସଙ୍କଟ। ଦଳର ଅଧିନାୟକ ପଦରୁ ହାର୍ଦ୍ଦିକ ପାଣ୍ଡ୍ୟା ବିଦା ହେବେ। ମୁମ୍ବାଇ ଇଣ୍ଡିଆନ୍ସ ପାଣ୍ଡ୍ୟାଙ୍କୁ ଅଧିନାୟକ ପଦରୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଛି। ଏହି ଖବର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବେଶ ବ୍ୟଥିତ କରିଛି। ମ୍ୟାନେଜମେଣ୍ଟ ସହ ତାଙ୍କର ସମ୍ପର୍କ ବି ଖରାପ ହୋଇ ଯାଇଛି। ଏଥିପାଇଁ ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଚଳିତ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ୧୪ଟି ମ୍ୟାଚ୍‌ରୁ କେବଳ ୪ଟି ଜିତିଥିଲା। ଏଥିପାଇଁ ଟିମ ମ୍ୟାନେଜମେଣ୍ଟ



ହାର୍ଦ୍ଦିକଙ୍କୁ ଅଧିନାୟକ ପଦରୁ ହଟାଇବାକୁ ଚାହୁଁଛି। ୨୦୨୪ ଆଇପିଏଲ ପୂର୍ବରୁ ଗୁଜରାଟ ଟାଇଟନ୍ସରୁ ଟ୍ରେଡ ଜରିଆରେ ମୁମ୍ବାଇ ହାର୍ଦ୍ଦିକଙ୍କୁ ଆଣିଥିଲା ଓ ତାଙ୍କୁ କ୍ୟାପ୍ଟେନ ପଦ ଦେଇଥିଲା। ହେଲେ ତାଙ୍କ କ୍ୟାପ୍ଟେନ୍ସିକୁ ନେଇ ପ୍ରଶ୍ନ ଉଠିବାରୁ ତାଙ୍କୁ ବିଦା କରିବାକୁ ମୁମ୍ବାଇ ନିଷ୍ପତ୍ତି ନେଇଛି। କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଠାରୁ ଏହି ଦାୟିତ୍ୱ କିଏ ନେବେ ? ସୂତ୍ର ଅନୁସାରେ, ଦଳର ବରିଷ୍ଠ ଖେଳାଳି ରୋହିତ ଶର୍ମାଙ୍କୁ ଏହି ପ୍ରସଙ୍ଗରେ ଗୁରୁଦାୟିତ୍ୱ ମିଳିଛି। ମୁମ୍ବାଇ ଇଣ୍ଡିଆନ୍ସର ପରବର୍ତ୍ତୀ ଅଧିନାୟକ ଏମିତି ଜଣେ ଖେଳାଳି ହେବେ, ଯାହାଙ୍କ ଉପରେ ରୋହିତ ଶର୍ମାଙ୍କ ଆଶୀର୍ବାଦ ରହିବ। ଅର୍ଥାତ ରୋହିତ ଶର୍ମାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସର ପରବର୍ତ୍ତୀ ଅଧିନାୟକ ଚୟନ କରିବାକୁ ଦାୟିତ୍ୱ ଦିଆଯାଇଛି। ସେ ନିଜ ଇଚ୍ଛାରେ ଏମିତି ଜଣେ ଖେଳାଳିଙ୍କୁ ଚୟନ କରିବେ, ଯିଏ ଦୀର୍ଘ ସମୟ ଧରି ଫ୍ରାଞ୍ଚାଇଜର ଅଧିନାୟକ ପଦରେ ରହିବେ। ମ୍ୟାନେଜମେଣ୍ଟ ଏବେ ବୁଝି ସାରିଛି ଯେ ୨୦୨୪ ଆଇପିଏଲ ପୂର୍ବରୁ ରୋହିତ ଶର୍ମାଙ୍କ ସ୍ଥାନରେ ହାର୍ଦ୍ଦିକଙ୍କୁ କମାଣ ଧରାଇବା ନିଷ୍ପତ୍ତି ଭୁଲ ଥିଲା। ଏହାର ପ୍ରଭାବ ଦଳର ପ୍ରଦର୍ଶନ ଉପରେ ମଧ୍ୟ ପଡ଼ିଛି। ତେଣୁ ଏବେ ଫ୍ରାଞ୍ଚାଇଜ ସମାନ ଭୁଲ ଆଉ ଦୋହରାଇବାକୁ ଚାହୁଁନି। ମୁମ୍ବାଇ ଇଣ୍ଡିଆନ୍ସରେ ରୋହିତ ଶର୍ମା ଜଣେ ପ୍ରମୁଖ ଖେଳାଳି ହୋଇଥିବାରୁ ତାଙ୍କୁ ପରବର୍ତ୍ତୀ ଅଧିନାୟକ ଚୟନ କରିବାକୁ କୁହାଯାଇଛି।

### କଥା ସ୍ୱାଭିମାନର ବିଚାର ଆପଣଙ୍କର..



ଶାରଦା ପ୍ରସନ୍ନ ସ୍ୱାଇଁ

# ମିଥ୍ୟା ପ୍ରତିଶ୍ରୁତି ବନାମ କକ୍ରୋଚ୍ ଜନତା ପାର୍ଟି

'କକ୍ରୋଚ୍ ଜନତା ପାର୍ଟି' ହେଉଛି ଭାରତରେ ସାମାଜିକ ଗଣମାଧ୍ୟମରେ ଆରମ୍ଭ ହୋଇଥିବା ଏକ ବ୍ୟଙ୍ଗାତ୍ମକ ତଥା ଯୁବ-କେନ୍ଦ୍ରୀକ ଆନ୍ଦୋଳନ, ଯାହା ଶାସକ ଭାରତୀୟ ଜନତା ପାର୍ଟି କୁ ଟାର୍ଗେଟ୍ କରି ଚର୍ଚ୍ଚାକୁ ଆସିଛି। ସୁପ୍ରିମ୍ କୋର୍ଟର ଜଣେ ମୁଖ୍ୟ ବିଚାରପତି ଏକ ଶୁଣାଣି ସମୟରେ ବେକାର ଯୁବକ ଏବଂ ୟୁଟ୍ୟୁବର୍‌ମାନଙ୍କୁ ବ୍ୟଙ୍ଗ କରି 'କକ୍ରୋଚ୍' (ଅସରପା) କହିବା ପରେ ଏହି ବିବାଦ ଆରମ୍ଭ ହୋଇଥିଲା। ରାଜନୈତିକ ରଣନୀତିକାର ଅଭିଜିତ ଦୀପକେ ଏହି ଅପମାନକୁ ଏକ ଅସ୍ତ୍ର କରି ମଜାକରେ 'କକ୍ରୋଚ୍ ଜନତା ପାର୍ଟି' ଗଠନ କରିଥିଲେ।ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ଏହାର ଇନଷ୍ଟାଗ୍ରାମ ଆକାଉଣ୍ଟରେ ୨ କୋଟିରୁ ଅଧିକ ଫଲୋଅର୍ସ ହୋଇଯାଇଥିଲେ, ଯାହା ବିଜେପିର ସରକାରୀ ଆକାଉଣ୍ଟଠାରୁ ମଧ୍ୟ ଅଧିକ। ଏହି ଆନ୍ଦୋଳନ ମାଧ୍ୟମରେ ଦେଶର ଯୁବପିଢ଼ି ବେକାରୀ ସମସ୍ୟା, ମହଙ୍ଗା ପରିସ୍ଥିତି ଏବଂ ପରୀକ୍ଷା ପେପର ଲିକ୍‌କୁ ନେଇ ସରକାରଙ୍କୁ ବିରୋଧ କରୁଛନ୍ତି। କକ୍ରୋଚ୍ ଜନତା ପାର୍ଟି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛି। ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସିଜେପିର ୱେବସାଇଟ୍ ଏବଂ ଏହାର 'ଏକ୍ସ' (ଟ୍ୱିଟର) ଆକାଉଣ୍ଟକୁ ବ୍ଲକ୍ କରିଦେଇଛନ୍ତି। ବିଜେପି ନେତାମାନେ ଏହାକୁ ଗଣତନ୍ତ୍ର ବିରୋଧୀ ଏବଂ ବିଦେଶୀ ଷଡ଼ଯନ୍ତ୍ର ବୋଲି କହୁଥିବା ବେଳେ ବିରୋଧୀ ଦଳଗୁଡ଼ିକ ଏହି ଯୁବ ଆନ୍ଦୋଳନକୁ ସମର୍ଥନ କରୁଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଖାମଖିଆଲି ବୟାନ ଯୋଗୁ ଆଜି ସାରା ଦେଶରେ କକ୍ରୋଜ ଜନତା ପାର୍ଟି ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି ଏମିତିକି କୋଡ଼ିଏ ମିଲିୟନ ଲୋକ ଯୋଡ଼ିହେଲେଣି ବୋଲି ଚର୍ଚ୍ଚା। ହେଉଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏଇ ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ କେତେ ମାତ୍ରାରେ ଜନ ଆସୋନ୍ତୋଷ ରହିଛି । ବିଶେଷ କରି ଯୁବ ସମାଜ ଘୋର ବିରୋଧ କରୁଥିବା ଦେଖିବାକୁ ମିଳୁଛି । ମୁଖ୍ୟ କାରଣ ବେରୋଜଗାରୀ ବୋଲି ଜଣା ପଡୁଛି। ଦୁର୍ନୀତିର ଚେର ମଧ୍ୟ ପଞ୍ଚାୟତ ଅଫିସରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଦପ୍ତର ଯାଏଁ ଲମ୍ବିଛି । ପିସି କାରବାର ସାରା ଦେଶକୁ କ୍ୟାନ୍ସର ଭଳି ବ୍ୟାପିଛି। ସାଧାରଣ ଲୋକଟି ତାର ମୌଳିକ ସୁବିଧା ଟିକକ ପାଇ ପାରୁନି। ବିନା ଲାଞ୍ଚ କାରବାରରେ ଚାକିରି ମିଳିବା ବା ବିନା ଦୁର୍ନୀତି ରେ ବିଭିନ୍ନ ଚାକିରୀ ପାଇଁ ହେଉଥିବା ପରୀକ୍ଷା ମଧ୍ୟ ସମ୍ଭବପର ହେଉ ନାହିଁ । କେଉଁଠି ପ୍ରଶ୍ନପତ୍ର ଲିକ୍ ହେଲାଣି ତ କେଉଁଠି ଉତ୍ତର ପେପରରେ ଟଙ୍କା ନେଇ ମାର୍କ ବଢ଼ିଗଲାଣି । ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଧିରେ ଧିରେ ଅନ୍ଧାର ଭିତରକୁ ଠେଲି ହେଇ ଯାଉଛି । ରାଜ୍ୟ ସରକାର ବା କେନ୍ଦ୍ର ସରକାର କାହାର ବି ନିଘା ନାହିଁ । ଭଲ ସ୍ୱାସ୍ଥ୍ୟ ସେବାବି ଟିକେ ମିଳୁନି, ଶିକ୍ଷା ବ୍ୟବସ୍ଥା ପୁରା ଚୁଲିକୁ ଗଲାଣି, ଗମନାଗମନ ସୁବିଧା କହିଲେ ନଚଳେ, ଚାଷୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଓ ପ୍ରକୃତି ସବୁ କିଛି ଦେଇଥିବା ସତ୍ତ୍ୱେ ପର୍ଯ୍ୟଟନ କ୍ଷେତ୍ରରେ ଆମେ ଦେଶ ମଧ୍ୟରେ ସବୁଠୁ ପଛୁଆ । ଶିଳ୍ପ କ୍ଷେତ୍ରରେ ଓଡ଼ିଆ ମାନଙ୍କୁ ସୁଯୋଗ ମିଳୁନି । ଦାଦନ ଖଟିବାକୁ ଆମ ଯୁବପିଢ଼ି ବାହାର ରାଜ୍ୟକୁ ଯାଉଛନ୍ତି । ଆମ ରାଜ୍ୟ ଗରିବ ବୋଲି ପୁରା ଭାରତ ଜାଣିଛି ଏବଂ ମୋଦି ମଧ୍ୟ ବାରଣାସୀରେ ତାଙ୍କ ଭାଷଣରେ କହିଥିଲେ ଯଦି ଗରିବୀ ଦେଖିବାର ଅଛି ତାହେଲେ ଓଡ଼ିଶା ଯାଅ । କିନ୍ତୁ ଏହି ଗରିବ ମାଟିରେ କଣ ଅଛିଯେ ଭାରତର ସବୁଠୁ ଧନୀ ବ୍ୟକ୍ତି ମାନେ ନିଜର ବ୍ୟବସାୟ ଏଇଠି ହିଁ କରୁଛନ୍ତି ଏହା ଚିନ୍ତା କରିବା ଆବଶ୍ୟକ । ଅଜବ ଗଜବ କଥା ହେଉଛି କି ଆମେ ମାନେ ସମସ୍ତେ ସୋସିଆଲ ମିଡିଆ ଓ ହ୍ୱାଟସପ୍ ର ବେଷ୍ଟ ତେଣୁ ନିଜ ଦେଶ ବା ରାଜ୍ୟ ପାଇଁ ଯେଉଁ ମୌଳିକ କର୍ତ୍ତବ୍ୟ ପାଳନ କରିବା କଥା ତାହା ଆମେମାନେ କରୁନାହାଁନ୍ତି । ନାରୀ ମାନେ କେତେ ଅସୁରକ୍ଷିତ ତାହା ସବୁଦିନ ସକାଳୁ ଖବର କାଗଜ ଖୋଲିଲେ ବା ଟିଭିରେ ନ୍ୟୁଜ୍ ଦେଖିଲେ ଜାଣି ପାରିବେ । ରାତି ପାହିଲେ ହଣା ମରା, ବାଡ଼ିଆ ପିଟା, ଚୋରି ଡକାୟତି, ଧର୍ଷଣ, ଲୁଣ୍ଠନ, ରାହାଜାନୀ ଭଳି ବ୍ୟଭିଚାରର ଖବର କେବଳ ପାଇବେ । ଆଇନି ଶୃଙ୍ଖଳା ପରିସ୍ଥିତି ପୁରା ବିପର୍ଯ୍ୟସ୍ତ । ନେତା ଠାରୁ ଆରମ୍ଭ କରି ଅଫିସର ଯାଏଁ ଏଠି ସମସ୍ତେ ଲାଞ୍ଚୁଆ । ଅଳ୍ପ କିଛି ଟଙ୍କା ଓ ମଦ ମାଂସ ରେ ଆମ ଭୋଟ ଖଣ୍ଡିକ ଆମେ କାହାକୁ ଦଉଛେ ଆମେ ଜାଣିପାରୁନେ ଯାହାର ଫଳ ସ୍ୱରୂପ ଆମେ ନାନା ଅସୁବିଧାର ସମ୍ମୁଖୀନ ହେଉଛେ ଓ ଆଗାମୀ ପିଢୀର ଭବିଷ୍ୟତକୁ ନର୍କକୁ ଠେଲି ଦେଉଛେ। ଏବେ ସହିବାର ସବୁ ସୀମା ଟପି ଯାଇଛି, ବର୍ତ୍ତମାନ ଚେତିବା ଓ ଚେତେଇ ଦେବାର ସମୟ ଆସିଛି । ଜଣେଇ ଦେବାକୁ ହେବ ଏଇ ଭ୍ରଷ୍ଟ ଓ ଚରିତ୍ରହିନ ନେତା ମାନଙ୍କୁ ଯେ ଆମେ ହେଉଛୁ ସେହି ବୀର ମାଟିର ସନ୍ତାନ ଯେଉଁ ମାଟିକୁ ରକ୍ଷା କରିବାକୁ ଯାଇ ଶହ ଶହ ଲୋକ ନିଜ ଜୀବନକୁ ବାଜି ଲଗାଇ ଦୁଇଶହ ବର୍ଷର କ୍ରୁର ଇଂରେଜ ସରକାର ବିରୁଦ୍ଧରେ ଲଢ଼େଇ କରିଥିଲେ, ଓ ଶେଷରେ ଇଂରେଜ ସରକାର ମଧ୍ୟ ଲୁଚିକି ଛାଡିକି ପଳାଇବାକୁ ବାଧ୍ୟ ହୋଇଥିଲା। ତେଣୁ ଏହି ଭ୍ରଷ୍ଟ ସରକାରକୁ ସମ୍ପୂର୍ଣ୍ଣ ଭାବେ ଓପାଡ଼ି ଫୋପାଡ଼ିବାକୁ ବେଶୀ ସମୟ ଲାଗିବନି । କେବଳ ଏକତାର ଆବଶ୍ୟକତା ରହିଛି କାରଣ ଏକତା ହିଁ ବିଜୟ ଓ ବିଜୟ ହିଁ ବିକଳ୍ପ । ତେଣୁ ସମୟ ଆସିଛି **'ପରିବର୍ତ୍ତନ ପାଇଁ ସମର୍ଥନ'** ।

ଆସନ୍ତୁ ଯୁବ ଶକ୍ତି ଏକାଠି ହେବା ଏକ ବୈପ୍ଳବିକ ପରିବର୍ତ୍ତନ ଆହ୍ୱାନ ଦେବା ଓ ବିପ୍ଳବ ଆଣିବା-ବିକଳ୍ପ ବାଛିବା-ବିକାଶ କରିବା ।

**ଶାରଦା ପ୍ରସନ୍ନ ସ୍ୱାଇଁ**
**ସାଧାରଣ ସଂପାଦକ**
**ଜନ ଜାଗରଣ**

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/ 1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra